

**ପୁଣି ଫେରିବ ରଣବୀର-ଆଦିତ୍ୟ ଯୋଡ଼ି**
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-69 ◆TUESDAY ◆2 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୯ ◆ମଙ୍ଗଳବାର ◆୨ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଉଠିଲା ସୁନା ଦର; ଖସିଲା ଟଙ୍କା ମୂଲ୍ୟ

■ **ଭୁବନେଶ୍ୱର, ୧।୯ (ଏଜେନ୍ସି):** ସୁନା ଏବେ ଅମୂଲ ମୂଲ। ଦିନକୁ ନୂଆ ନୂଆ ରେକର୍ଡ ସ୍ତରରେ ପହଞ୍ଚୁଛି ଏହି ହଳଦିଆ ଧାତୁ। ହେଲେ ଏଥିରେ ରୁପା ବି ପଛରେ ପଡିନି। ଏବେ ସୁନା ସହ ରୁପା ଦର ମଧ୍ୟ ସବୁ ପୁରୁଣା ରେକର୍ଡ ଭାଙ୍ଗିଛି। ସୋମବାର ଘରୋଇ ବଜାରରେ ସୁନା ଦର ୧.୦୫ ଲକ୍ଷ ଟଙ୍କା ଅତିକ୍ରମ କରି ନୂଆ ରେକର୍ଡ ସ୍ତରରେ ପହଞ୍ଚିଛି। ଏମ୍ସିଏକ୍ସରେ ସୁନା ମୂଲ୍ୟ ସମସ୍ତ ପୁରୁଣା ରେକର୍ଡ ଭାଙ୍ଗି ପ୍ରଥମ ଥର ପାଇଁ

**୧୦ ଗ୍ରାମ୍ ପିଛା ୧.୦୫ ଲକ୍ଷ ଟପିଲା**

**ରୁପା କିଲୋ ୧.୨୮ ଲକ୍ଷ ଉପରେ**



ପ୍ରତି ୧୦ ଗ୍ରାମ ୧,୦୫,୭୨୯ ଟଙ୍କାର ନୂତନ ସର୍ବୋଚ୍ଚ ସ୍ତର ଛୁଇଁଛି।

ଅନ୍ୟପକ୍ଷରେ ଦିନକୁ ଦିନ ଭାରତୀୟ ମୁଦ୍ରା 'ଟଙ୍କା' ଆମେରିକୀୟ ଡଲାର ତୁଳନାରେ ଖସିବାରେ ଲାଗିଛି। ସୋମବାର ଏକ ଡଲାରର ମୂଲ୍ୟ ଭାରତୀୟ ମୁଦ୍ରାରେ ୮୮.୨୫ ଟଙ୍କାରେ ପହଞ୍ଚିଛି।

ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୦୫,୮୭୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ଦର ▶ପୃଷ୍ଠା-୭

## ଲିଭ ଇନ୍ ପାର୍ଟନରଙ୍କୁ ଜିଅନ୍ତା ଜାଳି ହତ୍ୟା

■ **ବେଙ୍ଗାଲୁରୁ, ୧।୯ (ଏଜେନ୍ସି):** କର୍ଣ୍ଣାଟକର ବେଙ୍ଗାଲୁରୁରେ ଶନିବାର ଏକ ଭୟଭିତ କଲାଭଳି ଅପରାଧ ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ନିଜ ଲିଭ୍-ଇନ୍ ପାର୍ଟନରଙ୍କୁ ଜିଅନ୍ତା ଜାଳିଦେଇଛନ୍ତି। ଅଭିଯୁକ୍ତ କାର୍‌ରେ ବସିଥିବା ପାର୍ଟନରଙ୍କର ପିଛା କରିଥିଲେ। ସିଗ୍‌ନାଲରେ କାରକୁ ଅଟକାଇ ବ୍ୟକ୍ତି ଜଣକ ଏହି କାଣ୍ଡ ଘଟାଇଥିଲେ।

**ଅଭିଯୁକ୍ତ ଗିରଫ**



କାରରେ ମୋଟ ୩ ଜଣ ଲୋକ ବସିଥିଲେ। ମହିଳା ଜଣକ କାରରୁ ଓହ୍ଲାଇ ଦୌଡ଼ିଥିଲେ ମଧ୍ୟ ଅଭିଯୁକ୍ତ ତାଙ୍କୁ ପିଛା କରିଥିଲେ ଓ ତାଙ୍କ ଉପରେ ପେଟ୍ରୋଲ ଢ଼ାଳି ଲାଇଟର ଯୋଗେ ନିଆଁ ଲଗାଇଥିଲେ। ମହିଳାଙ୍କ ଶରୀରର ୬୦ ପ୍ରତିଶତ ଜଳିଯାଇଥିଲା। ହସ୍ପିଟାଲରେ ଚିକିତ୍ସା ଅବସରରେ ସେ ମୃତ୍ୟୁବରଣ କରିଥିଲେ। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଅଭିଯୁକ୍ତ ହେଉଛନ୍ତି ୫୦ ବର୍ଷୀୟ କ୍ୟାବ ଡ୍ରାଇଭର ଭିଠାଲ। ସେ ଜଣେ ଅଭ୍ୟାସଗତ ମଦ୍ୟପ। ମୃତକ ମହିଳାଙ୍କ ନାମ ▶ପୃଷ୍ଠା-୭

### ପ୍ରଚଣ୍ଡ ଭୂକମ୍ପରେ ଆଫଗାନିସ୍ତାନ ଥରହର

# ୧୦୦୦ରୁ ଊର୍ଦ୍ଧ୍ୱ ମୃତ, ୩୦୦୦ ଆହତ

■ **କାବୁଲ, ୧।୯ (ଏଜେନ୍ସି):** ଆଫଗାନିସ୍ତାନରେ ରବିବାର ମଧ୍ୟରାତିରେ ଭୟଙ୍କର ଭୂକମ୍ପ ହୋଇଛି। ୬.୩ ତୀବ୍ରତାର ଏହି ଭୂକମ୍ପ ବିପର୍ଯ୍ୟୟ ସୃଷ୍ଟି କରିଛି। ଅନେକ ଘର ଦ୍ୱାର ଭାଙ୍ଗି ଆବର୍ଜନାର ପାହାଡ଼ ସୃଷ୍ଟି କରିଛି। ରାତିରେ ଶୋଇଥିବାବେଳେ

**ରାତି ଅଧରେ କମ୍ପିଉଠିଲା ସାରା ଦେଶ**

**ମାଟିରେ ମିଶିଗଲେ କୋଠା ସହିତ ଲୋକ**

ଏହି ଭୂକମ୍ପ ଆସିଥିବାରୁ ଅନେକ ଜୀବନହାନି ହୋଇଛି। କେହି କିଛି ବୁଝିବା ଆଗରୁ ବଡ଼ ବଡ଼ କୋଠାବାଡ଼ି ମାଟିରେ ମିଶିଯାଇଛି। ବାହାରକୁ ବାହାରିବାକୁ କାହାକୁ ସମୟ ମିଳି ନ ଥିଲା। ଏହି ଅବଶେଷ ତଳେ ଚାପି ହୋଇ ୧୦୦୦ରୁ ଅଧିକ ଲୋକଙ୍କ ଜୀବନ



ଯାଇଛି। ୩୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଅନେକ ଲୋକ ଫସି ରହିଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ଏବେ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଏହି ବଡ଼ ଭୂକମ୍ପ ପରେ ରାତା ସାରା ଗୋଟିଏ ପରେ ଗୋଟିଏ ଚାରୋଟି ଭୂକମ୍ପ ଆସିଥିଲା। ଏହା ଲୋକଙ୍କ ସମସ୍ୟାକୁ ବହୁଗୁଣିତ କରିଥିଲା।

ଆମେରିକା ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା ଅନୁଯାୟୀ ନଙ୍ଗରହାର ପ୍ରଦେଶର ଜଲାଲାବାଦରେ ହୋଇଥିବା ଏହି ଭୂକମ୍ପର ତୀବ୍ରତା ୬.୩ ଥିଲା। ସହରରୁ ୨୭ କିମି ଦୂରରେ ଏହାର କେନ୍ଦ୍ରସ୍ଥଳ ଥିଲା। ଭୂପୃଷ୍ଠରୁ ୮ କିମି ଗଭୀରତାରେ ଏହା ସୃଷ୍ଟି ହୋଇଥିଲା। କୁନାର ପ୍ରଦେଶରେ ଏହା ସର୍ବାଧିକ କ୍ଷତି ଘଟାଇଛି। ଏହା ପରେ ୪.୭ ତୀବ୍ରତାର ଆଉ ଏକ ଭୂକମ୍ପ ଆସିଥିଲା। ପାକିସ୍ତାନର ଖୈବର ପଖ୍ତୁନଖ୍ୱା, ପଞ୍ଜାବ ଏବଂ ଭାରତର ଗୁରୁଗ୍ରାମରେ ଭୂକମ୍ପର ମୃଦୁ ଝଟ୍‌କା ମଧ୍ୟ ଅନୁଭୂତ ହୋଇଥିଲା। ▶ପୃଷ୍ଠା-୭

## ଶିକ୍ଷକ ଯୋଗ୍ୟତା ପରୀକ୍ଷା ବାଧ୍ୟତାମୂଳକ

### ପାସ୍ ନ କଲେ ଚାକିରି ଯିବ, ୨୦୧୨ ପୂର୍ବରୁ ନିଯୁକ୍ତ ଶିକ୍ଷକଙ୍କ ପାଇଁ ଲାଗୁ

■ **ନୂଆଦିଲ୍ଲୀ/ଭୁବନେଶ୍ୱର, ୧।୯ (ସମିସ):** ଶିକ୍ଷକଙ୍କ ପାଇଁ ଯୋଗ୍ୟତା ପରୀକ୍ଷା (ଟିଇଟି) ବାଧ୍ୟତାମୂଳକ କରାଯାଇଛି। ଯେଉଁମାନେ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନାହାନ୍ତି, ସେମାନଙ୍କୁ ଦୁଇବର୍ଷ ମଧ୍ୟରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ; ଅନ୍ୟଥା ସେମାନଙ୍କୁ ଆଉ ପଦୋନ୍ନତି ମିଳିବ ନାହିଁ। ଏପରିକି ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇ ପାରିବ। ଏନେଇ ସର୍ବୋଚ୍ଚ ନ୍ୟାୟାଳୟରେ ଦାୟର ହୋଇଥିବା ଏକାଧିକ ମାମଲାର ଶୁଣାଣି କରି ଜଷ୍ଟିସ ଦୀପଙ୍କର ଦତ୍ତା ଓ ଅଗଷ୍ଟିନ ଜର୍ଜ ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ରାୟ ଦେଇଛନ୍ତି।

ଦୁଇ ଜଣିଆ ଖଣ୍ଡପୀଠ ଆହୁରି କହିଛନ୍ତି ଯେ ଯେଉଁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଚାକିରି କାଳ ଆଉ



**ଓଡ଼ିଶାରେ ୭୫ ହଜାର ଶିକ୍ଷକ ଦେବେ ଓଟିଇଟି**

୫ ବର୍ଷ କିମ୍ବା ତା' ଠାରୁ କମ୍ ରହିଛି, ସେମାନଙ୍କ ପାଇଁ ଟିଇଟି ପରୀକ୍ଷା ବାଧ୍ୟତାମୂଳକ ନୁହେଁ। ହେଲେ ୫ବର୍ଷରୁ ଅଧିକ କାର୍ଯ୍ୟକାଳ ଥିବା ଶିକ୍ଷକ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ। ଟିଇଟି ବିନା ସେମାନଙ୍କ ପଦୋନ୍ନତି ବିଚାରକୁ ନିଆଯିବ ନାହିଁ। ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ସେମାନଙ୍କୁ ଦୁଇ ବର୍ଷ ପ୍ରଦାନ କରାଯିବ। ତନ୍ମଧ୍ୟରେ ସେମାନେ ପାସ୍ କରିବା ବାଧ୍ୟତାମୂଳକ। ଫେଲ୍ ହେଉଥିବା ଶିକ୍ଷକ/ଶିକ୍ଷୟିତ୍ରୀ ଚାକିରି ଛାଡ଼ି ପାରିବେ। ଅନ୍ୟଥା ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ବ୍ୟତୀତ ଅନ୍ୟ ସମସ୍ତ ଶିକ୍ଷାନୁଷ୍ଠାନ ପାଇଁ ଏହି ନିୟମ ଲାଗୁ ହେବ। ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ▶ପୃଷ୍ଠା-୭

## ୪ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୧।୯ (ସମିସ):** ସୋମବାରଠାରୁ ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମିଳିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରେ ବିଜେପିର ଶୀର୍ଷ ନେତୃତ୍ୱଙ୍କ ସହ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ଭେଟିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

**ମନ୍ତ୍ରିମଣ୍ଡଳ ପୁନର୍ଗଠନ ନେଇ ହୋଇପାରେ ନିଷ୍ପତ୍ତି**

**ସଂଗଠନ ସମ୍ପର୍କରେ ମଧ୍ୟ ହେବ ଆଲୋଚନା**



ରାଜ୍ୟରେ ବିଜେପି ସରକାରକୁ ୧୪ ମାସ ପୂରି ୧୫ ମାସ ଚାଲୁଥିଲେ ହେଁ ଏଯାବତ୍ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ହୋଇପାରିଲା ନାହିଁ।

ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ସେମିକନ ଇଣ୍ଡିଆ ୨୦୨୫ ସମ୍ମିଳନୀ ଓ ୫୬ତମ ଜିଏସଟି ପରିଷଦ ସମ୍ମିଳନୀରେ ମଧ୍ୟ ଯୋଗ ଦେବେ। ତେବେ ମୁଖ୍ୟମନ୍ତ୍ରୀ ଏହି ୪ ଦିନିଆ ଗସ୍ତ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏବଂ ସାଂଗଠନିକ ବ୍ୟାପାର ସମ୍ପର୍କରେ ମଧ୍ୟ ଆଲୋଚନା ହେବ ବୋଲି ସୂଚନା ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏକାଧିକ ଥର ଦିଲ୍ଲୀଗସ୍ତରେ ଯାଇ ଏନଇ ଉଦ୍ୟମ କରିଥିଲେ ହେଁ ତାହା ଫଳପ୍ରଦ ହୋଇପାରି ନାହିଁ। ଶେଷ ମୂହୂର୍ତ୍ତରେ ମୋହନ-ମନମୋହନଙ୍କ ଉଦ୍ୟମ ଫସର ଫାଟିଥିବା ବେଳେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ▶ପୃଷ୍ଠା-୭

## ୨୪ ଘଣ୍ଟାରେ ଲଘୁଚାପ

### ୫ ଦିନ ଲାଗିରହିବ ବର୍ଷା

■ **ଭୁବନେଶ୍ୱର, ୧।୯ (ସମିସ):** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପୂର୍ବରୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ବର୍ଷାର ପ୍ରଭାବ ବଢ଼ିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ଲଘୁଚାପ ପ୍ରଭାବରେ ଆଗାମୀ ୫ ଦିନ ଯାଏଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ନେଇ ଆକଳନ କରାଯାଇଥିବା ବେଳେ ୨ ଓ ୩ ତାରିଖରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ୨ ଦିନ ପାଇଁ ସାରା ରାଜ୍ୟକୁ ବର୍ଷା ଜନିତ ଆଲର୍ଟ ଜାରି କରାଯାଇଛି। ଅନ୍ୟପଟେ ବର୍ତ୍ତମାନ ଘୂର୍ଣ୍ଣିବଳୟ ସହ ମୌସୁମୀ ଟ୍ରଫ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି। ବିଶେଷ କରି ଦକ୍ଷିଣ ଓଡ଼ିଶାର କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହୋଇଛି। ଗତ ୩୬ ଘଣ୍ଟାରେ ▶ପୃଷ୍ଠା-୭

## ଥାନାରେ ଫିନାଇଲ୍ ପିଇଦେଲେ ନାବାଳିକା

■ **ବ୍ରହ୍ମପୁର, ୧।୯ (ସମିସ):** ପ୍ରେମିକ ସହ ଲୁଚିଲୁଚି ମିଳାମିଶା ପୁଲିସ୍ ଧରା ପକାଇ ଦେବାରୁ ପରିବାରଲୋକଙ୍କ ସାମ୍ନାରେ ଥାନା ଭିତରେ ଫିନାଇଲ ପିଇଦେଲେ ନାବାଳିକା। ଗୋପାଳପୁର ଥାନାରେ ଆଜି ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଗୁରୁତର ନାବାଳିକାଙ୍କୁ ପୁଲିସ୍ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଛି। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାଯାଇଛି।

**ପ୍ରେମିକା ସହ ମିଳାମିଶା ଧରାପକାଇଦେଲା ପୁଲିସ୍!**

ସୂଚନାନୁଯାୟୀ, ନାବାଳିକା ଓ ତାଙ୍କ ପୁରୁଷ ବନ୍ଧୁ ଆଜି ଦିନ ପ୍ରାୟ ୧୧ଟା ବେଳେ ଗୋପାଳପୁର ବୁଲିବାକୁ ଆସିଥିଲେ। ସେମାନେ ଏକ ଲଜ୍‌କୁ ରୁମ୍ ବୁକ୍ କରିବାକୁ ଯାଇଥିଲେ। କିନ୍ତୁ ଲଜ୍ ମାଲିକଙ୍କ ସେମାନଙ୍କ ଉପରେ ସନ୍ଦେହ ହୋଇଥିଲା। ନାବାଳିକାଙ୍କୁ ୧୮ ବର୍ଷ ହୋଇନଥିବାରୁ ▶ପୃଷ୍ଠା-୭

### ରାଜ୍ୟ ସ୍ୱାସ୍ଥ୍ୟ ସେବାର ବିକଳ ଛବି

# ଅକ୍ସିଜେନ ଅଭାବରୁ ମହିଳା ମୃତ

■ **ଜଗତସିଂହପୁର, ୧।୯ (ସମିସ):** ଏକ ସମୟରେ ସାରା ଦେଶକୁ ଅକ୍ସିଜେନ୍ ଯୋଗାଉଥିଲା ଓଡ଼ିଶା। କୋଭିଡ୍ କାଳରେ ସାରା ଦେଶର ରୋଗୀ ଅକ୍ସିଜେନ୍ ଅଭାବରେ ଛଟପଟ ହେଉଥିବା ସମୟରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ରାଜ୍ୟକୁ ଅକ୍ସିଜେନ୍ ପଠାଇ ଲକ୍ଷଲକ୍ଷ ରୋଗୀଙ୍କ ଜୀବନ ରକ୍ଷା କରିବାକୁ ସମର୍ଥ ହୋଇଥିଲେ। ମାତ୍ର ବିଡ଼ମ୍ବନା ହେଉଛି, ଏବେ ଓଡ଼ିଶାରେ ରୋଗୀ ଅକ୍ସିଜେନ୍ ଅଭାବରୁ ମୃତ୍ୟୁର ଶିକାର ହେଉଛନ୍ତି। ବିନା ଅକ୍ସିଜେନ୍‌ରେ ଜଣେ ରୋଗୀଙ୍କୁ ଆମ୍ବୁଲାନ୍ସରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଉଥିବା ସମୟରେ




**ବିନା ଅକ୍ସିଜେନ୍‌ରେ ସେବାକୁ ନେଇ ଉତ୍ତେଜନା**

**ଆମ୍ବୁଲାନ୍ସ କାଚ ଭାଙ୍ଗିଦେଲେ ଉତ୍ୟକ୍ତ ଲୋକେ**

ସେ ମୃତ୍ୟୁବରଣ କରିଛନ୍ତି; ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। କ୍ରୋଧାନ୍ୱିତ ହୋଇ ଲୋକମାନେ ଆମ୍ବୁଲାନ୍ସକୁ ଭଙ୍ଗାରୁଜା କରିଥିବା ମଧ୍ୟ ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଅଁଳା ପଞ୍ଚାୟତ ବ୍ରାହ୍ମଣଖଣ୍ଡ ଗ୍ରାମର ବରିଷ୍ଠ ଆଇନଜୀବୀ ପୀତାମ୍ବର ପଣ୍ଡାଙ୍କ ପତ୍ନୀ କମଳା ପଣ୍ଡା ଗତକାଲି ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। '୧୦୮' ଆମ୍ବୁଲାନ୍ସ କିମ୍ବା ଚିକିତ୍ସାଳୟରେ ସେବା ଯୋଗାଉଥିବା ଅନ୍ୟ କୌଣସି ଆମ୍ବୁଲାନ୍ସ ନ ମିଳିବାରୁ ▶ପୃଷ୍ଠା-୭



# ନେତା ଯେଉଁଠି ପଶୁଛନ୍ତି, ସେଇଠି ନିଆଁ ଲଗାଉଛନ୍ତି

ନୂଆଦିଲ୍ଲୀ, ୩୧୯ (ଏଜେନ୍ସି):ଧର୍ମ କାମରୁ ନେତାମନ୍ତ୍ରୀଙ୍କୁ ଦୂରେଇ ରଖିବା ପାଇଁ ଲୋକଙ୍କୁ ନିବେଦନ କରିଛନ୍ତି କେନ୍ଦ୍ର ସଡ଼କ ପରିବହନମନ୍ତ୍ରୀ ନିତିନ ଗଡ଼କରୀ। ଧର୍ମ ଆଳରେ ରାଜନୀତି ସମାଜ ପାଇଁ କ୍ଷତିକାରକ ବୋଲି ସେ କହିଛନ୍ତି। ରବିବାର ନାଗପୁରର ମହାନୁଭବ ପନ୍ଥ ସମ୍ମିଳନୀରେ ସାମିଲ ହୋଇ ଗଡ଼କରୀ ଏହି ଟିପ୍ପଣୀ ଦେଇଥିଲେ।

କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ରାଜନୀତିଜ୍ଞ ଯେଉଁଠି ପ୍ରବେଶ କରନ୍ତି, ସେଠାରେ ନିଆଁ ଲଗାଇ ଦିଅନ୍ତି। କ୍ଷମତା ହାତରେ ଧର୍ମକୁ ଦେଲେ କ୍ଷତି ହିଁ ହେବ। ଧର୍ମ କାର୍ଯ୍ୟ, ସମାଜ କାର୍ଯ୍ୟ ଏବଂ ରାଜନୈତିକ କାର୍ଯ୍ୟ ଅଲଗା ହୋଇଥାଏ। ଧର୍ମ ବ୍ୟକ୍ତିଗତ ଶ୍ରଦ୍ଧାର ବିଷୟ। କିଛି ରାଜନୀତିଜ୍ଞ ଏହାକୁ ବ୍ୟବହାର କରିଥାନ୍ତି। ଏଥିଯୋଗୁଁ ବିକାଶ ଏବଂ ନିଯୁକ୍ତି ପ୍ରସଙ୍ଗ ଗୌଣ ପାଲଟି ଯାଏ। ପ୍ରତ୍ୟେକ କ୍ଷେତ୍ରରେ ମୂଲ୍ୟବୋଧର ଗୁରୁତ୍ୱ ରହିଛି। ସତ୍ୟ, ଅହିଂସାର ଭାବ ବଜାୟ ରହିବା ଜରୁରୀ। କିନ୍ତୁ ସେ ଯେଉଁ ରାଜନୀତି କ୍ଷେତ୍ରରେ ଅଛନ୍ତି ସେଠାରେ ସତ କହିବା ମନା।

**ରାଜନୀତିରେ ସତ କହିବା ମନା**

**ଅନ୍ୟକୁ ବୋକା ବନାଉଥିବା ଲୋକ ଭଲ ନେତା ହୁଅନ୍ତି**

ରାଜନୀତିରେ ଏପରି ଲୋକ ଅଛନ୍ତି ଯେଉଁମାନେ ଆଗ୍ରହ, ନୂତନ ଉତ୍ସାହ ଏବଂ ଆନନ୍ଦର ସହିତ କାମ କରିଥାନ୍ତି। ତେବେ ଯେଉଁମାନେ ଅନ୍ୟମାନଙ୍କୁ ବୋକା ବନାଇବାରେ ସିଦ୍ଧହସ୍ତ ହୁଅନ୍ତି ସେମାନେ ସେତେ ଭଲ ନେତା ପାଲଟି ଯାଆନ୍ତି।

ଜୀବନ ବିଷୟରେ ଉଲ୍ଲେଖ କରି କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ସତ୍ୟ ପାଳନ କରିବା ଉଚିତ। କାହାକୁ ଦୁଃଖ ଦେବା ଅନୁଚିତ। ସମାଜରେ ସଚ୍ଚୋଟତା, ବିଶ୍ୱସନୀୟତା ଏବଂ ସମର୍ପଣ ଭଳି ମୂଲ୍ୟବୋଧ ଅତ୍ୟନ୍ତ ଜରୁରୀ। ତେବେ ବିନା ପରିଶ୍ରମ (ସର୍ଟକଟ୍)ରେ କିଛି ପାଇବା ପାଇଁ ଆଶା କରିବା ଅନୁଚିତ। କାରଣ ଏପରି ପନ୍ଥା ଆପଣାଇଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିଲେ ବି ସ୍ୱପ୍ନ ଅଧାରେ ରହିଯାଏ।

## ପୁଟିନଙ୍କ କାର୍ ଏକ ଚଳନ୍ତା ଦୁର୍ଗ

ତିଆନ୍‌ଜିନ୍, ୧।୯ (ଏଜେନ୍ସି): ଏସ୍‌ସିଓ ସମ୍ମିଳନୀରେ ନରେନ୍ଦ୍ର ମୋଦୀ ସୋମବାର ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ସାଥି ହୋଇ ତାଙ୍କ କାରରେ ଦ୍ୱିପାକ୍ଷିକ ବୈଠକ ସ୍ଥଳକୁ ଯାଇଥିଲେ। ଏଥିପାଇଁ ମୋଦୀଙ୍କୁ ପ୍ରାୟ ୧୦ ମିନିଟ ପର୍ଯ୍ୟନ୍ତ ପୁଟିନ ଅପେକ୍ଷା କରିଥିଲେ। ପୁଟିନଙ୍କ ଏହି କାରକୁ 'ଅରୁସ ସେନାଟ୍ ଲିମୋଜିନ୍' କୁହାଯାଇଥାଏ। ଏୟୁ ଓ ରୁଷ୍ ଦୁଇଟି ଶବ୍ଦକୁ ନେଇ ଏହି କାରର ନାମ ଅରୁସ ରଖାଯାଇଛି। ଏୟୁର ଅର୍ଥ ଓରମ ଅର୍ଥାତ ଲାଟିନ୍ ଭାଷାରେ ଏହାର ଅର୍ଥ ସୁନା। ସେହିପରି ରୁଷ୍‌ର ଅର୍ଥ ରୁଷିଆ। ୨୦୧୮ରେ ପୁଟିନଙ୍କ ଚତୁର୍ଥ ଶପଥ ଗ୍ରହଣ ଉତ୍ସବରେ ଏହି କାର୍‌କୁ ପ୍ରଥମଥର ପାଇଁ ବ୍ୟବହାର କରାଯାଇଥିଲା। ଏହି କାରକୁ ରୁଷିଆର ଅରୁସ ମୋଟର୍ସ ତିଆରି କରିଥିଲା। ଆମେରିକା ରାଷ୍ଟ୍ରପତିଙ୍କ କାର୍ ବିଷ୍ଟଠାରୁ ଏହାର ସୁରକ୍ଷା ବୈଶିଷ୍ଟ୍ୟ ଅଧିକ ମଜବୁତ। ସେଥିପାଇଁ ଏହାକୁ 'ଚଳନ୍ତା ଦୁର୍ଗ' କୁହାଯାଏ। ଅରୁସ ସେନାଟ୍ ଲିମୋଜିନ୍' ମାତ୍ର ୬ ସେକେଣ୍ଡ ମଧ୍ୟରେ ଘଣ୍ଟାପ୍ରତି ଶୂନରୁ ୧୦୦ କିମି ବେଗରେ ଗତି କରିପାରିବ। ଏହାର ସର୍ବାଧିକ ଘଣ୍ଟାପ୍ରତି ବେଗ ୨୪୯ କିମି। ଏହି କାର୍ ଗୁଳି ଓ ଗ୍ରେନେଡ ଆକ୍ରମଣକୁ ପ୍ରତିହତ କରିବାର କ୍ଷମତା ରଖୁଛି। ଏଥିରେ ରନ୍- ଫ୍ଲାଟ ଟାୟାର ଲଗା ଯାଇଛି। ୬ ସେମିର ରେନ୍‌ଫୋର୍ସ କାଚ ଲଗାଯାଇଛି। ଏଥିରେ ଜରୁରୀକାଳୀନ ପ୍ରସ୍ଥାନର ବ୍ୟବସ୍ଥା ରହିଛି। ଏହା ଲମ୍ବ ୭ ମିଟର। ଅତିରିକ୍ତ ଅମ୍ଳଜାନ ସହ ଏହି କାର ରାସାୟନିକ ଆକ୍ରମଣକୁ ମଧ୍ୟ ପ୍ରତିହତ କରିପାରିବ।

## ଶାହବାଜ ସରିଫ୍‌ଙ୍କୁ ଅଣଦେଖା

ତିଆନଜିନ୍, ୧।୯ (ଏଜେନ୍ସି): ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେଇଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ୍ ଅଣଦେଖାର ଶିକାର ହୋଇଛନ୍ତି। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଏକ ଭିଡିଓରୁ ଏହା ସ୍ପଷ୍ଟ ହୋଇଛି। ଗୋଟେପଟେ ସମ୍ମିଳନୀରେ ବାକି ସବୁ ନେତା ସଂଯମ ଆଚରଣ କରିବା ସହ ଅତ୍ୟନ୍ତ ସହଜ ଭାବେ ଦେଖାଯାଉଥିବା ବେଳେ ଶାହବାଜଙ୍କ ହାବଭାବ ଭିନ୍ନ ମନେ ହେଉଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଫଟୋ ସେସନ ପରେ ଏକାଠି ଯାଉଥିଲେ। ଏତିକିବେଳେ ପଛରୁ ଶାହବାଜ ଅଚାନକ ମାଡି ଆସି ପୁଟିନଙ୍କ ସହ ହାତ ମିଳାଇବାକୁ ପ୍ରୟାସ କରୁଥିବାର ଭିଡିଓରେ ଦେଖାଯାଇଛି। ଶାହବାଜଙ୍କ ଏଭଳି ଆଚରଣକୁ ପାକିସ୍ତାନରେ ଲୋକେ ନାପସନ୍ଦ କରିଛନ୍ତି। ଏହି ସମ୍ମିଳନୀରେ ତାଙ୍କ ହାବଭାବ ପରିହାସର ପାତ୍ର ହୋଇଛି ବୋଲି କୁହାଯାଇଛି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଜିନ୍‌ପିଙ୍ଗ ଓ ପୁଟିନ ପରସ୍ପର ସହ ଅତ୍ୟନ୍ତ ଆତ୍ମୀୟତାର ସହ ଆଲୋଚନା କରୁଥିବାର ଦେଖାଯାଇଥିଲା। ଏହି ସମୟରେ ଶାହବାଜ ପଛରେ ଛିଡ଼ା ହୋଇଥିଲେ। ଏହା ପୂର୍ବରୁ ମୋଦୀ ଏବଂ ପୁଟିନ ଏକାଠି ହାତ ଯାଉଥିବାବେଳେ ଶାହବାଜ ଉଭୟଙ୍କୁ ଚାତକ ପରି ଚାହିଁ ରହିଥିଲେ। ସେ ସମ୍ମିଳନୀରେ ଭାରତକୁ ସମାଲୋଚନା କରିଥିଲେ ମଧ୍ୟ ସଦସ୍ୟ ରାଷ୍ଟ୍ର ଏହାକୁ ହାଲ୍‌କାରେ ନେଇଥିଲେ।

## ସରକାରୀ ବାସଭବନ ଛାଡ଼ିଲେ ପୂର୍ବତନ ଉପ-ରାଷ୍ଟ୍ରପତି ଧନଖଡ଼

ନୂଆଦିଲ୍ଲୀ, ୧।୯ (ଏଜେନ୍ସି): ପୂର୍ବତନ ରାଷ୍ଟ୍ରପତି ଜଗଦୀପ ଧନଖଡ ତାଙ୍କ ସରକାରୀ ବାସଭବନ ଛାଡ଼ିଛନ୍ତି। ସେ ଦକ୍ଷିଣ ଦିଲ୍ଲୀ ଛତାରପୁରସ୍ଥିତ ଆଇଏନ୍‌ଏଲଡି ନେତା ଅଭୟ ଚୌତାଲାଙ୍କ ଫାର୍ମ ହାଉସକୁ ଯାଇଛନ୍ତି। ଧନଖଡ ପାଖାପାଖି ମାସେ ହେବ ଉପ- ରାଷ୍ଟ୍ରପତ ପଦରୁ ଇସ୍ତଫା ଦେଇଥିଲେ। ଏହା ପରଠାରୁ ତାଙ୍କୁ ସାର୍ବଜନୀନ ସ୍ଥାନରେ ଦେଖିବାକୁ ମିଳି ନ ଥିଲା। ତେଣୁ ତାଙ୍କୁ ଗୃହବନ୍ଦୀ କରି ରଖାଯାଇଥିବା ନେଇ ବିରୋଧୀ ଅଭିଯୋଗ କରିଥିଲେ। ସେ ସଂସଦ ଭବନ ନିକଟରେ ଥିବା ଉପ- ରାଷ୍ଟ୍ରପତିଙ୍କ ବାସଭବନରେ ଏ ପର୍ଯ୍ୟନ୍ତ ରହୁଥିଲେ। ତାଙ୍କୁ ୩୪ ଏପିଜେ ଅବଦୁଲ କଲାମ ଆଜାଦ ମାର୍ଗରେ ଏକ ବଙ୍ଗଳା ଦିଆଯାଇଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହେବାକୁ ୩ ମାସ ସମୟ ଲାଗିବ। ପୂର୍ବତନ ଉପ- ରାଷ୍ଟ୍ରପତି ହିସାବରେ ୭୪ ବର୍ଷୀୟ ଧନଖଡ ଏକ ନୂଆ ବଙ୍ଗଳ ଦେବାକୁ ବିଭାଗୀୟ ମନ୍ତ୍ରଣାଳୟକୁ ଆବେଦନ କରିସାରିଛନ୍ତି। ଉଲ୍ଲେଖଥାଉ କି, ଧନଖଡ ଜୁଲାଇ ୨୧ରେ ଉପ- ରାଷ୍ଟ୍ରପତି ପଦରୁ ଅଚାନକ ଇସ୍ତଫା ଦେଇ ସମସ୍ତଙ୍କୁ ଚକିତ କରିଥିଲେ।

## ସୁରତ କପଡ଼ା ମିଲ୍‌ରେ ନିଆଁ; ୨ ମୃତ, ୨୦ ଆହତ

ସୁରତ, ୧।୯ (ଏଜେନ୍ସି): ଗୁଜରାଟର ସୁରଜ ଜିଲ୍ଲାର ଜୋଲବା ଗାଁରେ ଥିବା ସନ୍ତୋଷ ଟେକ୍ସଟାଇଲ୍ ମିଲ୍‌ରେ ସୋମବାର ସନ୍ଧ୍ୟାରେ ଏକ ବଡ଼ ଦୁର୍ଘଟଣା ଘଟିଛି। ମିଲ୍‌ରେ ନିଆଁ ଲାଗିବା କାରଣରୁ ୨ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ଜଣ ଆହତ ହୋଇଛନ୍ତି। ରାସାୟନିକ ପଦାର୍ଥ ଥିବା ଏକ ଡ୍ରମ୍ ଫାଟିବା ଫଳରେ ମିଲ୍‌ରେ ନିଆଁ ଚାରିଆଡକୁ ବ୍ୟାପୀ ଯାଇଥିଲା। ଆହତଙ୍କୁ ବାରଡୋଲୀର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାରଡୋଲୀର ଫାୟାର ବିଗ୍ରେଡ୍‌ର ୮ରୁ ୧୦ଟି ଗାଡ଼ି ନିଆଁ ଲିଭାଇବାକୁ ପ୍ରୟାସ ଜାରି ରଖିଛନ୍ତି। କେତେଜଣ ଶ୍ରମିକ ମିଲ ଭିତରେ ଫସି ରହିଛନ୍ତି। ନିଆଁ ଲାଗିବା ପରେ ମିଲ୍ ଭିତରରେ ଶ୍ରମିକମାନେ ଜୀବନ ବଞ୍ଚାଇବାକୁ ଦୌଡ଼ାଦୌଡ଼ି ଆରମ୍ଭ କରିଥିଲେ। କେତେଜଣ ଶ୍ରମିକ ଏବେ ମଧ୍ୟ ନିଖୋଜ ରହିଛନ୍ତି।

# ଏସ୍‌ସିଓ ସମ୍ମିଳନୀରେ ଆମେରିକୀୟ ଶୁଳ୍କକୁ ନିନ୍ଦା



ବେଜିଂ, ୩୧୯ (ଏଜେନ୍ସି): ଚୀନ୍‌ର ଜିଆନଜିନ୍‌ରେ ଅନୁଷ୍ଠିତ ସାଙ୍ଘାଇ ସହଯୋଗ (ଏସ୍‌ସିଓ) ଶିଖର ସମ୍ମିଳନୀରେ ଭାରତକୁ ବଡ଼ ସଫଳତା ମିଳିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ଉପସ୍ଥିତିରେ ସଦସ୍ୟ ରାଷ୍ଟ୍ରମାନେ ପହଲଗାମ ଆକ୍ରମଣକୁ ନିନ୍ଦା କରିଛନ୍ତି। ମୃତକଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି। ଏସ୍‌ସିଓର ଘୋଷଣାପତ୍ରରେ କୁହାଯାଇଛି ଯେ ଏହି ଆକ୍ରମଣର ଅପରାଧୀ, ପ୍ରୋତ୍ସାହନକାରୀ ଏବଂ ସେମାନଙ୍କୁ ସମର୍ଥନ କରିଥିବା ଲୋକଙ୍କୁ ଦଣ୍ଡ ଦେବା ଜରୁରୀ। ଅନ୍ୟପକ୍ଷରେ ଏହି ସମ୍ମିଳନୀ ଉପରେ ସାରା ବିଶ୍ୱର ନଜର ଥିଲା। ଏଠାରେ ରଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଳିତ ଭାବେ ଆଲୋଚନା କରିଥିଲେ। ଏହି ମଞ୍ଚ ବିଶ୍ୱରେ ଏକ ନୂଆ ବ୍ୟବସ୍ଥା ଗଠନ କରିବ ବୋଲି କୁହାଯାଉଛି। ଶୁଳ୍କ ଯୋଗୁ ଅନେକ ରାଷ୍ଟ୍ର ଆମେରିକାଠାରୁ ଦୂରେଇ ଯାଉଥିବାବେଳେ ଏସ୍‌ସିଓ ମାଧ୍ୟମରେ ବ୍ରିକ୍ସ ରାଷ୍ଟ୍ର ଏକାଠି ହୋଇ ବାଣିଜ୍ୟ କାରବାର ପାଇଁ ନୂଆପନ୍ଥା ଆପଣାଇବାକୁ ଚର୍ଚ୍ଚା କରିଛନ୍ତି। ଚୀନ୍ ରାଷ୍ଟ୍ରପତି ଆମେରିକାକୁ ଆହ୍ୱାନ ଦେଇ ଏକପାଖିଆ ଆଭିମୁଖ୍ୟକୁ ନିନ୍ଦା କରିଛନ୍ତି। ‹ଗ୍ଲୋବାଲ ସାଉଥ›କୁ ପ୍ରାଧାନ୍ୟ ଦେଉଥିବା ବିଶ୍ୱରେ ନୂଆ ସୁରକ୍ଷା ଏବଂ ଆର୍ଥିକ ବ୍ୟବସ୍ଥା ନେଇ ପ୍ରାୟ ୨୦ ରାଷ୍ଟ୍ରମୁଖ୍ୟଙ୍କ ସାମ୍ନାରେ ନିଜ ଆଭିମୁଖ୍ୟ ରଖିଛନ୍ତି। ଏକଚାଟିଆ ନୀତି ଏବଂ କ୍ଷମତା ରାଜନୀତି ବିରୋଧରେ ସ୍ୱଷ୍ଟ ନୀତି ଆପଣାଇ ବହୁମୁଖୀ ବ୍ୟବସ୍ଥାକୁ ପ୍ରାଧାନ୍ୟ ଦେବା ଲାଗି କହିଛନ୍ତି।

ଏହି ସମ୍ମିଳନୀରେ ମୋଦୀ, ପୁଟିନ ଏବଂ ଜିନପିଙ୍ଗଙ୍କ ବନ୍ଧୁତାକୁ ନେଇ ଚର୍ଚ୍ଚା ହେଉଛି। ଆମରିକା ଶୁଳ୍କର ମୁକାବିଲା ପାଇଁ ତିନି ନେତା ଆଲୋଚନା କରିଥିବା କୁହାଯାଉଛି। ଏହାକୁ ତ୍ରିପାକ୍ଷିକ ରଣନୀତି ଭାବେ ଦେଖାଯାଉଛି। ଚୀନ୍ ଗସ୍ତ ଶେଷ କରି ଭାରତ ଫେରିବା ପୂର୍ବରୁ ମୋଦୀ ଏସ୍‌ସିଓ ବୈଠକକୁ ସମ୍ବୋଧନ କରି କହିଥିଲେ ଯେ ଆତଙ୍କବାଦ ବିଶ୍ୱ ପାଇଁ ବିପଦ। ପହଲଗାମ ଆକ୍ରମଣ ଆତଙ୍କବାଦର ସବୁଠାରୁ ଭୟାନକ ରୂପକୁ ଦର୍ଶାଉଛି। ଆତଙ୍କବାଦକୁ ମୁକ୍ତ ସମର୍ଥନ ଦେଉଥିବା କାହିଁକି ସହ୍ୟ କରାଯିବ ବୋଲି ପଚାରି ଥିଲେ। କେବଳ ଯୋଗାଯୋଗ ନୁହେଁ, ବିଶ୍ୱାସ ଏବଂ ବିକାଶ ଦ୍ୱାର ସମ୍ବନ୍ଧ ମଜବୁତ ହୋଇଥାଏ। ସେ ଏସ୍‌ସିଓକୁ ସୁରକ୍ଷା, ଯୋଗାଯୋଗ ଏବଂ ସୁଯୋଗ ଦର୍ଶାଇ ଥିଲେ। ସେହିପରି ସମ୍ମିଳନୀରେ ନାଟୋର ସମ୍ପ୍ରସାରଣ ନ ହେଲେ ୟୁକ୍ରେନ ଯୁଦ୍ଧ ଶେଷ ହୋଇଯିବ ବୋଲି ପୁଟିନ ଉଲ୍ଲେଖ କରିଥିଲେ। ସମ୍ମିଳନୀ ପରେ ଦ୍ୱିପାକ୍ଷିକ ବୈଠକକୁ ଯିବା ପାଇଁ ପୁଟିନ ମୋଦୀଙ୍କୁ ପ୍ରାୟ ୧୦ ମିନିଟ ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ। ଉଭୟ ନେତା କାର୍ ଭିତରେ ୪୫ ମିନିଟ ପର୍ଯ୍ୟନ୍ତ ଗୁପ୍ତ ଆଲୋଚନା କରିଥିଲେ। ଦ୍ୱିପାକ୍ଷିକ ବୈଠକରେ ପୁଟିନ ଏବଂ ମୋଦୀ ସମ୍ବନ୍ଧକୁ ଅଧିକ ମଜବୁତ କରାଯିବ ବୋଲି କହିଥିଲେ। ମୋଦୀ କହିଥିଲେ ଯେ କଠିନ ସମୟରେ ଦୁଇ ଦେଶ କାନ୍ଧରେ କାନ୍ଧ ମିଶାଇ ଛିଡ଼ା ହୋଇଛନ୍ତି। ଏହି ସମ୍ବନ୍ଧ କେବଳ ଦୁଇ ଦେଶ ପାଇଁ ନୁହେଁ, ବରଂ ବିଶ୍ୱର ଶାନ୍ତି, ସମୃଦ୍ଧି ଓ ସ୍ଥିରତା ପାଇଁ ଜରୁରୀ।

# ଚୀନ୍, ରୁଷ୍ ସହ ଭାରତର ବନ୍ଧୁତା ଆମେରିକା ପାଇଁ ଅସହ୍ୟ

ନୂଆଦିଲ୍ଲୀ, ୩୧୯ (ଏଜେନ୍ସି): ବିଶ୍ୱରେ ଭାରତର ପ୍ରଭାବ ବୃଦ୍ଧି ପାଇ ଚାଲିଛି। ଦୁନିଆରେ ଦୁଇ ଦୁଇଟି ଯୁଦ୍ଧ ଚାଲିଥିବାବେଳେ ଭାରତୀୟ ଅର୍ଥନୀତିର ପ୍ରଦର୍ଶନ ଭଲ ରହିଛି। କିନ୍ତୁ ଶୁଳ୍କ ଲଗାଇ ବିଶ୍ୱ ବଜାରକୁ ଅସ୍ଥିର କରିଥିବା ଆମେରିକା ପାଇଁ ଏହା ଅସହ୍ୟ ପାଲଟି ଯାଇଛି। ୟୁକ୍ରେନ ଯୁଦ୍ଧ ପାଇଁ ଭାରତକୁ ଦୋଷ ଦେଇ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇ ଥିବା ଆମେରିକା ପାଇଁ ଏସ୍‌ସିଓ ଶିଖର ସମ୍ମିଳନୀ ମୁଣ୍ଡବିନ୍ଧା ସୃଷ୍ଟି କରିଛି। ଚୀନ୍‌ର ଟିଆନଜିନ୍‌ରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମିଲ ହୋଇ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ତିନି ଦେଶ ପାରସ୍ପରିକ ବାଣିଜ୍ୟିକ ଏବଂ ଦ୍ୱିପାକ୍ଷିକ ସମ୍ବନ୍ଧକୁ ଅଧିକ ବୃଦ୍ଧି କରିବା ପାଇଁ ରାଜି ହୋଇଛନ୍ତି। ବିଶ୍ୱରେ ଶାନ୍ତି, ସମୃଦ୍ଧି ଏବଂ ସ୍ଥିରତା ଲାଗି ଭାରତ, ଚୀନ୍ ଏବଂ ରୁଷ୍ ସମ୍ବନ୍ଧ ଗୁରୁତ୍ୱପୂର୍ଣ୍ଣ ବୋଲି ତିନି ନେତା ପ୍ରକାଶ କରିଛନ୍ତି। ଖାଲି ସେତିକି ନୁହେଁ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କର ମୁକାବିଲା କରିବାକୁ ଏହି ସମ୍ମିଳନୀରେ ଆଲୋଚନା ହୋଇଥିବା କୁହାଯାଉଛି। କିନ୍ତୁ ଏହି ସମ୍ମିଳନୀ ଉପରେ ତୀକ୍ଷଣ ଦୃଷ୍ଟି ରଖିଥିବା ଆମେରିକା ପାଇଁ ଏହି ଦୁଇ ଦେଶ ସହ ଭାରତର ସମ୍ବନ୍ଧକୁ ସହଜରେ ହଜମ କରିପାରୁନି। ଶୁଳ୍କ ଚାପ ପକାଇବାରେ ବିଫଳ ହୋଇଥିବା ୱାସିଂଟନ ଏବେ ଭାରତର ଜାତି ରାଜନୀତି ପ୍ରସଙ୍ଗ ଉଠାଇ ବିବାଦ ସୃଷ୍ଟି କରିବାକୁ ପ୍ରୟାସ କରିଛି। ମୋଦୀ ଏବଂ ପୁଟିନ ଆଲୋଚନା

- **ତେଲ ପରେ ଜାତି ରାଜନୀତିରେ ମୁଣ୍ଡ ପୁରାଇଲେ ଟ୍ରମ୍ପଙ୍କ ପରାମର୍ଶଦାତା**
- **ରୁଷ ତେଲ୍‌ରୁ ଭାରତୀୟ ବ୍ରାହ୍ମଣଙ୍କୁ ଲାଭ; ବହୁମୂଲ୍ୟ ଦେଉଛି ଦେଶ**
- **ଚୀନ, ରୁଷ୍‌ର ନିକଟତର ହେଲେ ବିଶ୍ୱରେ ଅଶାନ୍ତି ବ୍ୟାପିବ**

ପୂର୍ବରୁ ଦୁଇ ଦେଶର ସମ୍ବନ୍ଧ ବିଷୟରେ ଉଲ୍ଲେଖ କରି ବିବାଦକୁ ହ୍ରାସ କରିବା ପାଇଁ ଆମେରିକା ସଙ୍କେତ ଦେଇଛି।

ଅନ୍ୟପଟେ ଟ୍ରମ୍ପଙ୍କ ବାଣିଜ୍ୟିକ ପରାମର୍ଶଦାତା ପିଟର ନଭାରୋ ରୁଷ୍ ତେଲ କିଣିବାକୁ ନେଇ ପୁଣି ଭାରତକୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ରୁଷ୍ ତେଲ କିଣି ଭାରତୀୟ ବ୍ରାହ୍ମଣ ଲାଭ କମାଉଛନ୍ତି। କିନ୍ତୁ ସମଗ୍ର ଭାରତ ଏହାର ମୂଲ୍ୟ ଦେଉଛି। ରୁଷରୁ ତୈଳ କିଣି ଭାରତ ୟୁକ୍ରେନ ଯୁଦ୍ଧକୁ ଅର୍ଥ ଦେଉଛି। ଏଥିପାଇଁ ନୂଆଦିଲ୍ଲୀ ଉପରେ ସର୍ବାଧିକ ଶୁଳ୍କ ଲଗାଯାଇଛି। ଏହା ଦ୍ୱାରା ରୁଷ୍ ଏବଂ ଆମେରିକାର କ୍ଷତି ହେଉନାହିଁ, ବରଂ ସାଧାରଣ ଭାରତୀୟ ବହୁମୂଲ୍ୟ ଦେଉଛନ୍ତି। ଏହା ସମସ୍ତଙ୍କୁ ବୁଝିବାକୁ ହେବ। ନଭାରୋ ଭାରତକୁ ରୁଷ୍‌ର ୱାସିଂ ମେସିନ କହିଛନ୍ତି। ଭାରତ କେବଳ ବାଣିଜ୍ୟ ଅସନ୍ତୁଳନ ବୃଦ୍ଧି କରୁନାହିଁ, ବରଂ ଏଭଳି ମେଣ୍ଟ ସୃଷ୍ଟି କରିଛି ଯାହା ଆମେରିକାର ସ୍ୱାର୍ଥ ବିରୋଧୀ ବୋଲି ସେ ଅଭିଯୋଗ କରିଛନ୍ତି।

ନଭାରୋ କହିଛନ୍ତି ଯେ ଭାରତ ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ର। ଏହି ଦେଶ ଚୀନ୍ ଏବଂ ରୁଷର ନିକଟତର ହେଲେ ବିଶ୍ୱରେ ଅଶାନ୍ତି ବ୍ୟାପିବ। କମ୍ୟୁନିଷ୍ଟ ଦେଶ ରୁଷ ସହ ମୋଦୀ କାହିଁକି ହାତ ମିଶାଉଛନ୍ତି ତାହା ବୁଝାପଡୁନାହିଁ। ନଭାରୋଙ୍କ ଏହି ଟିପ୍ପଣୀକୁ କଂଗ୍ରେସ ନେତା ପବନ ଖେଡ଼ା ବିରୋଧ କରି କହିଛନ୍ତି ଯେ ଆମେରିକା ଏଭଳି ଆଧାରହୀନ ଟିପ୍ପଣୀ ଦେବା ଅନୁଚିତ। ସେହିପରି ଟିଏମସି ସାଂସଦ ସାଗରିକା ଘୋଷ କହିଛନ୍ତି ଯେ ବିଶ୍ୱରେ ଇଂରାଜୀ କହୁଥିବା ଧନୀକ ଶ୍ରେଣୀର ଲୋକଙ୍କୁ ବ୍ରାହ୍ମଣ କୁହଯାଏ। ଏଭଳି ସ୍ଥିତିରେ ନଭାରୋଙ୍କ ବୟାନ ବିଭ୍ରାନ୍ତିକର। ଏହା ତାଙ୍କ ଅଜ୍ଞାନତାକୁ ଦର୍ଶାଉଛି। ଏହା ପୂର୍ବରୁ ନଭାରୋ ୟୁକ୍ରେନ ସଂଘର୍ଷକୁ ମୋଦୀଙ୍କ ଯୁଦ୍ଧ କହିଥିଲେ।

## ବିହାର ଭୋଟର ତାଲିକାରେ ନାମ ସାମିଲର ତାରିଖ ବଢ଼ିବନି

ନୂଆଦିଲ୍ଲୀ, ୩୧୯ (ଏଜେନ୍ସି): ସୁପ୍ରିମକୋର୍ଟରେ ସୋମବାର ବିହାରର ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସଆଇଆର) ମାମଲାର ଶୁଣାଣି ହୋଇଛି। ଏସ୍‌ଆଇଆରର ସମୟସୀମା ବଢ଼ାଇବା ନେଇ ହୋଇଥିବା ଆବେଦନକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି। ତେବେ ଆଜି ପରେ ଦାଖଲ କରାଯାଇଥିବା ଦାବି ଏବଂ ଆପତ୍ତିକୁ ବିଚାର କରାଯିବ ବୋଲି କୋର୍ଟଙ୍କୁ ନିର୍ବାଚନ କମିଶନ ଜଣାଇଛନ୍ତି। ସୂଚନା ଅନୁଯାୟୀ, ଚିଠା ଭୋଟର ତାଲିକାରେ ନାମ ସାମିଲ କିମ୍ବା ସଂଶୋଧନ ପାଇଁ ଆଜି ଶେଷ ତାରିଖ ଥିଲା। ଆବେଦନକାରୀ ଏହି ସୀମାକୁ ୧୫ ତାରିଖ ପର୍ଯ୍ୟନ୍ତ ବଢ଼ାଇବାକୁ ଦାବି କରିଥିଲେ। ତେବେ ସେପ୍ଟେମ୍ବର ୩୦ ପରେ ବି ଆବେଦନ ସ୍ୱୀକାର କରାଯିବ ବୋଲି ଇସିଙ୍କ ପକ୍ଷରୁ କୁହାଯାଇଥିଲା। ଏ ପର୍ଯ୍ୟନ୍ତ ୭.୨୪ କୋଟି ଭୋଟରଙ୍କ ମଧ୍ୟରୁ ୯୯.୫ ପ୍ରତିଶତ କାଗଜପତ୍ର ଜମା କରିଥିବା ଏବଂ ୧.୩୪ ଲକ୍ଷ ନାମ କଟାଇବାକୁ ନିବେଦନ କରିଥିବା ସୂଚନା ଦିଆଯାଇଥିଲା। ତେଣୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହି ଆବେଦନକୁ ଖାରଜ କରିଦେଇଥିଲେ।

**ଉତ୍ତର ଭାରତରେ ପ୍ରବଳ ବର୍ଷା**

# ସିମ୍‌ଲାରେ ଭୂସ୍ଖଳନ ଯୋଗୁଁ ୪ ମୃତ



ଡେରାଡୁନ, ୧।୯ (ଏଜେନ୍ସି): ଉତ୍ତର ଭାରତରେ ମୌସୁମୀ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ହିମାଚଳ ପ୍ରଦେଶ, ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ ଓ ଜମ୍ମୁ-କଶ୍ମୀରରେ ପ୍ରବଳ ବର୍ଷା ଯୋଗୁଁ ସ୍ଥିତି ଆହୁରି ଖରାପ ହୋଇଛି। ହିମାଚଳରେ ରବିବାରଠାରୁ ବର୍ଷା ଜାରି ରହିଛି। ସିମଲାର କୋଟଖାଇ, ଜୁବ୍ବାଲ ଓ ଜୁଙ୍ଗାରେ ରବିବାର ବିଳମ୍ବିତ ରାତିରେ ଭୂସ୍ଖଳନ ହୋଇଛି ଓ ଏଥିରେ ୪ ଜଣ ଲୋକ ପ୍ରାଣ ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ହିମାଚଳକୁ ବିଧାନସଭାରେ ରାଜ୍ୟକୁ ପ୍ରାକୃତିକ ବିପର୍ଯ୍ୟୟ କବଳିତ ରାଜ୍ୟ ଭାବେ ଘୋଷଣା କରିଛନ୍ତି। ଚଣ୍ଡିଗଡ଼- ମନାଲୀ ଫୋରଲେନ୍ ସମେତ ୫ଟି ରାଜପଥ ଓ ପାଖାପାଖି ୮୦୦ଟି ସଡ଼କକୁ ବନ୍ଦ କରାଯାଇଛି। କୁଲ୍ଲୁ ସମେତ ୧୦ଟି ଜିଲ୍ଲାରେ ସୋମାବାର ସ୍କୁଲ ଓ କଲେଜ ବନ୍ଦ କରିଦିଆଯାଇଛି।

**ଉତ୍ତରାଖଣ୍ଡ ୪ ଧାମ ଯାତ୍ରା ୫ ପର୍ଯ୍ୟନ୍ତ ସ୍ଥଗିତ**

**ହରିୟାଣାର ୬ ଜିଲ୍ଲାରେ ବନ୍ୟା ସ୍ଥିତି**

ଉତ୍ତରାଖଣ୍ଡର କେଦାରନାଥ ଜାତୀୟ ରାଜପଥରେ ସୋମବାର ଭୂସ୍ଖଳନ ଯୋଗୁଁ ଦୁଇଜଣ ଯାତ୍ରୀ ମୃତ୍ୟୁବରଣ କରିଛନ୍ତି। ଫଳରେ ରାଜ୍ୟରେ ରେଡ ଆଲର୍ଟ ଜାରି କରାଯାଇଛି ଓ ୪ ଧାମ ଯାତ୍ର ସହ ହେମକୁଣ୍ଡ ସାହିବ ଯାତ୍ରା ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସେହିପରି ଜମ୍ମୁ-କଶ୍ମୀରର ରାଜୋରି ଜିଲ୍ଲାରେ ଭୂସ୍ଖଳନ କାରଣରୁ ୧୨ଟି ଘର ଭାଙ୍ଗିଯାଇଛି। ହରିୟାଣାର ୬ଟି ଜିଲ୍ଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ସିରସାରେ ୫୦ ଏକର ଚାଷ ଜମି ଜଳମଗ୍ନ ହୋଇଛି। ସୋମବାର ସକାଳେ ହାଥିନିକୁଣ୍ଡ ବ୍ୟାରେଜ୍‌ରେ ୨୯, ୩୧୩ କ୍ୟୁସେକ ଜଳ ଛଡା ଯାଇଛି। ଫଳରେ ଯମୁନାର ଜଳସ୍ତର ବିପଦ ସଂକେତ ଉର୍ଦ୍ଧ୍ୱରେ ବହୁଛି। ଦିଲ୍ଲୀ ସରକାର ବନ୍ୟା ନେଇ ସତର୍କତା ଜାରି କରିଛନ୍ତି। ଅନ୍ୟପଟେ ପଞ୍ଜାବର ୯ ଜିଲ୍ଲା ଯଥା ଫଜିଲକା, ଫିରୋଜପୁର, କପୁରଥାଲା, ପଠାନକୋଟ, ତାରା ତାରାନ ଓ ବର୍ଣ୍ଣାଲଶରେ ବନ୍ୟା ସ୍ଥିତି ଜାରି ରହିଛି। ଏପର୍ଯ୍ୟନ୍ତ ୧୩୧୨ ଗାଁ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛି। ଜଳନ୍ଧର ଓ ଲୁଥିଆନାର ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ରାଜସ୍ଥାନର ବିକାନେରରେ ମଧ ପ୍ରବଳ ବର୍ଷା ଜାରି ରହିଛି। ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ଜୁନ୍ ୨୦ରୁ ମୌସୁମୀ ଆସିବା ପରେ ହିମାଚଳରେ ଏପର୍ଯ୍ୟନ୍ତ ୩୨୦ ଲୋକ ବର୍ଷା ଜନିତ ବିଭିନ୍ନ କାରଣରୁ ମୃତ୍ୟୁବରଣ କରିଛନ୍ତି ଓ ୩ ହଜାର କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଅନ୍ୟପଟେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଜମ୍ମୁର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ସେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭାଗୱନ୍ତ ମାନ୍‌ଙ୍କ ସହ କଥା ହୋଇ ଯଥାସମ୍ଭବ ସାହାଯ୍ୟ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପଞ୍ଜାବରେ ସ୍କୁଲ ଓ କଲେଜକୁ ୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି।

## କୋର୍ଟରେ ପଡ଼ି ରହିଛି ସିବିଆଇର ୭, ୦୭୨ ଦୁର୍ନୀତି ମାମଲା

ନୂଆଦିଲ୍ଲୀ, ୧।୯ (ଏଜେନ୍ସି): ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ (ସିବିଆଇ) ବାର୍ଷିକ ବିବରଣୀ ପ୍ରକାଶ ପାଇଛି। ଏଥିରେ ସିବିଆଇର ୭୦୭୨ ଦୁର୍ନୀତି ମାମଲା ଦେଶର ବିଭିନ୍ନ କୋର୍ଟରେ ପଡ଼ି ରହିଥିବା କୁହାଯାଇଛି। ତେବେ ଚିନ୍ତାର ବିଷୟ ହେଉଛି ଯେ, ଏଥିରୁ ୨, ୬୬୦ ମାମଲା ୧୦ ବର୍ଷ ପୁରୁଣା। ପୁଣି ଏଥିରୁ ୩୭୯ ମାମଲା ୨୦ ବର୍ଷରୁ ଅଧିକ ସମୟ ହେଲା ଅଟକି ରହିଛି। ସେହିପରି ୧୦ରୁ ୨୦ ବର୍ଷ ତଳର ୨, ୨୮୧ ମାମଲା ପଡ଼ି ରହିଛି। ୨୦୨୪ ଡିସେମ୍ବର ୩୧ ପର୍ଯ୍ୟନ୍ତ ୩ ବର୍ଷରୁ କମ୍ ସମୟ ହେଲା ୧, ୫୦୬ ମାମଲା, ୩ରୁ ୫ ବର୍ଷର ୭୯୧ ମାମଲା ଓ ୫ରୁ ୧୦ ବର୍ଷର ୨, ୧୧୫ ମାମଲା କୋର୍ଟରେ ପଡ଼ିଛି। ସିବିଆଇ ଓ ଅଭିଯୁକ୍ତଙ୍କ ୧୩, ୧୦୦ ସଂଶୋଧନ ଆବେଦନ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ପଡ଼ି ରହିଥିବା ସୂଚନା ଦିଆଯାଇଛି। ଏଗୁଡିକ ମଧ୍ୟରୁ ୬୦୬ ଆବେଦନ ୨୦ ବର୍ଷରୁ ଅଧିକ ସମୟର ଏବଂ ୧, ୨୨୭ ଆବେଦନ ୧୫ରୁ ୨୦ ବର୍ଷ ହେଲା ବିଚାରାଧୀନ ରହିଛି ବୋଲି ସୂଚନା ଦିଆଯାଇଛି।


**ସରିଲା ରାହୁଲଙ୍କ ଭୋଟର ଅଧିକାର ଯାତ୍ରା**

# ୬ ମାସରେ ଭୁଶୁଡ଼ିବ କେନ୍ଦ୍ର ସରକାର: ଖଡ଼୍‌ଗେ

ପାଟନା, ୩୧୯ (ଏଜେନ୍ସି): ବିହାରରେ ୧୬ ଦିନ ହେଲା ଚାଲିଥିବା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ 'ଭୋଟର ଅଧିକାର ଯାତ୍ରା' ସୋମବାର ପାଟନାରେ ଶେଷ ହୋଇଛି। ଗାନ୍ଧୀ ମୈଦାନରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସକାଳ ୧୧ଟାରେ ରାହୁଲ ପଦଯାତ୍ରା ଆରମ୍ଭ କରିଥିଲେ। ସାଢ଼େ ତିନି ଘଣ୍ଟା ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ହାଇକୋର୍ଟ ନିକଟରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଏହି ଯାତ୍ରା ଶେଷ ହୋଇଥିଲା। ଏହା ପୂର୍ବରୁ ରାହୁଲ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବ ଏହି ଯାତ୍ରାକୁ ଡାକବଙ୍ଗଳା ଛକରେ ଅଟକାଇ ଦେଇଥିଲେ। ଏଠାରେ ଜନସଭାକୁ ସମ୍ବୋଧନ କରି ରାହୁଲ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ବିଜେପିକୁ ନିଶାଣ କରିଥିଲେ। ସେ ୬ ମାସ ମଧ୍ୟରେ କେନ୍ଦ୍ର ସରକାର ଭୁଶୁଡ଼ି ଯିବ ବୋଲି ଦାବି କରିଥିଲେ। ବିଜେପି ଭୋଟ ଚୋରି କରି ବିହାର ଜିତିବାକୁ ପ୍ରୟାସ କରୁଛି ବୋଲି ଅଭିଯୋଗ ଲଗାଇ ଥିଲେ। ତେଣୁ ଲୋକଙ୍କୁ ସତର୍କ ରହିବାର ଆବଶ୍ୟକତା ରହିଛି। ସତର୍କ ନ ରହିଲେ ଲୋକଙ୍କୁ ବୁଡ଼ାଇ ଦେବେ। ଏହା ସହିତ ସରକାରଙ୍କ ପକ୍ଷରୁ ପୁଲିସ ବ୍ୟବସ୍ଥା ହୋଇ ନ ଥିବା ଖଡଗେ କହିଥିଲେ। ସେ ଏହାକୁ ନେଇ ପୁଲିସକୁ ଚେତାବନୀ ଦେଇଥିଲେ। ଖୁବଶୀଘ୍ର ଆମ ସରକାର ଆସିବାକୁ ଯାଉଛି। ସେତେବେଳେ ପୁଲିସକୁ କାମ କରିବାକୁ ପଡିବ ବୋଲି ଖଡଗେ କହିଥିଲେ। ରାହୁଲ କହିଥିଲେ ଯେ ଲୋକଙ୍କ ଭୋଟ ଚୋରି କରି ଏନ୍‌ଡିଏ ଜିତିଛି। ମହାରାଷ୍ଟ୍ରରେ ବି ଏମାନେ ଭୋଟ ଚୋରି କରିଥିଲେ। କେବଳ ଦେଶରେ ନୁହେଁ, ଚୀନ୍ ଲୋକ ମଧ କହୁଛନ୍ତି 'ଭୋଟ ଚୋର, ଗଦି ଛାଡ଼'। ଏହି ଯାତ୍ରାକୁ ବିଜେପି ଲୋକେ କଳା ପତାକା ଦେଖାଉଛନ୍ତି। ସେମାନେ ଜାଣି ରଖିବା ଉଚିତ ଯେ ପରମାଣୁ ବୋମାଠାରୁ ହାଇଡ୍ରୋଜେନ ବୋମା ବଡ଼। ଏହି ବୋମା ଆସୁଛି। ବିସ୍ଫୋରଣ ହେଲେ ଚୋରିର ସତ୍ୟ ବିଷୟରେ ସାରା ଦେଶ ଜାଣିବ। ଆମେ ସମ୍ବିଧାନକୁ ହତ୍ୟା କରିବାକୁ ଦେବୁ ନାହିଁ। ବିହାରରେ ଏହି ଯାତ୍ରାକୁ ଲୋକେ ଅଶେଷ ସମର୍ଥନ ଦେଇଛନ୍ତି।

**ହାଇଡ୍ରୋଜେନ ବୋମା ବିସ୍ଫୋରଣ: ରାହୁଲ**

ରାହୁଲଙ୍କ ଅଭିଭାଷଣ ସରିବା ପରେ ଦୁଇ ଯୁବକ କଳା ପତାକା ଦେଖାଇ ଥିଲେ। ଏହା ପରେ ହଙ୍ଗାମା ଆରମ୍ଭ ହୋଇଥିଲା। ପୁଲିସ ସେଠାରୁ ଦୁଇ ଯୁବକଙ୍କୁ ଯେନତେନ ଉପାୟରେ ବାହାର କରି ଥାନାକୁ ନେଇଥିଲା। ସେହିପରି ତେଜସ୍ୱୀ କହିଥିଲେ ଯେ ଲାଲୁ ଜୀ ବିଜେପିକୁ ଡରି ନ ଥିଲେ। ତାଙ୍କ ପୁଅ ମଧ୍ୟ ଏତଲାକୁ ଡରିବ ନାହିଁ। ବିହାରରେ ଡବଲ ଇଞ୍ଜିନ ସରକାର ଚାଲିଥିବା କୁହାଯାଉଛି। ଏହାର ଗୋଟିଏ ଇଞ୍ଜିନ ଅପରାଧ ଏବଂ ଅନ୍ୟଟି ଦୁର୍ନୀତି। ଏମାନେ ବିହାରୀଙ୍କୁ ଠକିବାକୁ ଚାହୁଁଛନ୍ତି।



# ନଈରେ ଓଲଟିଲା ଡଙ୍ଗା ଶ୍ରମିକଙ୍କୁ ଉଦ୍ଧାର କଲା ହେଲିକପ୍ଟର୍

ମାଲକାନଗିରି, ୧।୯ (ସମିସ): ମଝି ନଦୀରେ ଫସି ରହିଥିବା ଜଣେ ଶ୍ରମିକଙ୍କୁ ହେଲିକପ୍ଟର୍ ଯୋଗେ ଉଦ୍ଧାର କରାଯିବା ଘଟଣା ଆଜି ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ମାଲକାନଗିରି ଓ ଛତିଶଗଡ଼ ପ୍ରଶାସନର ମିଳିତ ଉଦ୍ୟମ ଯୋଗୁଁ ଗୋଟିଏ ଜୀବନ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଛି। ନୂଆ ଜୀବନ ପାଇଥିବା ଶ୍ରମିକଜଣଙ୍କ ହେଲେ, ମାଲକାନଗିରି ଜିଲ୍ଲା କତାମାଟେରୁ ଗ୍ରାମର ଇର୍ମା ସୋଡ଼ି। ସୂଚନାନୁଯାୟୀ, ଇର୍ମା ଛତିଶଗଡ଼ ସୁକୁମା ଜିଲ୍ଲାରେ ଥିବା ଏକ କଦଳୀ ବାଗିଚାରେ କାମ କରନ୍ତି। ଗତ ବିଳମ୍ବିତ ରାତିରେ ଏକ ଦେଶୀ ଡଙ୍ଗାରେ ସେ ସାବେରୀ ନଦୀ ପାର୍ ହୋଇ ଘରକୁ ଫେରୁଥିଲେ। ତେବେ ବର୍ତ୍ତମାନ ନଦୀରେ ଜଳପ୍ରବାହ ଓ ସ୍ରୋତ ଅଧିକ ଥିବାରୁ ଡଙ୍ଗାଟି ଓଲଟି ପଡ଼ିଥିଲା। ଏହା ଦେଖି ଇର୍ମା ନଦୀ ମଝିରେ ଥିବା ଏକ ଗଛ ଡାଳକୁ ଧରି ଜୀବନ ବଞ୍ଚାଇଥିଲେ। କିନ୍ତୁ ନଦୀର ପ୍ରଖର ସ୍ରୋତରୁ ସେ ବାହାରକୁ ଆସି ପାରିନଥିଲେ। ରାତିତମାମ ସେମିତି ମଝି ନଈରେ ଫସି ରହିଥିଲେ। ତେବେ ଆଜି ସକାଳେ କିଛି ଲୋକେ ଇର୍ମାଙ୍କୁ ଦେଖି ପଡ଼ିଆ ଦମକଳବାହିନୀକୁ ଖବର ଦେଇଥିଲେ। ଖବର ପାଇ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଘଟଣାସ୍ଥଳରେ ପହଞ୍ଚି ଏ ସଂପର୍କରେ ଛତିଶଗଡ଼ ପ୍ରଶାସନ ସହ ଆଲୋଚନା କରିଥିଲେ। ନଦୀରେ ପ୍ରଖର ଜଳସ୍ରୋତ ଯୋଗୁଁ ଦମକଳବାହିନୀ



ଇର୍ମାଙ୍କୁ ଉଦ୍ଧାର କରିବାରେ ବିଫଳ ହେବାରୁ ଛତିଶଗଡ଼ ସରକାର ହେଲିକ୍ୟାପ୍ଟର୍ ଯୋଗେ ତାଙ୍କୁ ଉଦ୍ଧାର କରିବା ପାଇଁ ଆଗେଇ ଆସିଥିଲେ। ସିଆରପିଏଫ୍‌ର ଏକ ହେଲିକ୍ୟାପ୍ଟର୍ ଇର୍ମାଙ୍କୁ ଉଦ୍ଧାର ଉଦ୍ଧାର କରି ନିରାପଦ ସ୍ଥାନକୁ ଆଣିଥିଲେ। ପରେ ତାଙ୍କୁ ସୁକୁମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଇର୍ମା ବର୍ତ୍ତମାନ ସୁସ୍ଥ ଥିବା ଜଣାପଡ଼ିଛି।

# ଏନ୍‌ଏସି ଘୋଷଣାରେ ସରକାରଙ୍କ ପାତରଅନ୍ତର

## ରାଜରାସ୍ତାକୁ ଓହ୍ଲାଇବାକୁ ବିଜେଡିର ଧମକ

ଭୁବନେଶ୍ୱର,୧।୯ (ସମିସ): ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଜ୍ୟ ସରକାରଙ୍କ ଦ୍ୱାରା ୧୬ ନୂଆ ଏନ୍‌ଏସି ଓ ୭ଟି ମ୍ୟୁନିସିପାଲିଟି ଘୋଷଣା କରାଯାଇଛି। ବିକାଶ ଭାବନା କମ୍, ରାଜନୈତିକ ଉଦ୍ଦେଶ୍ୟ ରଖାଯାଇ ନୂଆ ଏନ୍‌ଏସି ଘୋଷଣା କରାଯାଇଛି ବୋଲି ବିରୋଧୀ ଦଳଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ମତପ୍ରକାଶ କରୁଛନ୍ତି। ଏହିକ୍ରମରେ ବିଜେଡି ଧଧ ପ୍ରତିକ୍ରିୟା ପ୍ରକାଶ କରିଛି। ବିଜେଡି ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ୫୭ଟି ଏନ୍‌ଏସି ମଧ୍ୟରୁ ୩୯ଟି ଅଞ୍ଚଳକୁ କାର୍ଯ୍ୟକାରୀ ନକରିବା ଦୁର୍ଭାଗ୍ୟଜନକ। ବିଜେଡି ସରକାରଙ୍କ ଦ୍ୱାରା ଏନ୍‌ଏସି ଭାବେ ଘୋଷିତ ହୋଇଥିବା ଅଞ୍ଚଳଗୁଡିକୁ ପାତରଅନ୍ତର କରି ସରକାର ଏପରି ନିଷ୍ପତ୍ତି ନେଇଛନ୍ତି ବୋଲି ଦଳ ଅଭିଯୋଗ କରିଛି।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା ଓ ବିଧାୟକ ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପାତରଅନ୍ତର ନୀତି ପାଇଁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଶ୍ରୀ ମିଶ୍ର କହିଥିଲେ ଯେ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ୨୦୨୪ ମସିହା ଫେବୃଆରୀ ଓ ମାର୍ଚ୍ଚ ମାସରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୫୭ଟି ଅଞ୍ଚଳକୁ ଏନ୍‌ଏସି ଘୋଷଣା କରାଯାଇଥିଲା।



■ ପୂର୍ବରୁ ଘୋଷିତ ୧୮ ଟି ଅଞ୍ଚଳକୁ ସରକାର ପୁନଃ ଘୋଷଣା କରିଛନ୍ତି
■ ବାଦ୍ ପଡ଼ିଥିବା ଅଞ୍ଚଳଗୁଡ଼ିକରେ ଦେଖାଦେଲାଣି ପ୍ରବଳ ଜନଅସନ୍ତୋଷ

ପୌର ଅଧିନିୟମ ୧୯୫୦ ଅନୁଯାୟୀ ପ୍ରଥମେ ଘୋଷଣାନାମା ହୋଇଥାଏ ଓ ପରେ ଏହା ଜିଲ୍ଲାପାଳଙ୍କ ଠାରୁ ରିପୋର୍ଟ ଅଣାଯାଇ ଗେଜେଟ ନୋଟିଫିକେସନ କରାଯାଏ। ବିଜେଡି ସରକାରଙ୍କ ଦ୍ୱାରା ଘୋଷଣା ହେବା ସହିତ ଜିଲ୍ଲାପାଳମାନଙ୍କ ପାଖକୁ ଆବଶ୍ୟକ ରିପୋର୍ଟ ପାଇଁ ପଠାଯାଇଥିଲା। କିନ୍ତୁ ରାଜ୍ୟରେ ବିଜେପି ସରକାର ଦାୟିତ୍ୱ ନେବା ପରେ ପୂର୍ବରୁ ଘୋଷିତ ହୋଇଥିବା ଅଞ୍ଚଳଗୁଡିକ ମଧ୍ୟରୁ କିଛି ଅଞ୍ଚଳକୁ ପୁନଃ ଘୋଷଣା କରିଛନ୍ତି ଓ କିଛି ନୂତନ ଅଞ୍ଚଳକୁ ଏଥିରେ ସାମିଲ କରିଛନ୍ତି। ରାଜ୍ୟରେ ବିଜେପି ସରକାରଙ୍କର ୧୫ ମାସ ବିତି ଯାଇଥିଲେ ମଧ୍ୟ ଗୋଟିଏ ବି ଅଞ୍ଚଳ ପାଇଁ ଗେଜେଟ ନୋଟିଫିକେସନ ହୋଇପାରି ନାହିଁ।

ବରିଷ୍ଠ ନେତା ପ୍ରତାପ ଜେନା କହିଥିଲେ ଯେ ସରକାର ଏକ ନିରନ୍ତର ପ୍ରକ୍ରିୟା। ବିଜେଡି ସରକାରଙ୍କ ଦ୍ୱାରା ଘୋଷିତ ହୋଇସାରିଥିବା ଅଞ୍ଚଳଗୁଡ଼ିକୁ ରାଜ୍ୟ ସରକାର ପୁଣିଥରେ ଘୋଷଣା କରିବା ଓ ଏଥିରେ ପାତରଅନ୍ତର କରି ଅଧିକାଂଶ ଘୋଷିତ ଅଞ୍ଚଳକୁ ସାମିଲ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଦଳ ପକ୍ଷରୁ କୁହାଯାଇଛି। ସେହିପରି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଘୋଷିତ ହୋଇଥିବା ୫୭ଟି ଏନ୍‌ଏସି ମଧ୍ୟରୁ ମାତ୍ର ୧୮ଟିକୁ ବିଜେପି ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବେଳେ ୩୯ଟି ଅଞ୍ଚଳକୁ ସାମିଲ କରାଯାଇ ନାହିଁ, ଯାହା ସରକାରଙ୍କ ପାତରଅନ୍ତର ନୀତିକୁ ପଦାରେ ପକାଉଛି। ଏହାଛଡା କଣ୍ଟାବାଞ୍ଜି ଏନ୍‌ଏସିକୁ ମ୍ୟୁନିସିପାଲିଟି କରାଯିବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହାକୁ ମଧ୍ୟ ବିଚାରକୁ ନିଆଯାଇ ନାହିଁ। ବିଜେଡି ସରକାରଙ୍କ ଘୋଷିତ ତାଲିକା ଅନୁଯାୟୀ ବାଦ୍ ପଡ଼ିଯାଇଥିବା ୩୯ଟି ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ଓ କଣ୍ଟାବାଞ୍ଜିକୁ ମ୍ୟୁନିସିପାଲିଟି ଘୋଷଣା ତୁରନ୍ତ କରାଯାଉ ବୋଲି ସେ ଦାବି କରିଥିଲେ।

ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ କହିଥିଲେ ଯେ ଗ୍ରାମାଞ୍ଚଳର ବାସିନ୍ଦାମାନଙ୍କୁ ସହରାଞ୍ଚଳରେ ମିଳୁଥିବା ସୁବିଧା ପ୍ରଦାନ ଲକ୍ଷ୍ୟ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୫୭ଟି ଅଞ୍ଚଳକୁ ଏନ୍‌ଏସି ଘୋଷଣା କରିଥିଲେ। କିନ୍ତୁ ବିଜେପି ସରକାର ଏହା ମଧ୍ୟରୁ ଅଧିକାଂଶ ଅଞ୍ଚଳକୁ ବାଦ୍ ଦେଇଛନ୍ତି, ଯେଉଁଥିପାଇଁ ବାଦ୍ ପଡ଼ିଥିବା ଅଞ୍ଚଳଗୁଡିକରେ ଜନଅସନ୍ତୋଷ ଦେଖା ଦେଇଛି। ବାଦ୍ ପଡ଼ିଥିବା ୩୯ଟି ଅଞ୍ଚଳକୁ ତୁରନ୍ତ ଏନ୍‌ଏସି ମାନ୍ୟତା ନଦେଲେ ବିଜୁ ଜନତା ଦଳ ନୀରବଦ୍ରଷ୍ଟା ସାଜିବ ନାହିଁ, ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

# ପିକ୍‌ଅପ୍ ଧକ୍କାରେ ଦୁଇ ଭାଇ ମୃତ

ତୁରେକେଲା, ୧।୯ (ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଅନ୍ତର୍ଗତ ଲର୍କି ଗାଁ ବୁଲାଣି ନିକଟରେ ଆଜି ଏକ ପିକ୍‌ଅପ ଭ୍ୟାନ୍ ଧକ୍କାରେ ଦୁଇଭାଇଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ବେଲପଡ଼ା ଥାନା ଭାଲୁଖାଇ ଗାଁର ରାଜକୁମାର ରାଏ ଓ ତାଙ୍କ ଭାଇ ଦିନେଶ ରାଏ। ତୁରେକେଲା ପୁଲିସ୍ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ରାଜକୁମାର ଓ ଦିନେଶ ଆଜି ସକାଳେ ତୁରେକେଲାରୁ କଣ୍ଟାବାଞ୍ଜି ଫେରୁଥିବା ବେଳେ ଲର୍କିଗାଁ ବୁଲାଣିରେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବାଇକ୍ ଚାଳକ ରାଜକୁମାରଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକ ଦିନେଶଙ୍କୁ ଗୁରୁତର ଅବସ୍ଥାରେ ତୁରେକେଲା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦିନେଶର ମୃତ୍ୟୁ ଘଟିଛି। ଅପରପକ୍ଷେ, ଦୁର୍ଘଟଣା ଘଟାଇବା ପରେ ପିକ୍‌ଅପ୍‌ଟି ଫେରାର୍ ହୋଇଯାଇଥିଲା। ପୁଲିସ୍ ଉକ୍ତ ଗାଡ଼ିକୁ ତୁରେକେଲା ଥାନା ସାଲେମୁଡ଼ଗା ଗାଁରୁ ଜବତ କରିବା ସହ ଚାଳକକୁ ଅଟକ ରଖିଛି। ଅପରପେକ୍ଷ, ମୃତକଙ୍କ ପରିବାରକୁ ସରକାରୀ କ୍ଷତିପୂରଣ ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ୨ କଲରାପତରିଆ ବାଘ ଛାଲ ଜବତ, ୪ ଗିରଫ




ରାୟଗଡ଼ା, ୧।୯ (ସମିସ): ରାୟଗଡ଼ା ବନ ବିଭାଗ ସହାୟତାରେ ମୁମ୍ବାଇସ୍ଥିତ ଡାଇରେକ୍ଟର ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ ବିଭାଗ ଆଜି ରାୟଗଡ଼ା ଜିଲ୍ଲା କୋଲନରା ଅଞ୍ଚଳରୁ ୨ଟି କଲରାପତରିଆ ବାଘଛାଲ ଜବତ ସହ ୪ଜଣଙ୍କୁ ଗିରଫ କରିଛି। ଗିରଫ ୨ଜଣ ରାୟଗଡ଼ ଜିଲ୍ଲାର ହୋଇଥିବା ବେଳେ ଅନ୍ୟ ୨ ଜଣ ମହାରାଷ୍ଟ୍ର ରାଜ୍ୟର ବୋଲି ଜଣାପଡ଼ିଛି। ରାୟଗଡ଼ା ରେଞ୍ଜର୍ କାମେଶ୍ୱର ଆଚାରୀଙ୍କଠାରୁ ମିଳିଥିବା ସୂଚନାନୁସାରେ, ଜିଲ୍ଲାର ଗୁଣପୁର ବ୍ଲକ୍ ପୁଟାସିଂ ଅଞ୍ଚଳର ଅଞ୍ଜାରସିଂ ଗ୍ରାମର ଜିସୟ ଗମାଙ୍ଗ ଓ ମହେଶ ହୁଇକା, ମାଛଖୁଣ୍ଟି ଅଞ୍ଚଳର ଅନ୍ୟ ୨ ଜଣଙ୍କ ସହ ମିଶି ମହାରାଷ୍ଟ୍ର ରାଜ୍ୟର ମାତିନଗର ଅଞ୍ଚଳର ପ୍ରଭାକର ନାୟକ ଓ ରାଜକୁମାର ଗୁପ୍ତାଙ୍କୁ ଏହି ବାଘ ଚମଡ଼ା ବିକ୍ରି କରିବା ପାଇଁ ଯୋଗାଯୋଗରେ ରହିଥିଲେ। ଏହି ଚାଲାଣ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ଡିରେକ୍ଟର ଅଫ୍ ରେଭେନ୍ୟୁ ବିଭାଗ ଅଭିଯୁକ୍ତମାନଙ୍କୁ ଟ୍ରାକ୍ କରିଥିଲେ ଓ ଏନେଇ ଅଗଷ୍ଟ ୩୦ ତାରିଖ ଦିନ ରାୟଗଡ଼ା ବନ ବିଭାଗକୁ ସୂଚନା ଦେଇଥିଲେ। ସୂଚନା ଆଧାରରେ ଉଭୟ ବିଭାଗ ବାଘ ଚମଡ଼ା ବିକ୍ରି କରିବା ସମୟରେ ସମସ୍ତ ଅଭିଯୁକ୍ତଙ୍କୁ ମାଡ଼ି ବସିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ରେଞ୍ଜର ଶ୍ରୀ ଅଚାରୀ ସୂଚନା ଦେଇଛନ୍ତି। ଏହି କଲରାପତରିଆ ବାଘ ଚମଡ଼ାକୁ ଗଜପତି ଜିଲ୍ଲାରୁ ମହାରାଷ୍ଟ୍ର ଚାଲାଣ ପାଇଁ ଅଣାଯାଇଥିଲା ବୋଲି ସୂଚନାରୁ ଜଣାପଡ଼ିଛି। ଉଭୟ ବାଘର ବୟସ ୫/୭ବର୍ଷ ମଧ୍ୟରେ ରହିଥିବା ଜଙ୍ଗଲ ବିଭାଗ ସୂଚନା ଦେଇଛି। ଏହି ଘଟଣାର ତଦନ୍ତ ଚାଲିଥିବା ଏସିଏଫ ଅଶୋକ ପ୍ରଧାନ ପ୍ରକାଶ କହିଛନ୍ତି।

# ଆର୍‌ଆଇ, ଅମିନ ପ୍ରିଲିମ୍‌ସ ଅକ୍ଟୋବର ୮ରୁ

ଭୁବନେଶ୍ୱର, ୧।୯ (ସମିସ): ବାତିଲ୍ ହୋଇଥିବା ଆର୍‌ଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ନିଯୁକ୍ତି ପାଇଁ ପ୍ରିଲିମିନାରୀ ପରୀକ୍ଷା ପୁଣିଥରେ ଅକ୍ଟୋବର ୮ ତାରିଖରୁ ଆରମ୍ଭ ହେବ। କମ୍ପ୍ୟୁଟର୍ ବେସଡ୍ ନିଯୁକ୍ତି ପରୀକ୍ଷା(ସିବିଆର୍‌ଇ) ମାଧ୍ୟମରେ ଆଶାୟୀମାନେ ପରୀକ୍ଷା ଦେବେ। ନଭେମ୍ବର ତୃତୀୟ ସପ୍ତାହ ମଧ୍ୟରେ ଏକାଧିକ ସିଫ୍ଟରେ ପରୀକ୍ଷା ହେବ। ଏଥିପାଇଁ ନର୍ମାଲାଇଜେସନ୍ ପ୍ରକ୍ରିୟା ଆପଣାଯିବ। ଏହାସହ ପ୍ରତି ଜିଲ୍ଲାରେ ପରୀକ୍ଷା କେନ୍ଦ୍ର କରାଯିବ। ଯେଉଁ ଜିଲ୍ଲାରେ ଉପଯୁକ୍ତ ପରୀକ୍ଷା କେନ୍ଦ୍ର ନାହିଁ, ସେହି ଜିଲ୍ଲାର ପିଲାମାନେ ଆବେଦନସମୟରେଅଗ୍ରାଧିକାରଦେଇଥିବାଜିଲ୍ଲାରେପରୀକ୍ଷାଦେବେ। ପରବର୍ତ୍ତୀ ସମୟରେ ଆଡମିଟ୍ କାର୍ଡ ପ୍ରକାଶ ପାଇବ ବୋଲି ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପୂର୍ବରୁ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ହେବା ପରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଥିଲା। ମୋଟ୍ ପଦର ୫ ଗୁଣା ପରୀକ୍ଷାର୍ଥୀ ମେନ୍ ପରୀକ୍ଷାକୁ ଉତ୍ତୀର୍ଣ୍ଣ ହେବାର ନିୟମ ଥିବାରୁ ଉଚ୍ଚ ନ୍ୟାୟାଳୟରେ ମାମଲା ହୋଇଥିଲା। ଫଳରେ ସରକାର ପ୍ରିଲିମିନାରୀ ପରୀକ୍ଷାଫଳକୁ ରଦ୍ଦ କରିବା ସହ ପୁଣିଥରେ ନୂତନ ଭାବେ ପରୀକ୍ଷା କରିବାକୁ ଉଚ୍ଚ ନ୍ୟାୟାଳୟକୁ ଅବଗତ କରିଥିଲେ।

# ନିଶା ବେପାରୀଙ୍କୁ 'ପ୍ରହାର'

## ନିଶାଦ୍ରବ୍ୟ ଜବତ ହେଲେ ଦୋକାନ ସିଲ୍

ଭୁବନେଶ୍ୱର,୧।୯ (ସମିସ): ରାଜ୍ୟରେ ନିଶା କାରବାର ବଢ଼ିବାରେ ଲାଗିଛି। ନିଶା ମାଫିଆମାନେ ଜାମିନରେ ଆସିବା ପରେ ମଧ୍ୟ ନିଶା ବେପାର ଛାଡୁନାହାନ୍ତି। ବିଶେଷକରି ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ବିକ୍ରି ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରୁଛି। ଏ ସବୁରେ ରୋକ୍ ଲଗାଇବା ପାଇଁ ଆଜିଠାରୁ ସାରା ରାଜ୍ୟରେ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅପରେସନ 'ପ୍ରହାର'। ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଅପରେସନ୍ ଆସନ୍ତା ୧୫ ତାରିଖ ଯାଏଁ ଚାଲିବ। ପ୍ରଥମେ ସ୍ଥାନୀୟ ଅଞ୍ଚଳରେ ଥିବା ଅଭ୍ୟାସଗତ ଅପରାଧୀଙ୍କ ତାଲିକା କରି ବିଏନ୍‌ଏସ୍‌ଏସ୍ ୧୨୯ରେ ସେମାନଙ୍କୁ ବୁକ୍ କରିବାକୁ କୁହାଯାଇଛି। ନିଶା ବେପାରୀଙ୍କୁ ଧରିବା ଲାଗି ଚଢ଼ଉକୁ ଜୋରଦାର କରିଛି ପୁଲିସ। ଚଢ଼ଉ ସମୟରେ ଶିକ୍ଷାନୁଷ୍ଠାନ ନିକଟରେ ବିଶେଷ ଧ୍ୟାନ ଦିଆଯାଉଛି। କୌଣସି ଦୋକାନରୁ ନିଶାଦ୍ରବ୍ୟ ଜବତ ହେଲେ, ସଂପୃକ୍ତ ଦୋକାନକୁ ତୁରନ୍ତ ସିଲ୍ କରାଯିବ। କେଉଁ ଥାନାର କେଉଁ କେସ ଆଧାରରେ ସିଲ୍ କରାଯାଇଛି, ସେନେଇ ସଂପୃକ୍ତ ଦୋକାନରେ ପୋଷ୍ଟର୍ ମରାଯିବ। ଅଭ୍ୟାସଗତ ଅପରାଧୀଙ୍କଠାରୁ ନିଶାଦ୍ରବ୍ୟ ଜବତ ହେଲେ ସେମାନଙ୍କ ବିରୋଧରେ ୧୧୧ ବିଏନ୍‌ଏସ୍ ଓ ୨୯ ଏନ୍‌ଡିପିଏସ୍ ଆକ୍ଟରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସ୍ୱତନ୍ତ୍ର ଧରପଗଡ଼ ବେଳେ ଅବକାରୀ ବିଭାଗ, ରାଜସ୍ୱ ବିଭାଗ, ମ୍ୟୁନିସିପାଲିଟି, ଏନ୍‌ଏସି ଓ ପଞ୍ଚାୟତ ସହ ସମନ୍ୱୟ ରଖିବାକୁ କୁହାଯାଇଛି। ଚଢ଼ଉ ବେଳେ ଅଧିକ ପରିମାଣର ନିଶାଦ୍ରବ୍ୟ ଓ ଅଧିକ ନିଶା ବେପାରୀଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଏମ୍‌କେସିଜିରେ ପୁଣି ରାଗିଂ

ବ୍ରହ୍ମପୁର, ୧।୯ (ସମିସ): ବ୍ରହ୍ମପୁର ଏମ୍‌କେସିଜିରେ ପୁଣି ରାଗିଂ। ଏମ୍‌ବିବିଏସ୍ ଦ୍ୱିତୀୟ ବର୍ଷର ଜଣେ ଛାତ୍ରଙ୍କୁ ୬ରୁ ୭ଜଣ ବରିଷ୍ଠ ଛାତ୍ର ରାଗିଂ କରୁଥିବା ନେଇ ଅଭିଯୋଗ ହୋଇଛି।

■ ୟୁନିଅନ ବୈଠକ ନାଁରେ ନିର୍ଯାତନା
■ ଆଜି ଆଣ୍ଟି ରାଗିଂ ସେଲ୍ ବୈଠକ

ରାଗିଂର ଶିକାର ଛାତ୍ରଜଣଙ୍କ ଏ ସଂପର୍କରେ ଦିଲ୍ଲୀ ଆଣ୍ଟି ରାଗିଂ ସେଲ୍‌ରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ଆଣ୍ଟି ରାଗିଂ ସେଲ୍‌ର ନିର୍ଦ୍ଦେଶରେ ଏମ୍‌କେସିଜି କର୍ତ୍ତୃପକ୍ଷ ହଷ୍ଟେଲକୁ ଯାଇ ସଂପୃକ୍ତ ଛାତ୍ରଙ୍କୁ ପଚରାଉଚରା କରିଛନ୍ତି। ଆସନ୍ତାକାଲି (ମଙ୍ଗଳବାର) ଏନେଇ ଏମ୍‌କେସିଜି ଆଣ୍ଟି ରାଗିଂ ସେଲ୍‌ର ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଛାତ୍ରଜଣଙ୍କୁ ହଷ୍ଟେଲରେ ପଢ଼ିବାକୁ ଦିଆଯାଉ ନଥିବା ବେଳେ ୟୁନିୟନ ବୈଠକ ନାମରେ ତାଙ୍କୁ ଡାକି ଘଣ୍ଟାଘଣ୍ଟା ଧରି ଠିଆ କରାଯାଉଥିଲା। ପ୍ରତିବାଦ କଲେ ବରିଷ୍ଠ ଛାତ୍ରମାନେ ତାଙ୍କୁ ହଷ୍ଟେଲକୁ ଡକାଇ ସେଠାରେ ଆଣ୍ଠେଇ ବସିବାକୁ ବାଧ କରୁଥିଲେ। କଲେଜର ୬ରୁ ୭ଜଣ ସିନିୟର୍ ଛାତ୍ର ଅଗଷ୍ଟ ୧୮ ତାରିଖରେ ଏଭଳି ଜୁନିୟର ଛାତ୍ରଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ସେହିପରି ଗତ ୧୯ ତାରିଖରେ ୟୁନିଅନ ବୈଠକ ନାମରେ ପୁଣିଥରେ ଉକ୍ତ ଛାତ୍ରଙ୍କୁ ଡକାଇଯାଇଥିଲା। କିନ୍ତୁ ଛାତ୍ରଜଣଙ୍କ ନଯିବାରୁ ବରିଷ୍ଠ ଛାତ୍ରମାନେ କେବିନ୍ ବ୍ଲକକୁ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ। ଏହାସହ ସିନିୟର୍ ଛାତ୍ର ପ୍ରତିଦିନ ମଦ୍ୟପାନ ସହ ଡିଜେ ଲଗାଇ ନାଚ କରି ତାଙ୍କ ପାଠ ପଢ଼ିବାରେ ସମସ୍ୟା କରାଉଥିବା ଅଭିଯୋଗ ହୋଇଛି।

# ପରକୀୟା ପ୍ରୀତି ସନ୍ଦେହରେ ଭାଇକୁ ଗୁଳି

ଅନୁଗୋଳ, ୧।୯ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଥାନା କମଳପୁର ଗାଁର ଦଳିତ ବସ୍ତିରେ ସୋମବାର ସକାଳେ ଗୁଳିମାଡ଼ ହୋଇଛି। ଏଥିରେ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ, ଗାଁର ସୁରଭି ନାଏକ। ଘଟଣାକୁ ନେଇ ବସ୍ତିରେ ଉତ୍ତେଜନା ପ୍ରକାଶ ପାଇଛି। ପରକୀୟା ପ୍ରୀତିରୁ ଏହି ଗୁଳିକାଣ୍ଡ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କମଳପୁର ଗାଁର ସୁରଭି ନାଏକ ଓ କ୍ଷୀରୋଦ ନାଏକ ଦୁଇ ଭାଇ। ଉଭୟ ବିବାହିତ ଓ ସେମାନଙ୍କର ପିଲାଛୁଆ ଅଛନ୍ତି। କିଛି ବର୍ଷ ହେବ ସୁରଭିଙ୍କ ସ୍ତ୍ରୀଙ୍କ ସହ କ୍ଷୀରୋଦଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହା ଜଣାପଡ଼ିବା ପରେ ଦୁଇ ଭାଇଙ୍କ ମଧ୍ୟରେ ପାଟିତୁଣ୍ଡ ଓ ଗଣ୍ଡଗୋଳ ଲାଗି ରହିଥିଲା। ସୁରଭିଙ୍କ ସ୍ତ୍ରୀ ୧୨ଦିନ ହେବ ପିଲାଛୁଆଙ୍କୁ ଛାଡ଼ି କୁଆଡ଼େ ଚାଲିଯାଇଛନ୍ତି। କ୍ଷୀରୋଦ ତାଙ୍କ ସ୍ତ୍ରୀକୁ ଲୁଚାଇ ରଖିଥିବା ସୁରଭି ସନ୍ଦେହ କରୁଥିଲେ। ଏହାକୁ ନେଇ ସୋମବାର ସକାଳେ ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ କ୍ଷୀରୋଦ ଏକ ବନ୍ଧୁକ ଆଣି ସୁରଭିଙ୍କୁ ଗୁଳିମାଡ଼ କରିଥିଲେ। ସୁରଭିଙ୍କ ଡାହାଣ ପାଖ କାନ୍ଧ ଓ ଅଣ୍ଟା ପାଖରେ ୨ଟି ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଅଭିଯୁକ୍ତ କ୍ଷୀରୋଦ ଫେରାର୍ ହୋଇଯାଇଛି।

# ୭ ହଜାର କର୍ମଚାରୀଙ୍କୁ ମିଳିନାହିଁ ୬ ମାସର ଦରମା

ଭୁବନେଶ୍ୱର,୧।୯ (ସମିସ): ରାଜ୍ୟରେ ବନ ବିଭାଗରେ ପାଖାପାଖି ୭ ହଜାର ଅସ୍ଥାୟୀ କର୍ମଚାରୀ କାମ କରୁଛନ୍ତି। ଜୀବନକୁ ବାଜି ଲଗାଇ ଏହି କର୍ମଚାରୀମାନେ ବଣ, ଜଙ୍ଗଲରେ ଡ୍ୟୁଟି କରୁଛନ୍ତି। କାଠ ମାଫିଆ, ପଶୁ ଶିକାରୀ, ହାତୀ, ବାଘ ଆଦିଙ୍କ ବିପଦକୁ ଖାତିର ନ କରି କାର୍ଯ୍ୟ କରୁଥିବା ଏହି ଅସ୍ଥାୟୀ କର୍ମଚାରୀମାନେ ୬ ମାସ ହେବ ଦରମା ପାଇନାହାନ୍ତି। ମାସକୁ ୧୦-୧୨



ହଜାର ଟଙ୍କା ଦରମାରେ କାମ କରୁଥିବା ଏହି କର୍ମଚାରୀମାନେ ଏତେ ଦିନ ହେବ ଦରମା ନ ପାଇବାରୁ ଶେଷରେ ବାଧ ହୋଇ ବନ ବିଭାଗର ମୁଖ୍ୟ କାର୍ଯ୍ୟାଳୟ 'ଅରଣ୍ୟ ଭବନ' ଘେରାଉ କରିଛନ୍ତି। ରାଜ୍ୟର ବିଭିନ୍ନ ବନଖଣ୍ଡରେ କାର୍ଯ୍ୟରତ ହଜାର ହଜାର ଅସ୍ଥାୟୀ ବନ କର୍ମଚାରୀମାନଙ୍କ ଧାରଣା ପରେ ବନ ବିଭାଗରେ ଭାଳେଣି ପଡ଼ିଛି।

ବନ ବିଭାଗର ଏହି ଅସ୍ଥାୟୀ କର୍ମଚାରୀମାନେ ଦରମା ସମସ୍ୟା ସହ ମୋଟ୍ ୭ ଟି ଦାବି ନେଇ ଧାରଣା ଦେଇଛନ୍ତି। ଦୀର୍ଘ ସେବା ଓ ଅଭିଜ୍ଞତାକୁ ବିଚାର କରି କର୍ମଚାରୀଙ୍କୁ ସ୍ଥାୟୀ କରିବା ସହ ଦୈନିକ ଶ୍ରମିକ ଭାବେ ପାରିଶ୍ରମିକ ବଦଳରେ ୩୦ ଦିନର ଦରମା ସହ ଆଇଟସୋର୍ସିଙ୍ଗ କର୍ମଚାରୀ ମାନେ ପାଉଥିବା ବର୍ଦ୍ଧିତ ଦରମା, ପ୍ରୋତ୍ସାହନ ଭତ୍ତା, ବାର୍ଷିକ ଛୁଟି ପ୍ରଦାନ କରିବାକୁ ଦାବି କରିଛନ୍ତି। ସେହିପରି ବିପଦପୂର୍ଣ୍ଣ ଓ କୁଶଳୀ କାର୍ଯ୍ୟକୁ ବିଚାର କରି ଉଚ୍ଚକୁଶଳୀ କର୍ମଚାରୀ ଭାବେ ପ୍ରାପ୍ୟ ପ୍ରଦାନ କରିବା ସହ ବନ୍ୟପ୍ରାଣୀଙ୍କ ଆକ୍ରମଣରେ ମୃତ ବା କର୍ତ୍ତବ୍ୟ ସମ୍ପାଦନ କାଳରେ ରୋଗଗ୍ରସ୍ତ ହୋଇ ମୃତ୍ୟୁ ବରଣ କରୁଥିବା କର୍ମଚାରୀଙ୍କୁ ସର୍ବନିମ୍ନ ୨୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଓ ପଙ୍ଗୁ କର୍ମଚାରୀଙ୍କୁ ସର୍ବନିମ୍ନ ୧୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ସହ ପରିବାରର ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ବିଭାଗୀୟ କାର୍ଯ୍ୟ ପାଇଁ ମୋବାଇଲ୍ ଡାଟା ଭାଉଚର ଯୋଗାଇଦେବା ସହ ବିନା ଅପରାଧରେ ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଏବଂ ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍କାର୍ଡ, ୱାଚର, ପାରା ଫରେଷ୍ଟ ଇତ୍ୟାଦି ବିଭିନ୍ନ ସଂଜ୍ଞା ବଦଳରେ ଗୋଟିଏ ସାର୍ବଜନୀନ ସଂଜ୍ଞା

## ଅସ୍ଥାୟୀ ବନ କର୍ମଚାରୀଙ୍କ ଘେରରେ ଅରଣ୍ୟ ଭବନ

ପ୍ରଦାନ କରିବାକୁ କର୍ମଚାରୀମାନେ ଦାବି କରିଛନ୍ତି। ମାସିକ ପ୍ରାପ୍ୟ ଠିକ ସମୟରେ ପ୍ରଦାନ , ଇପିଏଫ ଓ ଇଏସ୍‌ଆଇ ମଧ୍ୟ ଆକାଉଣ୍ଟରେ ଠିକ ସମୟରେ ଦାଖଲ କରିବାକୁ କୁହାଯାଇଛି। ୬ ମାସ ଧରି ଦରମା ପାଇନଥିବା କର୍ମଚାରୀଙ୍କୁ ତୁରନ୍ତ ଦରମା ଦେବା ସହ ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ବିଭାଗ ନିମନ୍ତେ ଉଦ୍ଦିଷ୍ଟ ଖାକି ପୋଷାକ (ବର୍ଷକୁ ଦୁଇ ହଳ), ସୁରକ୍ଷା ଉପକରଣ, ଟର୍ଚ୍ଚ ଓ ବିଭାଗୀୟ ପରିଚୟ ପତ୍ର ଆଦି ପ୍ରଦାନ କରିବାକୁ ଦାବି କରାଯାଇଛି।

ଧାରଣାରତ କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ ବନ ବିଭାଗ ପାଇଁ କାମ କରିବା ସମୟରେ ଜୀବନ ପ୍ରତି ବିପଦ ରହୁଛି। କିନ୍ତୁ ସେହି ଅନୁସାରେ ସୁବିଧା ମିଳି ପାରୁନାହିଁ। ପ୍ରତିଦିନ ୧୨-୧୫ ଘଣ୍ଟା କାମ କଲେ ମଧ୍ୟ ଦିନ ମଜୁରିଆଠୁ କମ୍ ଦରମା ମିଳୁଛି। ପାଖାପାଖି ୭ହଜାର ଆଉଟ୍‌ସୋର୍ସିଂ କର୍ମଚାରୀ ବିଭାଗ ଅଧୀନରେ କାମ କରୁଛନ୍ତି; କିନ୍ତୁ ଏମାନଙ୍କୁ ଠିକ ଭାବରେ ବେତନ ମିଳୁନି। ଏହାକୁ ନେଇ ବାରମ୍ବାର ବିଭାଗୀୟ ମୁଖ୍ୟ ଓ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଆଜି ଯାଏଁ କୌଣସି ସହାୟତା କିମ୍ବା ପ୍ରତିଶ୍ରୁତି ମିଳିନାହିଁ। ଅସ୍ଥାୟୀ କର୍ମଚାରୀଙ୍କ ଧାରଣା ପରେ ଘଟଣା ସ୍ଥଳରେ ଦୁଇଜଣ ପିସିସିଏଫ୍ ସୁରେଶ ପନ୍ଥ, ପ୍ରେମ କୁମାର ଝା ପହଞ୍ଚି ଦାବି ପୂରଣ ନେଇ ୧୫-୩୦ ଦିନ ସମୟ ମାଗିଛନ୍ତି। ଏହା ସହ ସେମାନଙ୍କ ଦ୍ୱାରା ଯାହା ସମ୍ଭବ ତାହା ପୂରଣ ହେବ ବୋଲି ପ୍ରତିଶୃତି ଦେଇଛନ୍ତି। ଯେଉଁ ଦାବିଗୁଡ଼ିକ ସେମାନଙ୍କ ପକ୍ଷେ ସମ୍ଭବ ନୁହେଁ, ସେ ବିଷୟରେ ସରକାରଙ୍କୁ ଲିଖିତ ଭାବେ ଅବଗତ କରାଯିବ ବୋଲି ଦୁଇ ପିସିସିଏଫ୍ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ କର୍ମଚାରୀମାନେ ଆନ୍ଦୋଳନ ସ୍ଥଗିତ ରଖିଛନ୍ତି। ମାତ୍ର ଯଦି ଖୁବ୍‌ଶୀଘ୍ର ଏ ସମ୍ପର୍କରେ ଆବଶ୍ୟକୀୟ ପଦକ୍ଷେପ ନିଆ ନ ଯାଏ, ତେବେ ସମସ୍ତ ଅସ୍ଥାୟୀ କର୍ମଚାରୀ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣା ଦେବେ ବୋଲି ରାଜ୍ୟ ଅସ୍ଥାୟୀ ବନ କର୍ମଚାରୀ ସଂଘ ଚେତାବନୀ ଦେଇଛି।

## ଅଧାରେ ରହିଗଲା ଝିଅ ଜନ୍ମଦିନ ପାଳନ

# କେକ୍ ନେବାକୁ ଆସିଥିବା ବାପାକୁ ଚାପିଦେଲା ଡମ୍ଫର୍

ସୋର,୧।୯ (ସମିସ): ଅଧାରେ ରହିଗଲା ଝିଅ ଜନ୍ମଦିନ ପାଳନ। କେକ୍ ନେବାକୁ ବଜାର ଆସିଥିବା ବାପାକୁ ଡମ୍ଫର୍ ଚାପିଦେଲା। ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳରେ ଆଜି ଏପରି ଏକ ହୃଦୟବିଦାରକ ଘଟଣା ଘଟିଛି। ମୃତକ ହେଲେ, ସୋର ଥାନା ଗୋପୀନାଥପୁର ପଞ୍ଚାୟତ ଗଡ଼ସାହି ଗ୍ରାମର ଉମାକାନ୍ତ ପାଢ଼ୀ(୩୫)। ପୁଲିସ୍ ଶବକୁ ଜବତ

## କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତଙ୍କ ରାସ୍ତାରୋକ

କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଦୁର୍ଘଟଣା ଘଟାଇଥିବା ଗାଡ଼ି ଚାଳକକୁ ଗିରଫ ଦାବିରେ ସ୍ଥାନୀୟ ଲୋକ ସୋର-ଗୋପୀନାଥପୁର ରାସ୍ତାରେ ଧାରଣାରେ ବସିଛନ୍ତି। ଫଳରେ ଏହି ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଖବର ପାଇ ସୋର ଥାନାଧିକାରୀ ସୁଦୀପ୍ତ ସାହୁ ସଦଳବଳେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିଲେ ହେଁ ଶେଷ ଖବର ଲେଖା ହେବା ବେଳକୁ ଅବରୋଧ ହଟିନଥିଲା।

ସୂଚନାନୁଯାୟୀ, ଉମାକାନ୍ତଙ୍କ ଝିଅର ଆଜି ଜନ୍ମଦିନ ଥିଲା। ଏଥିପାଇଁ ପରିବାରରେ ଖୁସିର ମାହୋଲ ଥିଲା। ଅପରାହ୍ନରେ ଉମାକାନ୍ତ ଏକ




କେକ୍ ଆଣିବା ପାଇଁ ସୋର ବଜାର ଅଭିମୁଖେ ଆସୁଥିଲେ। ଏହି ସମୟରେ ବାଗୁଡ଼ିବଜାର ନିକଟ ଭଗବତୀ ଟ୍ରେଡର୍ସ ସମ୍ମୁଖରେ ପଛରୁ ଆସୁଥିବା ଏକ ପଥର ବୋଝେଇ ଡମ୍ଫର୍‌ଟି ତାଙ୍କୁ ପଛରୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ଦୁର୍ଘଟଣା ଘଟାଇବା ପରେ ଡମ୍ଫର ଚାଳକ ଏବଂ ଖଲାସୀ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି।

# ଏନ୍‌ଟିପିସି ତାଳଚେର ଥର୍ମାଲ୍ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ



ତାଳଚେର,୧।୯(ସମିସ): ଏନଟିପିସି ତାଳଚେର ଥର୍ମାଲ୍‌ରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଚାନ୍ଦ କର୍ମଚାରୀଙ୍କୁ ଶପଥପାଠ କରିବା ସହ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଜିଏମ୍ (ପ୍ରୋଜେକ୍ଟ) ଜେପି ରୟ, ଜିଏମ୍ (ମେକାନିକାଲ୍ ଇରେକ୍ସନ୍) ପ୍ରବୀର କୁମାର, ଜିଏମ୍ ରୋହିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ତାଳଚେର ଥର୍ମାଲ୍ ଡିଏଭି ସ୍କୁଲ ଛାତ୍ରଛାତ୍ରୀ, କଣିହା ଡିଏଭି ସ୍କୁଲ ଛାତ୍ରଛାତ୍ରୀ ଏବଂ କର୍ମଚାରୀ ଯୋଗଦେଇଥିଲେ। ଏହି ଅବସରରେ ଦଳଗତ କାର୍ଯ୍ୟ, ସ୍ୱାସ୍ଥ୍ୟ ପ୍ରତିଯୋଗିତା ଏବଂ ଶାରୀରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ସପ୍ତାହବ୍ୟାପୀ ବିଭିନ୍ନ କ୍ରୀଡ଼ା ଯଥା ବ୍ୟାଡମିଣ୍ଟନ୍ ପ୍ରିମିୟର ଲିଗ୍, ଗୁଡୱିଲ୍ ଥ୍ରୋବଲ୍ ମ୍ୟାଚ୍, ସାଇକଲ ରାଲି, ଫ୍ୟାନ୍ସି କ୍ରୀଡ଼ା ଏବଂ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସମସ୍ତ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଜେତା ଏବଂ ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ,୧।୯(ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୩୦ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୭ଟି ବ୍ୟକ୍ତିଗତ ଓ ୩ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିଲା। ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

# ସାର କଳାବଜାରୀ ବନ୍ଦ କରିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଅନୁଗୋଳ,୧।୯(ସମିସ):




ସାର କଳାବଜାରୀ ବନ୍ଦ କରି ପ୍ରତି ପଞ୍ଚାୟତରେ ସରକାରୀ ଦୋକାନ ମାଧ୍ୟମରେ ସବସିଡିରେ ଆବଶ୍ୟକ ମୁତାବକ ସାର ଯୋଗାଇଦେବା, ସରକାର ଓ ଜିଲ୍ଲା ପ୍ରଶାସନ ତରଫରୁ ଅସାଧୁ ସାର ବ୍ୟବସାୟୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ବନ୍ୟଜନ୍ତୁ ଉପଦ୍ରବରୁ ଫସଲ ଓ ଧନଜୀବନର ରକ୍ଷା କରିବାକୁ ବାସ୍ତବ ପଦକ୍ଷେପ ନେବା, ଯୁଦ୍ଧକାଳୀନ ଭିତ୍ତିରେ ଅଚଳ ଉଠାଜଳସେଚନ ପଏଣ୍ଟ ଓ ଚେକ୍‌ଡ୍ୟାମ୍‌ଗୁଡ଼ିକର ମରାମତି କରିବା, ବହୁ ପ୍ରତୀକ୍ଷିତ ସୁରେଶ୍ୱରୀ, ଧଉରାଗୋଠ, ଡୋଲଡୁମୁରି, କାଣିଘାଇ, ଚୁଡ଼ାଖିଆ ଆଦି ଜଳସେଚନ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକାରୀ କରିବା ଦାବିରେ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ, ଅନୁଗୋଳ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତ ବର୍ଷ ଅନିୟମିତ ବର୍ଷା ଯୋଗୁଁ ଚାଷକାର୍ଯ୍ୟ ବିଳମ୍ବିତ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ଜଳସେଚନ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଯାଉନାହିଁ। ବିଭିନ୍ନ ସରକାରୀ କୃଷି ସମବାୟ ସମିତି ଓ ଲ୍ୟାମ୍ପ ମାଧ୍ୟମରେ ଆବଶ୍ୟକଠାରୁ ଯଥେଷ୍ଟ କମ୍ ସାର ଯୋଗାଣ ହୋଇଥିବାରୁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ରାତିସାରା ସାର ପାଇଁ ଜଗି ରହୁଛନ୍ତି। ଚାଷୀ ନିରୁପାୟ ହୋଇ ୟୁରିଆ ସାର ୨୭୦ଟଙ୍କା ପରିବର୍ତ୍ତେ ଅସାଧୁ ବ୍ୟବସାୟୀଙ୍କଠାରୁ ୭୦୦ରୁ ୮୦୦ଟଙ୍କାରେ କିଣି ଶୋଷିତ ହେଉଛନ୍ତି। ମୁଣ୍ଡଝାଳ ତୁଣ୍ଡରେ ମାରି ଉତ୍ପାଦନ କରୁଥିବା ଫସଲକୁ ହାତୀ, ବାର୍ହା, ମାଙ୍କଡ଼, ଷଣ୍ଢ ନଷ୍ଟ କରିବା ଫଳରେ ଚାଷୀର ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗିଯାଉଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଜିଲ୍ଲା ସଭାପତି ସୁବାସ ପ୍ରଧାନ, ସମ୍ପାଦକ ରଣଜିତ ପ୍ରଧାନ, ଉପସଭାପତି ନବକିଶୋର ପ୍ରଧାନ, କୁମାର ସାହୁ, ସହସମ୍ପାଦକ ସଞ୍ଜୟ ସାହୁ, କାଳୀଚରଣ ପ୍ରଧାନ, ଉଦୟ ଭୋଇ, ପ୍ରତାପ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ। ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଶକ୍ତିଶାଳୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

# ୧୩ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଅନୁଗୋଳ,୧।୯(ସମିସ): ଅନୁଗୋଳ, ତାଳଚେର, ଆଠମଲ୍ଲିକ, ପାଲଲହଡ଼ା, ଛେଣ୍ଡିପଦା ଓ ବଅଁରପାଲସ୍ଥିତ ଅଦାଲତ ପରିସରରେ ଆସନ୍ତା ସେପ୍ଟେମ୍ବର ୧୩ ତାରିଖ ତୃତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଲୋକଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରୀ (ସାଲିସଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳପୈଠ ବିଲ ସମ୍ବନ୍ଧୀୟ ମାମଲା (ସାଲିସବିହୀନ ବିବାଦକୁ ବାଦ୍‌ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନସନ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଜିଲ୍ଲା କୋର୍ଟରେ ଓ ଜିଲ୍ଲା/ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ବିଚାରାଧୀନ ଥିବା) ବୌଦ୍ଧିକ ସମ୍ପତି ଅଧିକାର ମାମଲା/ଖାଉଟି ବିବାଦ/ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ, ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇ ପାରିବ। ଏହା ସହିତ ପ୍ରାକ-ମକଦ୍ଦମାସ୍ତରୀୟ (କଚେରୀରେ ଦାୟର ହୋଇ ନ ଥିବା) ମାମଲା ତଥା ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ (ସାଲିସବିହୀନ ବିବାଦକୁ ବାଦଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମାର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମକଦ୍ଦମା/ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ। ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହା ଏକ ସୁଯୋଗ। ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣ କିମ୍ବା ତାଳଚେର, ଆଠମଲ୍ଲିକ, ପାଲଲହଡ଼ା, ଛେଣ୍ଡିପଦା ଓ ବଅଁରପାଳ ତାଲୁକ ଆଇନସେବା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

# ସର୍ବଭାରତୀୟ ସ୍ତରରେ ଖେଳିବେ ଅଂଶୁମାନ




ଅନୁଗୋଳ,୧।୯(ସମିସ): ସ୍ଥାନୀୟ ଗାନ୍ଧିମାର୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦଶମ ଶ୍ରେଣୀ ଛାତ୍ର ଅଂଶୁମାନ ଧଳ ଆସନ୍ତା ମାସରେ ବେଙ୍ଗାଲୁରୁରେ ହେବାକୁ ଥିବା ଅଖିଳ ଭାରତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିବେ। ଗତ ୨୯ ତାରିଖ ଯାଜପୁର ମଧୁସୂଦନ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ କ୍ଷେତ୍ରୀୟ ଖେଳକୁଦରେ ହାମର ଥ୍ରୋ ପ୍ରତିଯୋଗିତାର କିଶୋର ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରି ଅଂଶୁମାନ ଏହି ଯୋଗ୍ୟତା ହାସଲ କରିଛନ୍ତି। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଫୁଲେନ୍ଦୁ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସେ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ଏହି ସଫଳତାକୁ ନେଇ ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ଆଲୋକ ଭୋଇ, ସହପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କିଶୋରନଗରରେ ରାଷ୍ଟ୍ରୀୟ ଡ୍ରାଇଭର ଦିବସ



କିଶୋରନଗର,୧।୯(ସମିସ): କିଶୋରନଗରରେ ଡ୍ରାଇଭର ମହାସଂଘ ପକ୍ଷରୁ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ ହୋଇଛି। ଏହି ଅବସରରେ ସଂଘର ସମସ୍ତ କର୍ମକର୍ତ୍ତା କଲେଜ ଛକରେ ମହାପ୍ରଭୁ ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରି ଡ୍ରାଇଭର ଏକତା ଜିନ୍ଦାବାଦ ସ୍ଲୋଗାନ ଦେଇ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ସଂଘ ସଭାପତି ମନୋରଞ୍ଜନ ମାଝୀ, ଉପସଭାପତି ସୁଶୀଲ ବୀର, ସମ୍ପାଦକ ସୁଶାନ୍ତ ନାଏବ, ସହସମ୍ପାଦକ ଅନିରୁଦ୍ଧ ପ୍ରଧାନ, କୋଷାଧ୍ୟକ୍ଷ କାହ୍ନୁଚରଣ ବେହେରାଙ୍କ ସମେତ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

# ୧୧ କେଜି ଗଞ୍ଜେଇ ଜବତ; ଜଣେ ଗିରଫ



ଛେଣ୍ଡିପଦା,୧।୯(ସମିସ): ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ଆଧାରରେ ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ପୁଲିସ ଚଢ଼ଉ କରି ୧୧ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନୂଆଗାଁ ବୀଣାପାଣି ସାହିର ଅଜୟ ନାଏକ। ଅଜୟ ଗଞ୍ଜେଇ ବିକ୍ରି କରିବା ପାଇଁ ବାଗଡ଼ିଆ ମାଝୀମୁଣ୍ଡାରୁ ବରନାଳି ଗାଁକୁ ସଂଯୋଗ କରୁଥିବା ରାସ୍ତାରେ ଅପେକ୍ଷା କରିଥିବା ବେଳେ ପୁଲିସ ଚଢ଼ଉ କରିଥିଲା। ଅଜୟଙ୍କ ପାଖରେ ଏକ ବସ୍ତାରେ ଥିବା ଗଞ୍ଜେଇ ଜବତ କରିଥିଲା। ଜବତ ଗଞ୍ଜେଇକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ଅଜୟଙ୍କୁ କୋର୍ଟ ଚାଲାଣ କରିଛି।

# ଗଣେଶ ବଜାରରେ ଗଜାନନଙ୍କ ପୂଜା



କିଶୋରନଗର,୧।୯(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ ଗଣେଶ ବଜାରରେ ୪୦ବର୍ଷ ହେବ ଗଣେଶ ପୂଜା ପାଳନ ହୋଇଆସୁଛି। ଅଗଷ୍ଟ ୨୭ ତାରିଖ ସକାଳ ୬ଟାରେ ଚଳିତବର୍ଷ ପୂଜା ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୧୦ଟାରେ ପୁଷ୍ପାଞ୍ଜଳି ଓ ଅପରାହ୍ନ ଗୋଟାଏରେ ପ୍ରସାଦ ସେବନ ହୋଇଥିଲା। ପୂଜାରେ କର୍ତ୍ତା ଭାବେ ମାନସ ବିଶ୍ୱାଳ ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ଲୋକନାଥ ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ରଙ୍ଗବେରଙ୍ଗର ଅଲୋକ ସାଙ୍ଗକୁ ତୋରଣ ଭକ୍ତଙ୍କୁ ବେଶ୍ ଆକୃଷ୍ଟ କରୁଛି। ଆସନ୍ତା ୨ ତାରିଖ ପ୍ରଭୁ ଗଜାନନଙ୍କ ଆଙ୍ଗାଲଡୁ ନିଲାମ ଓ ୩ ତାରିଖ ଭସାଣ ହେବ ବୋଲି କମିଟି ସଭାପତି ଶୁଭକାନ୍ତ ପ୍ରଧାନ ଓ ସମ୍ପାଦକ କିଶୋରୀ ସାହୁ କହିଛନ୍ତି।

# ବଜ୍ରପାତରେ ଚାଷୀ ମୃତ

ଛେଣ୍ଡିପଦା,୧।୯(ସମିସ): ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା କଣଲୋଇ ପଞ୍ଚାୟତ ନୂଆତଇଲାରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ହେଇଛି। ମୃତକ ହେଲେ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ଲବୁରି ଗାଁର ଛବିଳ ପ୍ରଧାନ। ରବିବାର ଅପରାହ୍ନରେ ଛବିଳ ସାର କିଣିବା ପାଇଁ ନୂଆଗାଁ ଆସିଥିଲେ। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ଜଙ୍ଗଲ ରାସ୍ତା ହୋଇଥିବାରୁ ପରିବାର ଲୋକେ ସନ୍ଦେହ କରି ତାଙ୍କୁ ଖୋଜା ଖୋଜି କରିବା ବେଳେ ନୂଆତଇଲାର ତଇଲୁଗୋଠଠାରେ ଛବିଳ ପଡ଼ିଥିବା ଦେଖିଥିଲେ। ତାଙ୍କ ଗୋଡ଼ ଏବଂ ଜଂଘ ପୋଡ଼ିଯାଇଥିଲା। ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଛବିଳଙ୍କ ଭାଇ ବାଗଡ଼ିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ମେଡିକାଲରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ,୧।୯(ସମିସ): ଅନୁଗୋଳ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ସୋମବାର ଆଠମଲ୍ଲିକ ବ୍ଲକ୍ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିବିରରେ ଏସ୍‌ପି ରାହୁଲ ଜୈନ ଯୋଗଦେଇଥିଲେ। ଏଥିରେ ମୋଟ ୫୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୪ଟି ବ୍ୟକ୍ତିଗତ ଓ ୯ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିଲା। ୬ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମଦନମୋହନ ପ୍ରଧାନ, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୋହା, ଡେପୁଟୀ କଲେକ୍ଟର ଶୁଭଦର୍ଶନ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ନିବାସ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମ୍ବର ଲୁଗୁନ୍, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିରୋଦ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।




# ମହାନଦୀ କୋଇଲା ଠିକାଶ୍ରମିକ ସଂଘ ପକ୍ଷରୁ ରେଳବିଭାଗକୁ ଦାବିପତ୍ର

ତାଳଚେର,୧।୯(ସମିସ):




ତାଳଚେର ମହାନଦୀ କୋଇଲା ଠିକା ଶ୍ରମିକ ସଂଘ ପକ୍ଷରୁ ସଭାପତି ରାଜକିଶୋର ସାହୁଙ୍କ ନେତୃତ୍ୱରେ ରେଲୱେ ଦ୍ୱାରା ଖଣିରୁ ହେଉଥିବା କୋଇଲା ପରିବହନ ଓ ପାଲଭିଡ଼ାକୁ ନେଇ ରେଳବିଭାଗ ଏଆରଏମଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ରେଳ ଯୋଗେ କୋଇଲା ପରିବହନ ହେଉଥିବା ୱାଗନଗୁଡ଼ିକରେ ପାଲଭିଡ଼ା ଓ ରଶି ଲଗାଇ ବାନ୍ଧିବା ସହ ଉତ୍ତମ ଭାବରେ ତଦାରଖ କରିବାକୁ ଗତ ମେ ୨୧ରେ ଖୋର୍ଦ୍ଧାରୋଡ୍ ଡିଭିଜନାଲ କମର୍ସିଆଲ ମ୍ୟାନେଜର୍‌ଙ୍କୁ ଅବଗତ କରାଯାଇଥିବା ସଂଘ ସଭାପତି ରାଜକିଶୋର ସାହୁ ପ୍ରକାଶ କରିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ ରେଳ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ରେଳ ବିଭାଗର ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶକୁ ସ୍ଥାନୀୟ ଅଧିକାରୀ ଉଲ୍ଲଙ୍ଘନ କରୁଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସ୍ଥାନୀୟ ରେଳ ପ୍ରଶାସନର ଏପରି ମନୋଭାବ ପାଇଁ ଅଞ୍ଚଳବାସୀ କୋଇଲା ଗୁଣ୍ଡ ଯୋଗୁଁ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତୁରନ୍ତ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେଲେ ସଂଘ ବାଧ୍ୟହୋଇ ଧର୍ମଘଟ, ଧାରଣା ଏବଂ ଆର୍ଥିକ ଅବରୋଧ କରିବ ଓ ଏପରି ପରିସ୍ଥିତି ପାଇଁ ପୂର୍ବତଟ ରେଳବାଇ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ସଂଘ ଚେତାବନୀ ଦେଇଛି। ଦାବିପତ୍ରର ନକଲ ଅନୁଗୋଳ ଜିଲ୍ଲାପାଳ, ଏସପି, ତାଳଚେର ଉପଜିଲ୍ଲାପାଳ, ଏସଡିପିଓ, କୋଲିୟରୀ ଥାନା ଅଧିକାରୀ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଆଞ୍ଚଳିକ ଅଧିକାରୀ, ପୂର୍ବତଟ ରେଳବିଭାଗ ଜିଏମଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଦିଗମ୍ବର ଗଡ଼ନାୟକ, ବୀରବର ସାହୁ, ଏଲ ମାଣିକପ୍ରଭା, ସତ୍ୟବ୍ରତ ମହାରଥି, ସହଦେବ ସାହୁ, ରଣଜିତ୍ ସାହୁ, ସୁନୀଲ ପାଣି, ଦୀପକ, ସଂଗ୍ରାମ କେଶରୀ କୁଅଁର, ଗୌତମ ବେହେରା, ରତନ ଶତପଥୀ, ଦୁର୍ଗା ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ କଲ୍ୟାଣ ସଙ୍ଘର ଚାରାରୋପଣ



ବଅଁରପାଳ,୧।୯(ସମିସ): ବରିଷ୍ଠ ନାଗରିକ କଲ୍ୟାଣ ସଙ୍ଘ ଆନୁକୂଲ୍ୟରେ ରବିବାର ନୂଆହତା ଶିବ ମନ୍ଦିର ପରିସରରେ ବିଭିନ୍ନ ଫୁଲ, ଫଳ ଓ ଔଷଧୀୟ ଚାରା ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ସଙ୍ଘ ସଭାପତି ଶିବଚରଣ ସେଠୀ, ସମ୍ପାଦକ ରବୀନ୍ଦ୍ର କୁମାର ସାହୁ, କାର୍ଯ୍ୟକାରୀ ସଭାପତି ସତ୍ୟବାନ ବରାହ, ବରିଷ୍ଠ ସଦସ୍ୟ ସର୍ବେଶ୍ୱର ସାହୁ, ସୁଧୀର ବରାହ, ଉତ୍ତର ସାହୁ, ରମେଶ ଦାଶ, କିଶୋର ଚନ୍ଦ୍ର ମିଶ୍ର, ପ୍ରସନ୍ନ ମହାନ୍ତି ହେମନ୍ତ କୁମାର ସାହୁ, ବଳରାମ ପୃଷ୍ଟି, ରମେଶ ଶତପଥୀ, କୁଳମଣି ସାହୁ, ହେମନ୍ତ ନାୟକ, ଅରୁଣ ଜେନା, ଶ୍ରୀଧର ମହାନ୍ତି, ନୃପମଣି ନାୟକ, ବିନୋଦ ପ୍ରଧାନ ଓ କୁମୁଦ ସାହୁ ଯୋଗଦେଇ ଚାରା ରୋପଣ କରିଥିଲେ। ସଙ୍ଘର ଅନ୍ୟତମ ସଦସ୍ୟ ତଥା ପୂର୍ବତନ ନୂଆହତା ସରପଞ୍ଚ କାର୍ତ୍ତିକେଶ୍ୱର ସାମଲ କାର୍ଯ୍ୟକ୍ରମ ପରିଚାଳନା ଓ ସଂଯୋଜନା କରିଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।

# ରାଜ୍ୟ ରାଜପଥରେ ଗଦା ହୋଇଛି ବାଲି

ଡେରାବିଶ, ୩୧ା୮ (ସମିସ)




କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଡେରାବିଶ ବ୍ଲକ୍ ଅନ୍ତର୍ଗତ ସଲାର ମଠ ଛକ ନିକଟରେ ଗଦା ହୋଇ ରହିଛି ୫୦ ଟ୍ରିପରୁ ଅଧିକ ବାଲି। ଏହି ବାଲିର ପାହାଡ଼ ଧିରେ ଧିରେ ରାଜପଥକୁ ମାଡ଼ି ଚାଲି ପଥଚାରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଧଳାଗାରକୁ ଟପି ରାସ୍ତାର ମଝି ଧଳା ଗାର ଆଡ଼କୁ ମାଡ଼ି ଗଲାଣି। ଫଳରେ ବାଲି ନିମନ୍ତେ ଦୈନିକ ଦୁର୍ଘଟଣା ଘଟି ଚାଲିଛି। ଗତକାଲି ସକାଳେ ଜଣେ ବାଇକ୍ ଆରୋହୀ ରାସ୍ତା କଡ଼ରେ ଯାଉଥିବାବେଳେ ଏହି ବାଲି ଗଦାରେ ପଶି ଭାରସାମ୍ୟ ହରାଇବା ସହିତ ପଡ଼ି ଖଣ୍ଡିଆ ଖାବରା ହୋଇଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶ କରାଯାଉଥିଲେ ମଧ୍ୟ ଉଭୟ ଖଣି ବିଭାଗ ଓ ତହସିଲ ପ୍ରଶାସନ ଚୁପ୍ ହୋଇ ବସିରହିଛି। ଜଣେ ପ୍ରଭାବଶାଳୀ ବ୍ୟକ୍ତି ଏଠାରେ ଗ୍ରାମ ରାସ୍ତା କାମ ଆଳରେ ବାଲି ଗଦା କରି ବାଲି ବେପାର ନିମନ୍ତେ ମସୁଧା ଚଳାଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। କାରଣ ରାସ୍ତା କାମ କରୁଥିବା ବ୍ୟକ୍ତି ଗ୍ରାମ ମଧ୍ୟରେ ବହୁ ଖାଲି ସ୍ଥାନ ଥିବା ସତ୍ତ୍ୱେ ସେଠାରେ ନ ପକାଇ ଜାତୀୟ ରାଜପଥ ଉପରେ କାହିଁକି ପକାଇଛନ୍ତି। ତେବେ ଲୋକଙ୍କ ଅଭିଯୋଗ ପରେ ଆଜି ଏକ ଜେସିବି ରାଜପଥ ଉପରେ ବିଛେଇ ହୋଇଥିବା ବାଲିକୁ ରାସ୍ତା କଡ଼କୁ ଠେଲୁଥିବା ଦେଖିବାକୁ ମିଳିଥିଲା। ତେବେ ଏହି ବାଲିକୁ ଜେସିବି ଚାଳକ ଜଣକ କେବଳ ପିଚୁ ଉପରୁ ଠେଲି ରାସ୍ତାର ପାଦଚଲା ସ୍ଥାନରେ ଗଦା କରିଛି। ଏପରିକି ଏହି ବାଲିଗଦାର ପଛପଟରେ ବହୁ ଅଦରକାରୀ ଖାଲି ସ୍ଥାନ ଥିଲେ ମଧ୍ୟ ଜାଣିଶୁଣି ଏହି ବାଲିକୁ ରାସ୍ତା ରାଜପଥ କଡ଼ରେ ରଖାଯାଇଛି। ଖଣି ବିଭାଗ ଓ ତହସିଲ ପ୍ରଶାସନ ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଲୋକମାନେ ଘରୋଇ କାମ ନିମନ୍ତେ ଗଦା କରିଥିବା ବାଲି ନିକଟରେ ପହଞ୍ଚି ଜରିମାନା କରୁଥିବାବେଳେ ରାଜ୍ୟ ରାଜପଥ କଡ଼ରେ ଗଦା ହୋଇଥିବା ଏହି ବାଲି ପାହାଡ଼ ଉପରେ କିପରି ସେମାନଙ୍କର ନଜର ପଡୁନାହିଁ ବୋଲି ଅଭିଯୋଗ କରିଛନ୍ତି। ଏପରିକି ଏହି ରାଜ୍ୟ ରାଜପଥ ଦେଇ ଜିଲ୍ଲା କାର୍ଯ୍ୟାଳୟଠାରୁ ତହସିଲ ପ୍ରଶାସନ ଯାଏ ବହୁ ଅଧିକାରୀ ଯାଉଥିବାବେଳେ କିପରି ଏହି ବାଲିଗଦା ସେମାନଙ୍କ ନଜର ଆଢୁଆଳରେ ରହିଛି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲା ପ୍ରଶାସନ ଏ ସମ୍ପର୍କରେ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।


ଝଙ୍କଡ଼ ପୀଠ କନକପୁରସ୍ଥିତ ସର୍ବୋଦୋଳାରେ ମା' ତରାଦେଇ ଅନୁଷ୍ଠାନ ପକ୍ଷରୁ ଗଣେଶ ପୂଜା

## ବନିତା ହତ୍ୟା ଘଟଣା / ପୁଲିସର ତଦନ୍ତ ଜାରି, ଗାଁରେ ଶେଷକୃତ୍ୟ ସମ୍ପନ୍ନ



### କତାରରୁ ଫେରିଲେ ସ୍ୱାମୀ

ପଟ୍ଟାମୁଣ୍ଡାଇ,୩୧ା୮ (ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିବା ବନିତା ରାଉତ ହତ୍ୟା ଘଟଣା ଏବେବି ରହସ୍ୟାବୃତ୍ତ ହୋଇ ରହିଛି। ଏହି ହତ୍ୟାର ପର୍ଦ୍ଦାଫାସ କରିବା ପାଇଁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ସାଇଣ୍ଟିଫିକ ଟିମ୍ ସହିତ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି। ତେବେ ସନ୍ଦିଗ୍ଧ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ମୃତା ବନିତାଙ୍କ ଶବ ବ୍ୟବଚ୍ଛେଦ ପରେ ତାଙ୍କ ଶାଶୂଘର ଗାଁ ନରେନ୍ଦ୍ରପୁରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସୁଦୂର କତାରରୁ ଆସି ସ୍ୱାମୀ ଅତୁଲ କୁମାର ରାଉତ ଗାଁରେ ପହଞ୍ଚିଛନ୍ତି। ସୁଧ ଟଙ୍କା କାରବାରକୁ ନେଇ ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ଜୋର ଧରିଛି। ତେବେ ଅନ୍ୟ କିଛି କାରଣ ଥାଇପାରେ ବୋଲି ମଧ୍ୟ ଆଲୋଚନା ହେଉଛି। ଏହି ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ବନ୍ଦନା ପାତ୍ର ପ୍ରକାଶ କରିଛନ୍ତି।

ସୂଚନା ମୁତାବକ, ଗତ ୨୭ ତାରିଖରୁ ନିଖୋଜ ଥିବା ବନିତାଙ୍କ ଗଳିତ ଶବ ଗତକାଲି ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ୩୧ନଂ ଭେଣ୍ଡି ଜୋନ କ୍ୟାବିନରୁ ମିଳିଥିଲା। ପ୍ରମାଣ ନଷ୍ଟ ପାଇଁ ବନିତାଙ୍କ ମୁହଁ ଓ ଶରୀରକୁ ବିଭତ୍ସ କରାଯାଇଥିଲା। ତଥାପି ସାଇଣ୍ଟିଫିକ ଟିମ ସହ ପୁଲିସ ପୂରା ଦମରେ ଏହାର ତଦନ୍ତ ଜାରି ରଖିଛି। ବନିତାଙ୍କ ମୃତଦେହ ଥିବା କ୍ୟାବିନଟି ସ୍ଥାନୀୟ ବେଲତଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ନାମରେ ଆଲଟ ହୋଇଥିବାବେଳେ ତାଙ୍କ ବଡ଼ଭାଇଙ୍କ ପରିବାରର ବନ୍ଧୁ ସମ୍ପର୍କ ଯାଜପୁର ବରୀ ଅଞ୍ଚଳର ସନ୍ତୋଷ ପରିଡ଼ା ଓରଫ ବାୟା ଏହି କ୍ୟାବିନରେ ବ୍ୟବସାୟ କରୁଥିବା ଜଣାପଡ଼ିଛି।

## ବଟମହାପୁରୁଷ ଯୁବ ସଂଗଠନ ପକ୍ଷରୁ ପୋଖରୀ ସଫେଇ

ତିର୍ତ୍ତୋଲ, ୩୧ା୮ (ସମିସ): ବଟ ମହାପୁରୁଷ ଯୁବ ସଂଗଠନ କାଇଁଟୋଳ ଗ୍ରାମ ପକ୍ଷରୁ ଗ୍ରାମର ପୁଷ୍କରିଣୀ ସଫେଇ କାର୍ଯ୍ୟ ସଭାପତି ଆଲୋକ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଟ ମହାପୁରୁଷ ସଂଗଠନର ସଭ୍ୟ ବିଶ୍ୱଜିତ ବିଶ୍ୱାଳ, ତାପସ ନାୟକ, ସମ୍ରାଟ ପଟ୍ଟନାୟକ, ଚିରଞ୍ଜୀବୀ ନାୟକ, ସ୍ୱପ୍ନରଞ୍ଜନ ସାମଲ, ସୌମ୍ୟରଞ୍ଜନ ବିଶ୍ୱାଳ, ମାନସ ବିଶ୍ୱାଳ, ମଳୟ ବିଶ୍ୱାଳ, ଦିବ୍ୟଜ୍ୟୋତି ବିଶ୍ୱାଳ, ପ୍ରଭାସ ମହାନ୍ତି, ସତ୍ୟପ୍ରସାଦ ସାମଲ, ରୁଦ୍ରଙ୍କ ସମେତ ସଂଗଠନର ମହିଳା ସଭ୍ୟା ସାମିଲ ହୋଇଥିଲେ।



## ପ୍ରଧାନଶିକ୍ଷକ ସତ୍ୟବାନ ସ୍ୱାଇଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ତିର୍ତ୍ତୋଲ, ୩୧ା୮ (ସମିସ): ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ସିରସ୍ତା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟବାନ ସ୍ୱାଇଁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରାହାମା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଦ୍ୱୈତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବୋଉ ମଣ୍ଡପରେ ବାବା ବଳିଆଙ୍କ ଗୁରୁ ପୂଜା ଉତ୍ସବରେ ଗୁରୁ ଭାଇ ଭଉଣୀଙ୍କ ଉପସ୍ଥିତିରେ ଆଶ୍ରମର ବାବା ପ୍ରଧାନଶିକ୍ଷକ ଶ୍ରୀ ସ୍ୱାଇଁଙ୍କୁ ଉତ୍ତରୀୟ, ମା' ଲକ୍ଷ୍ମୀ ଓ ବାବା ବଳିଆଙ୍କ ଫଟୋଚିତ୍ର ପ୍ରଦାନ କରି ଅବସର ଜୀବନ ସୁଖମୟ ହେଉ ବୋଲି କାମନା କରି ଆଶୀର୍ବଚନ ପ୍ରଦାନ କରିଥିଲେ। ଏଥିସହିତ ବିଦ୍ୟାଳୟ ପରିସରରେ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ ଓ ଅତିଥିମାନେ ବିଦାୟୀ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ପ୍ରଧାନଶିକ୍ଷକଙ୍କ ବିଦ୍ୟାଳୟର ଉନ୍ନତି ପାଇଁ ନିରବଚ୍ଛିନ୍ନ ଉଦ୍ୟମ ପ୍ରଶଂସନୀୟ। ଏହି କାର୍ଯ୍ୟ ପାଇଁ ବିଦ୍ୟାଳୟ ଓ ଛାତ୍ରଛାତ୍ରୀ ତାଙ୍କ ନିକଟରେ ଚିର ଋଣି ହୋଇ ରହିବେ ବୋଲି ମତବ୍ୟକ୍ତ କରିଥିଲେ।

## ସ୍ୱାୟତ୍ତ ଶାସନ ଦିବସରେ କଳିଙ୍ଗ ମହିଳା ଶକ୍ତି ସମ୍ମାନିତ




ପାରାଦୀପ,୩୧ା୮ (ସମିସ): ଅଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ପାରାଦୀପ ଅଞ୍ଚଳର ଜଣାଶୁଣା ମହିଳା ସଂଗଠନ କଳିଙ୍ଗ ମହିଳା ଶକ୍ତିକୁ ସମ୍ମାନିତ କରାଯାଇଥିଲା। ପାରାଦୀପ ପୌର ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜୟଦେବ ସଦନରେ ଆୟୋଜିତ ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ମହିଳା ସଙ୍ଗଠନକୁ ସମ୍ମାନିତ କରିଥିଲେ। ସଂଗଠନର ସଭାପତି ମନୋରମା ଖଟୁଆ ଓ ଅନ୍ୟ ସଦସ୍ୟ ମଞ୍ଚରେ ଉପସ୍ଥିତ ରହି ଏହି ସମ୍ମାନ ଗ୍ରହଣ କରିଥିଲେ। କଳିଙ୍ଗ ମହିଳା ଶକ୍ତି ପାରାଦୀପ ଅଞ୍ଚଳର ଗରିବ ନିଷ୍ପେସିତ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହିତ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ନିୟୋଜିତ ହୋଇଥାଏ। ଉତ୍ସବରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦ, ସାଂସଦ ଡଃ ବିଭୁପ୍ରସାଦ ତରାଇ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପୌର ଉପାଧ୍ୟକ୍ଷା ଛବିଳତା ରାଉତ ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ବେକରୁ ଚେନ୍ ଲୁଟିଲେ ଦୁର୍ବୃତ୍ତ

ଡେରାବିଶ,୩୧ା୮ (ସମିସ): ଡେରାବିଶ ଥାନା ଅଧୀନ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ କୁରୁଜଙ୍ଗା ନିକଟରୁ ଦୁଇଜଣ ଦୁର୍ବୃତ୍ତ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବେକରୁ ସୁନା ଚେନ୍ ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ମହିଳା ସ୍ୱାସ୍ଥ୍ୟ କର୍ମୀ ଡେରାବିଶ ଥାନାରେ ଅଭିଯୋଗ କରିବା ପରେ ଥାନାରେ ୧୫୬/୨୫ରେ ଏକ ମାମଲା ରୁଜୁ କରାଯାଇ ପୁଲିସ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ଏହି ଥାନା ଅଧୀନସ୍ଥ ତିଲଙ୍ଗ ଗ୍ରାମର ଜ୍ୟୋସ୍ନାମୟୀ ସାହୁ ବୀରନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସେବିକା ଭାବେ କାର୍ଯ୍ୟ କରନ୍ତି। ଆଜି ସେ ତାଙ୍କ ଡ୍ୟୁଟି ସାରି ଘରକୁ ଫେରିବା ବାଟରେ ଦିନ ୧ଟା ୫୫ ମିନିଟ୍ ସମୟରେ କୁରୁଜଙ୍ଗାସ୍ଥ ଜଣେ ବ୍ୟକ୍ତିଙ୍କ ଘରକୁ ଖାଇବାକୁ ଯାଇ ତାଙ୍କ ଘର ଆଗରେ ଗାଡ଼ି ରଖୁଥିବା ସମୟରେ ଦୁଇଜଣ ଯୁବକ ତାଙ୍କ ନିକଟକୁ ଆସି ସାରଦେଇପୁରକୁ ରାସ୍ତା ପଚାରିଥିଲେ। ସେ ସେମାନଙ୍କୁ ରାସ୍ତା ବତାଇବା ସମୟରେ ଦୁର୍ବୃତ୍ତ ଦୁଇଜଣ ତାଙ୍କ ବେକରୁ ସୁନା ଚେନ୍ ଛିଡ଼ାଇ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ନିକଟରେ ଜଣେ ବ୍ୟକ୍ତିଙ୍କ ଘର ବାହାରେ ଲାଗିଥିବା ସିସିଟିଭିରେ କଏଦ ହୋଇଥିବା ଶ୍ରୀମତୀ ସାହୁ ସୂଚନା ଦେଇଛନ୍ତି।

## ରାଧାକୃଷ୍ଣ ବଜାରରେ ଖୁଦୁରୁକୁଣୀ ଓଷା

ଢେଙ୍କାନାଳ,୧ା୯ (ସମିସ): ଢେଙ୍କାନାଳ ସହରସ୍ଥିତ ରାଧାକୃଷ୍ଣ ବଜାର ଦୋଳ ମଣ୍ଡପ ସାହିରେ ଖୁଦୁରୁକୁଣୀ ଓଷା ଶେଷ ପାଳି ଅନୁଷ୍ଠିତ ହୋଇଛି। ଝିଅ ଓ ବୋହୂମାନେ ଦୀର୍ଘ ୨୫ ବର୍ଷ ହେବ ଏହି ପୂଜା କରି ଆସୁଛନ୍ତି। ମା'ଙ୍କୁ ବିଭିନ୍ନ ପ୍ରକାର ଭୋଗ ଲଗାଇ ପୂଜାର୍ଚ୍ଚନା କରିଥିଲେ। ସଭାପତି ସୁହାସିନୀ ଷଣ୍ଢ, ସମ୍ପାଦିକା ବର୍ଷାରାଣୀ ଷଣ୍ଢ, କୋଷାଧ୍ୟକ୍ଷ ଜ୍ୟୋତିର୍ମୟୀ ଷଣ୍ଢ ଓ ଅଞ୍ଚଳର ଝିଅବୋହୂମାନେ ପୂଜାରେ ସାମିଲ ହୋଇଥିଲେ।

## ରାଧାକୃଷ୍ଣବଜାରରେ ସଞ୍ଜୁଡ଼ି ଭୋଗ

ଢେଙ୍କାନାଳ,୧ା୯ (ସମିସ): ଢେଙ୍କାନାଳ ସହର ରାଧାକୃଷ୍ଣ ବଜାରରେ ୧୫ତମ ଗଣେଶ ପୂଜା ପାଳନ ଅବସରରେ ସଞ୍ଜୁଡ଼ି ଭୋଗ ଲାଗି କରାଯାଇଛି। ଦୋଳମଣ୍ଡପ ମେଳନ ପଡ଼ିଆରେ ପୂଜାର ଷଷ୍ଠ ଦିବସରେ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପ୍ରସାଦସେବନ କରିଥିଲେ। ପୂଜକ ଘନଶ୍ୟାମ ଶର୍ମା ଓ କର୍ତ୍ତା ଗୋବିନ୍ଦ ଷଣ୍ଢ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସଭାପତି ସଂଗ୍ରାମ ବେହେରା, ସମ୍ପାଦକ ମାନସ ବାରିକ, ଉପଦେଷ୍ଟା ବିଶ୍ୱରଞ୍ଜନ ଓଝା, ସମୀର ବେହେରାଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସୁପର ଟାଇଗର କ୍ଲବର ସଞ୍ଜୁଡ଼ି ଭୋଗ

ଢେଙ୍କାନାଳ,୧ା୯ (ସମିସ): ଢେଙ୍କାନାଳ ଟାଉନ ପ୍ଲାନିଂଠାରେ ସୁପର ଟାଇଗର କ୍ଲବ ତରଫରୁ ୩୩ତମ ଗଣେଶ ପୂଜା ଅବସରରେ ସୋମବାର ଗଜାନନଙ୍କୁ ସଞ୍ଜୁଡ଼ି ଭୋଗ ଓ ଛପନ ଭୋଗ ଲାଗି କରାଯାଇଛି। ଶମ୍ଭୁ ଗୋପାଳ ମଠ ପ୍ରାଙ୍ଗଣରେ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପ୍ରସାଦସେବନ କରିଥିଲେ। ପୂଜକ ଭାରତ ଭୂଷଣ ରଥ, କର୍ତ୍ତା ଦୁଷ୍ମନ୍ତ କୁମାର ବେହେରା, ସଭାପତି ସାଗର ବେହେରା, ସମ୍ପାଦକ ପ୍ରଭାସ ଓଝା, ପ୍ରଶାନ୍ତ ବେହେରା, ରାଜୁ ରାଉତ, ଶ୍ରୀକାନ୍ତ ଓଝା, ସୁମନ୍ତ ରାଉତ, ଆକାଶ ବେହେରା, କାହ୍ନା ଓଝା, ତୁଷାର କୁମାର ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଛୋଟ ଗାଡ଼ିଠାରୁ ଚାନ୍ଦା ଜୁଲମ / ପ୍ରତିବାଦ କଲେ ଚାଳକ

କାଳିଆପାଣି, ୩୧ା୮ (ସମିସ): ସୁକିନ୍ଦା ଖଣି ଅଞ୍ଚଳରେ ଥିବା କାଳିଆପାଣି, ସୁକୁରୁଙ୍ଗୀ, ସାଉଥ୍ କାଳିଆ ପାଣି, ଡି-କ୍ୱାରିରେ ଭଡାରେ ଲାଗିଥିବା ସମସ୍ତ ଛୋଟ ଗାଡ଼ି ଡ୍ରାଇଭରଙ୍କ ଠାରୁ ଚାନ୍ଦା ଜୁଲମ କରାଯାଉଛି। ଏହାର ପ୍ରତିବାଦରେ ଆଜି ଡ୍ରାଇଭର ମାନେ ଧାରଣା ଦେଇଥିଲେ। ଏଠାରେ ଲାଗିଥିବା ବୋଲେରୋ, ସ୍କର୍ପିଓ, ଇନୋଭା ଗାଡ଼ି ଚାଳକ ମାନଙ୍କୁ ଗୋଟିଏ ଗାଡ଼ି ବାବଦକୁ ୫୦୦୦ ଟଙ୍କା ଚାନ୍ଦା ଦେବା ପାଇଁ ଦାବୀ କରାଯାଉଛି। ନ ହେଲେ ଗାଡ଼ି ଚଲେଇ ଦିଆଯିବ ନାହିଁ ବୋଲି ଧମକ ଦିଆଯାଉଛି। ଏହାର ପ୍ରତିବାଦ କରି ଗାଡି ଡ୍ରାଇଭରମାନେ ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନ କରିଛନ୍ତି। ଫଳରେ ଖଣିଭିତରକୁ ଅଧିକାରୀ ମାନେ ଯାଇ ପାରିନଥିଲେ।



ତେବେ ପ୍ରଶ୍ନ ଉଠୁଛି ଡ୍ରାଇଭର ମାନେ ୧୦ ବର୍ଷରୁ ଅଧିକ ଦିନ ଧରି ଖଣିରେ କାର୍ଯ୍ୟ କରୁଥିଲେ ଏମିତି କେବେ ଦରମାରୁ କଟୁ ନଥିଲା। କିନ୍ତୁ ଚଳିତ ମାସ ଦରମା ଟଙ୍କାରୁ ୫୦୦୦ ଫେରସ୍ତ କରିବା ଡ୍ରାଇଭରଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ତୁରନ୍ତ ଏହା ବନ୍ଦ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି।

## ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ କର୍ମଶାଳା

ଢେଙ୍କାନାଳ,୧ା୯ (ସମିସ): ଢେଙ୍କାନାଳ ଜିଲ୍ଲାପାଳ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ ଅଭିଯାନ କର୍ମଶାଳା ଅନୁଷ୍ଠିତ ହେଉଛି। ଜିଲ୍ଲା ମଙ୍ଗଳ ଅଧିକାରୀ ରୁଦ୍ରପ୍ରସନ୍ନ ପରିଜା ସମସ୍ତଙ୍କୁ ସ୍ୱାଗତ କରି ଆଦି କର୍ମଯୋଗୀ ଅଭିଯାନ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅଭିଯାନ ଏକ ପ୍ରଶାସନିକ ମଡେଲ। ଜିଲ୍ଲାରେ ୧୧୭ଟି ଗ୍ରାମରେ ପ୍ରତ୍ୟେକ ଗ୍ରାମରୁ ୨୦ ଜଣ ସ୍ୱେଚ୍ଛାସେବୀ ଚୟନ କରାଯିବ। ସେମାନେ ଗ୍ରାମବାସୀଙ୍କ ଦ୍ୱାରା ପ୍ରତ୍ୟେକ ଗ୍ରାମର ବିକାଶର ନକ୍ସା ପ୍ରସ୍ତୁତ କରିବାରେ ସହାୟକ ହେବେ। ଗ୍ରାମର ଯୁବକ, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ବୟସ୍କ ବ୍ୟକ୍ତି, ଜନଜାତି ବର୍ଗର ବରିଷ୍ଠ ମାନ୍ୟଗଣ୍ୟ ବ୍ୟକ୍ତି ଏହାର ସହଯୋଗୀ ରହିବେ। ପ୍ରତ୍ୟେକ ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ଗମନାଗମନ, ପକ୍କା ଗୃହ, ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ସମ୍ପର୍କରେ ଗ୍ରାମବାସୀ ଯୋଜନା ପ୍ରସ୍ତୁତ କରିବେ। ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରାଯିବ। ପ୍ରତ୍ୟେକ ଗ୍ରାମରେ ଆଦି ସେବାକେନ୍ଦ୍ର ଗଠନ କରାଯିବ। ସେଠାରେ ଗ୍ରାମବାସୀଙ୍କ ଅଭିଯୋଗ ଉଲ୍ଲେଖ କରାଯିବ। ସ୍ଥାନୀୟ ସ୍ତରରେ ସମସ୍ୟା ସମାଧାନ ହୋଇ ନ ପାରିଲେ ଏହାକୁ ବ୍ଲକ ଓ ଜିଲ୍ଲା ସ୍ତରରେ ସମାଧାନ ପାଇଁ ପଠାଯିବ। ଏହାସହ ଆଦି ସେବାକେନ୍ଦ୍ରରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଯୋଗାଯୋଗର ଠିକଣା ରହିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଆଶିଷ ରଞ୍ଜନ ସାହୁ, ୮ଟି ବ୍ଲକର ବିଡିଓ, ବିଭିନ୍ନ ବିଭାଗର ଅଧିକାରୀ, ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ଏବଂ ନ୍ୟୁ ଇଣ୍ଡିଆ ସ୍ୱେଚ୍ଛାସେବୀ ସଂଗଠନର ପରିଚାଳନା ନିର୍ଦ୍ଦେଶକ ଯୋଗଦେଇଥିଲେ।

## ଡିଆଇଇଟିରେ ଜାତୀୟ କ୍ରୀଡ଼ା ଦିବସ

ଢେଙ୍କାନାଳ,୧ା୯ (ସମିସ)




ଢେଙ୍କାନାଳ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଶନିବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସପ୍ତଶଯ୍ୟା ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଉମେଶ ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଜର ଧ୍ୟାନଚାନ୍ଦଙ୍କ ଜୀବନୀ, ହକି କ୍ଷେତ୍ରକୁ ତାଙ୍କ ଅବଦାନ ଓ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅଧ୍ୟକ୍ଷ ନିଜ ବକ୍ତବ୍ୟରେ ପିଲାଙ୍କୁ ପରିଶ୍ରମୀ, ଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣ ପ୍ରତିଷ୍ଠାନର କ୍ରୀଡ଼ା ଉପଦେଷ୍ଟା ସ୍ୱାଗତିକା ଶରଣଙ୍କ ସଂଯୋଜନାରେ ଉଭୟ ଜର୍ଜ ସ୍କୁଲ ଛାତ୍ରଛାତ୍ରୀ ଓ ପ୍ରତିଷ୍ଠାନର ଗୁରୁଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଭୟ ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ଶିକ୍ଷକ କର୍ମଚାରୀ ଶପଥପାଠ କରିଥିଲେ। କ୍ରୀଡ଼ା ସଂଯୋଜକ ତଥା ଛାତ୍ର ପ୍ରତିନିଧି ମନୋଜ କୁମାର ସାହୁ ଓ ସହ ସଂଯୋଜିକା ମାତାରାମ ଗାଗରାଇ ଶପଥପାଠ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଅଧ୍ୟାପିକା ପ୍ରତିଭା ଦଳେଇ ଧନ୍ୟବାଦ ଦେଇଥିଲେ।

## ଏସସି-ଏସଟି ଶିକ୍ଷକ ଶିକ୍ଷୟିତ୍ରୀ ଓ ନିରୀକ୍ଷକ ସଙ୍ଘ ବୈଠକ

- ନୂତନ କର୍ମକର୍ତ୍ତା ନିର୍ବାଚନ



ଢେଙ୍କାନାଳ,୧ା୯ (ସମିସ): ଢେଙ୍କାନାଳ ଜିଲ୍ଲା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଢେଙ୍କାନାଳ ଶାଖାର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ବରିଷ୍ଠ ଶିକ୍ଷକ ତୀର୍ଥବାସୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆଲୁଅଝରଣଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସଂଘର କର୍ମକର୍ତ୍ତା ନିର୍ବାଚନ କରାଯାଇଛି। ସଭାପତି ଭାବେ ଶଙ୍କର୍ଷଣ ମଲ୍ଲିକ, ଉପସଭାପତି ବିକ୍ରମାଦିତ୍ୟ ସାହୁ, ମନସ୍ୱିନୀ ସାହୁ, ତୀର୍ଥବାସୀ ମହାନ୍ତି, ଦୋଳଗୋବିନ୍ଦ ବେହେରା, ସମ୍ପାଦକ ସନ୍ଧ୍ୟାରାଣୀ ରଥ, ଅରୁଣ ବେହେରା, ସୁଲୋଚନା ତ୍ରିପାଠୀ, ସହ-ସମ୍ପାଦକ ଅଦ୍ୱୈତ କୁମାର ବେହେରା, କୋଷାଧ୍ୟକ୍ଷ ମନୋଜ ମହାଲିକ, ସହ-କୋଷାଧ୍ୟକ୍ଷ ମିହିର ରଞ୍ଜନ ଧୀର ପ୍ରମୁଖଙ୍କୁ ଚୟନ କରାଯାଇଛି। ପରେ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥପାଠ ହୋଇଥିଲା।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/07 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|
| ସହକାରୀ ତଥ୍ୟ ସୁରକ୍ଷା ଅଧିକାରୀ | 1 | 45 |

ବିଜ୍ଞାପନ ସଂ. CRPD/SCO/2025-26/09 (ନିୟମିତ ପଦବୀ)

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (31.05.2025 କଟ୍ ଅଫ୍) |
|---|---|---|---|
| ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 40 |
| ଡେପୁଟି ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 25.08.2025 ରୁ 15.09.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 25.08.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ସମ୍ପାଦକୀୟ



ଯେତେବେଳେ ଜଣେ ବ୍ୟକ୍ତି ତା' ଈପ୍‌ସିତ ଜୀବନ ଜିଇଁବାର ଅଧିକାରରୁ ବଞ୍ଚିତ ହୁଏ ସେତେବେଳେ ସେ ନୀତି ବିରୋଧୀ ହୋଇଯାଏ।

-ନେଲ୍‌ସନ୍ ମାଣ୍ଡେଲା

ସକାଳ
THE SAKALA

## ସମ୍ପର୍କ ସୁଧୁରୁଛି

ବିଶ୍ୱ କୂଟନୈତିକ ଦୃଶ୍ୟପଟରେ ପରିଲକ୍ଷିତ ପରିବର୍ତ୍ତନ ଭାରତ ଓ କାନାଡ଼ା ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ସକାଶେ ସୁଯୋଗ ସୃଷ୍ଟି କରିଛି। ଖାଲିସ୍ତାନ ଆନ୍ଦୋଳନକୁ ନେତୃତ୍ୱ ଦେଇଥିବା ହରଦୀପ ସିଂ ନିଜ୍ଜାର ହତ୍ୟା ଘଟଣାରେ ଭାରତର ପ୍ରତ୍ୟକ୍ଷ ସମ୍ପର୍କ ଥିବା ଅଭିଯୋଗ କରି ତତ୍କାଳୀନ ପ୍ରଧାନମନ୍ତ୍ରୀ ଟ୍ରୁଡୋ ଦ୍ୱିପାକ୍ଷିକ ସମ୍ପର୍କରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଏପରିକି ଦୁଇନେତା ନିଜ ନିଜର ଦୂତାବାସ ଅଧିକାରୀଙ୍କୁ ମଧ୍ୟ ପ୍ରତ୍ୟାହାର କରିଥିଲେ। କାନାଡ଼ା ସରକାରରେ ଶିଖଙ୍କ ନୂତନ ଗଣତାନ୍ତ୍ରିକ ଦଳର ସମର୍ଥନ ଅନିବାର୍ଯ୍ୟ ହୋଇପଡ଼ିଥିବାରୁ ଜଷ୍ଟିନ ଟ୍ରୁଡୋ ଚାପରେ ଥିଲେ। ଦ୍ୱିପାକ୍ଷିକ ସମ୍ପର୍କ ବିଗିଡ଼ିଯିବା. ପଛରେ ଏହା ହିଁ ଥିଲା ମୁଖ୍ୟ କାରଣ।

ଜଷ୍ଟିନ ଟ୍ରୁଡୋଙ୍କ ପରେ ପରେ ମାର୍କ କର୍ଣ୍ଣେ ଏବେ କାନାଡ଼ାର ପ୍ରଧାନମନ୍ତ୍ରୀ। ଉଭୟ ଅବଶ୍ୟ ଲିବରାଲ ପାର୍ଟିର ନେତା। କଞ୍ଜରଭେଟିଭ୍ ପାର୍ଟିର ପରାଜୟ ଟ୍ରମ୍ପଙ୍କ ପ୍ରାଧାନ୍ୟ ଓ ପତିଆରା ପ୍ରଦର୍ଶନରେ ବାଧକ ସାଜିଛି। କାନାଡ଼ା ମଧ୍ୟ ଅନ୍ୟ ରାଷ୍ଟ୍ରଭଳି ଆମେରିକା ରପ୍ତାନି ଶୁଳ୍କ ବୃଦ୍ଧି ନିଷ୍ପତ୍ତିର ସମ୍ମୁଖୀନ ହୋଇଛି। ତେବେ ନିର୍ବାଚନ ପୂର୍ବରୁ ଟ୍ରମ୍ପଙ୍କ ନୀତି ନିକଟରେ ଆତ୍ମସମର୍ପଣ ନ କରି କାନାଡ଼ା ନିଜର ସାର୍ବଭୌମତ୍ୱ ଅତୁଟ ରଖିବ ଘୋଷଣା କରିଥିଲେ କାର୍ଣ୍ଣେ। ଲୋକପ୍ରିୟତାରେ ପଛରେ ପଡ଼ିଥିବା ତାଙ୍କ ଦଳ ନିର୍ବାଚନରେ ଏହି ପ୍ରସଙ୍ଗଭିତ୍ତିରେ ସଫଳତା ହାସଲ କରିଥିଲା। ତେବେ ଆଜିର ପରିବର୍ତ୍ତିତ ବିଶ୍ୱ ଭୂରାଜନୀତିର ସମ୍ବେଦନଶୀଳତା ଦୃଷ୍ଟିରୁ ଭାରତ- କାନାଡ଼ା ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ସକାଶେ ଉଭୟ ଦେଶ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ଦୀର୍ଘ ଦଶମାସ ଧରି ଶୂନ୍ୟ ପଡ଼ିଥିବା ଦୂତାବାସର ଉଚ୍ଚାୟୁକ୍ତ ପଦ ପୂରଣ କରିଛନ୍ତି ଦୁଇଦେଶ। ବରିଷ୍ଠ କୂଟନୀତିଜ୍ଞ ଦୀନେଶ କୁମାର ପଟ୍ଟନାୟକ କାନାଡ଼ାରେ ଏବଂ ଖ୍ରୀଷ୍ଟୋଫର କୁଟର ଭାରତରେ ଉଚ୍ଚାୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୯୦ରୁ ଭାରତୀୟ ବିଦେଶ ସେବାର ଅଧିକାରୀ ଦୀନେଶ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ଆସିଛନ୍ତି। ଏହା ପୂର୍ବରୁ ସେ ସ୍ପେନରେ ଭାରତର ରାଷ୍ଟ୍ରଦୂତ ଥିଲେ। ଏହି ପ୍ରେକ୍ଷାପଟରେ କାନାଡ଼ାର ବୈଦେଶିକ ମନ୍ତ୍ରୀ ଅନିତା ଆନନ୍ଦ କହିଛନ୍ତି ଯେ ଦୁଇ ଦେଶର ନାଗରିକଙ୍କ ମଧ୍ୟରେ ସମ୍ପର୍କ ପ୍ରତିଷ୍ଠା ଓ ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ସୁଦୃଢ଼ କରିବାରେ ଏହି ନୂତନ ନିଯୁକ୍ତି ସହାୟକ ହେବ। ଏଠାରେ ସୂଚନାଯୋଗ୍ୟ କି ମାର୍କ କର୍ଣ୍ଣେ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ ପରେ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଶୁଭେଚ୍ଛା ପ୍ରଦାନକୁ ନେଇ ଯେଉଁ ବାର୍ତ୍ତାଳାପ ହୋଇଥିଲା ସେଥିରୁ ମନେ ହେଉଥିଲା ଦୁଇ ଦେଶ ମଧ୍ୟରେ ଖୁବ୍ଶୀଘ୍ର ସମ୍ପର୍କର ଭିତ୍ତିଭୂମି ସୁଦୃଢ଼ ହେବାକୁ ଯାଉଛି।

ସମଗ୍ର ବିଶ୍ୱରେ ଆମେରିକାର ଅତିରିକ୍ତ ଶୁଳ୍କ ନେଇ ଯେଉଁ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି ସେଥିରେ ପାରସ୍ପରିକ ବୁଝାମଣା ଓ କୂଟନୈତିକ ସମ୍ପର୍କ ସୁଧାରିବା ସକାଶେ ଶତ୍ରୁ-ମିତ୍ର କ୍ରମେ ନୂଆ ନୂଆ ମଞ୍ଚରେ ଏକତ୍ର ହେଉଛନ୍ତି। କାନାଡ଼ା-ଭାରତ ମଧ୍ୟରେ ପରିବର୍ତ୍ତିତ ସମ୍ପର୍କକୁ ସେ ଦୃଷ୍ଟିରୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇପାରେ।

## ବାୟୁ ପ୍ରଦୂଷଣ ବିପତ୍ତି

ସମଗ୍ର ବିଶ୍ୱରେ ସବୁଠାରୁ ଅଧିକ ପ୍ରଦୂଷିତ ଅଞ୍ଚଳ ଉତ୍ତରଭାରତ। ମୋଟ ଜନସଂଖ୍ୟାରେ ୩୮.୯ ପ୍ରତିଶତ ଅର୍ଥାତ୍ ପ୍ରାୟ ୫୪ କୋଟି ଏହି ଅଞ୍ଚଳରେ ବସବାସ କରନ୍ତି। ବାୟୁ ପ୍ରଦୂଷଣ ଜନିତ ବିଭିନ୍ନ ରୋଗରେ ଏହି ଅଞ୍ଚଳର ଲୋକେ ଯେତେ ପୀଡ଼ିତ, ସେହି ଅନୁସାରେ ଆୟୁ ସୀମା ମଧ୍ୟ ହ୍ରାସ ପାଇଛି। ଜାତୀୟ ରାଜଧାନୀ ଅଞ୍ଚଳ ଦିଲ୍ଲୀରେ ପରିସ୍ଥିତି ସବୁଠାରୁ ଉଦ୍‌ବେଗଜନକ। ଫଳରେ ଦିଲ୍ଲୀରେ ଅଧିବାସୀଙ୍କ ଆୟୁ ସୀମା ହାରାହାରି ୮.୨ ବର୍ଷ ହ୍ରାସ ପାଉଛି। ବିହାରରେ ୫-୬ ବର୍ଷ, ହରିଆନାରେ ୫.୩ ବର୍ଷ ଓ ଉତ୍ତର ପ୍ରଦେଶରେ ହାରାହାରି ଆୟୁ ସୀମା ୫ ବର୍ଷ ହ୍ରାସ ପାଇଛି। ୨୦୨୩ରେ ଚିକାଗୋ ବିଶ୍ୱବିଦ୍ୟାଳୟ ବାୟୁ ପ୍ରଦୂଷଣ ଉପରେ କରିଥିବା ସମୀକ୍ଷା ରିପୋର୍ଟରୁ ଏହା ଜଣାପଡ଼ିଛି। ଶିଶୁ ଓ ଗର୍ଭବତୀଙ୍କ ଅପୁଷ୍ଟଜନିତ ସ୍ୱାସ୍ଥ୍ୟଗତ ସମସ୍ୟାଠାରୁ ଏହି ବାୟୁ ପ୍ରଦୂଷଣ ଜନିତ କ୍ଷତି ପ୍ରାୟ ଦୁଇଗୁଣ ଅଧିକ। ସେହିଭଳି ଦୂଷିତ ପାନୀୟ ଜଳ, ଦୂଷିତ ପରିବେଶ ଓ ହାତ ଧୋଇବା ବର୍ଜିତ କ୍ଷତିଠାରୁ ଏହା ୫ ଗୁଣ ଅଧିକ। ଦିଲ୍ଲୀରେ ବାୟୁ ପ୍ରଦୂଷଣକୁ ଏକ ନିୟନ୍ତ୍ରଣ ସ୍ତରକୁ ଆଣିବା ସକାଶେ ଏକାଧିକ ପରୀକ୍ଷା ନିରୀକ୍ଷା କରାଯାଇ ଥିଲେ ମଧ୍ୟ ପରିବେଶ ଅପରିବର୍ତ୍ତିତ ରହିଛି। ଦେଶର ପ୍ରମୁଖ ନୀତିନିର୍ଦ୍ଧାରକ, ସର୍ବୋଚ୍ଚ ଅଦାଲତଠାରୁ ସବୁ ଉଚ୍ଚବର୍ଗର ଲୋକଙ୍କ ଆସ୍ଥାନ ଏଠାରେ ଥିଲେ ମଧ୍ୟ ଏହି ଗୁରୁତର ପରିସ୍ଥିତି ପ୍ରତି କାହାର ନିଘା ଥିଲା ଭଳି ମନେ ହେଉନାହିଁ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବାୟୁର ମାନକ ନିର୍ଦ୍ଧାରଣ କରାଯାଇଛି। ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି ମାନକ ୫ ୟୁଜି/ଏମ୍ୟୁ୩ ରହିବା କଥା, କିନ୍ତୁ ଦିଲ୍ଲୀରେ ତାହା ପିଏମ ୨.୫ରେ ପହଞ୍ଚିଛି। ଏହି ପରିବେଶର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ସାଧାରଣ ଜନତା। କାରଣ ଶଯ୍ୟାଶାୟୀ ନହେବା ପର୍ଯ୍ୟନ୍ତ ଏହି ପ୍ରତିକୂଳ ପରିବେଶରେ ଭୋଗୁଥିବା ରୋଗର ଚିକିତ୍ସା ପାଇଁ. ସେମାନେ ଗୁରୁତ୍ୱ ଦେଇନଥା'ନ୍ତି। ଚିକାଗୋ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାନ ରିପୋର୍ଟ ଅନୁଯାୟୀ, ୨୦୨୨ ତୁଳନାରେ ୨୦୨୩ର ପ୍ରଦୂଷଣ ବଢ଼ିଛି। ନିର୍ଦ୍ଧାରିତ ଜାତୀୟ ବାୟୁମାନକଠାରୁ ଊର୍ଦ୍ଧ୍ୱରେ ଥିବା ଅଞ୍ଚଳରେ ଦେଶର ୪୬ ପ୍ରତିଶତ ଲୋକ ବସବାସ କରୁଛନ୍ତି। ସେମାନଙ୍କ ଆୟୁ ସୀମା ହାରାହାରି ଦେଢ଼ ବର୍ଷ ହ୍ରାସ ପାଇଛି। ଜୀବନ ପ୍ରତି ଅପେକ୍ଷାକୃତ କମ୍ ହାନିକାରକ ପ୍ରସଙ୍ଗକୁ ସରକାର ଗୁରୁତ୍ୱ ଦେଇଆସିଥିବା ବେଳେ ଏହା ଯେ ଆଗକୁ ଗୁରୁତର ସମସ୍ୟା ସୃଷ୍ଟି କରିବ ସେଥିପ୍ରତି ଏହି ରିପୋର୍ଟ ଧ୍ୟାନ ଆକର୍ଷଣ କରୁଛି। ବାୟୁ ପ୍ରଦୂଷଣ ଏତେ ଗୁରୁତର ସମସ୍ୟା ସୃଷ୍ଟି କରୁଥିଲେ ମଧ୍ୟ ଶିଳ୍ପାୟନ ଅନିୟନ୍ତ୍ରିତ ଯାନବାହାନ ଚଳାଚଳ, ଘନ ଜଙ୍ଗଲ ବିନିମୟରେ ଖଣି ଖାଦାନ ପାଇଁ ସୁଯୋଗ ସୃଷ୍ଟି କରିବା ଭଳି ପ୍ରତିକୂଳ ପରିବେଶ ପ୍ରତି ଧ୍ୟାନ ଦିଆଯାଇ ପାରୁନି। ତେଣୁ ପରିବେଶରେ ସନ୍ତୁଳନ ରକ୍ଷା କରି ବାୟୁପ୍ରଦୂଷଣକୁ କିଭଳି ନିୟନ୍ତ୍ରଣକୁ ଅଣାଯାଇପାରିବ ସେଥିପ୍ରତି ଅଗ୍ରାଧିକାର ଭିତ୍ତିରେ ଦୃଷ୍ଟି ଦେବାର ଜରୁରୀ ଆବଶ୍ୟକତା ରହିଛି।

# ରାଷ୍ଟ୍ରନିର୍ମାଣରେ ଜନଜାତି ଜ୍ଞାନ-ବିଜ୍ଞାନର ଉପଯୋଗିତା

**ଡ. ଅନ୍ତର୍ଜିତା ନାୟକ**

ଭାରତର ବିଶାଳ ବିବିଧ ପରିଦୃଶ୍ୟରେ ଜନଜାତି ସମ୍ପ୍ରଦାୟ ଯୁଗ ଯୁଗ ଧରି ଜଙ୍ଗଲ, ପାହାଡ଼, ନଦୀ ଏବଂ ଜୈବ ବିବିଧତାର ରକ୍ଷକ ଭାବରେ ପରିଚିତ। ସେମାନଙ୍କର ଜୀବନ ଓ ଜୀବିକା ଶିଳ୍ପ କିମ୍ବା ଜଗତୀକରଣ ଉପରେ ନୁହେଁ, ବରଂ ପ୍ରକୃତିର ଏକ ଗଭୀର, ପାରସ୍ପରିକ ବୁଝାମଣା ଉପରେ ନିର୍ଭର କରେ। ଜନଜାତି ଜ୍ଞାନବ୍ୟବସ୍ଥା ଅଭିଜ୍ଞତା ଆଧାରିତ ପ୍ରମାଣ, ନୀତିଗତ ଦିଗ ଏବଂ ସମସାମୟିକ ପ୍ରୟୋଗକୁ ଏକତ୍ର କରି ଦେଶର ସମାବେଶୀ ବିକାଶକୁ କିପରି ତ୍ୱରାନ୍ୱିତ କରାଯାଇପାରିବ, ତାହା ଉପରେ ଗୁରୁତ୍ୱ ଦେବାର ବେଳ ଆସିଛି। ଔଷଧୀୟ ଗୁଳ୍ମ ଚିହ୍ନଟଠାରୁ ଆରମ୍ଭ କରି ମୌସୁମୀ ପୂର୍ବାନୁମାନ ପର୍ଯ୍ୟନ୍ତ, ମରୁଡ଼ି-ପ୍ରତିରୋଧକ ଫସଲ ଚାଷରୁ ଆରମ୍ଭ କରି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ଜନଜାତିମାନେ ପଢ଼ି ପରେ ପିଢ଼ି ଦକ୍ଷତାର ଏକ ବିଶାଳ ଭଣ୍ଡାର। ବର୍ତ୍ତମାନ ଯେଉଁଠି ଜଳବାୟୁ ସଙ୍କଟ, ଜୈବ ବିବିଧତା, କାର୍ବନ ଅର୍ଥନୀତି ପ୍ରାଧାନ୍ୟ ବିସ୍ତାର କରୁଛି, ସେଇଠି ଜନଜାତି ଜ୍ଞାନ ସମୟ-ପରୀକ୍ଷିତ ମାର୍ଗ ପ୍ରଦାନ କରି ସ୍ଥାୟୀ ବିକାଶର ନୀତି ନିର୍ମାଣରେ ଅନେକ ଗୁରୁତ୍ୱ ବହନ କରେ।

ଜନଜାତି-ଜ୍ଞାନ କୌଣସି ପାଠ୍ୟପୁସ୍ତକରେ ଲେଖାଯାଇନାହିଁ କି କୌଣସି ତଥ୍ୟାଗାରରେ ସଂରକ୍ଷିତ ନାହିଁ। ଏହା ଜନଜାତି ଲୋକଗୀତରେ, ରୀତିନୀତିରେ, ଜଙ୍ଗଲରେ ଓ ଦୈନନ୍ଦିନ ଜୀବନଚର୍ଯ୍ୟାରେ ପ୍ରତିଫଳିତ ହୁଏ। ଆଧୁନିକ ପ୍ରଯୁକ୍ତିବିଦ୍ୟାଠାରୁ ବହୁତ ଦୂରରେ ଜନଜାତି ଜ୍ଞାନ। କିନ୍ତୁ ସ୍ଥାୟିତ୍ୱ ଓ ପରିବର୍ତ୍ତନର ଏପରି ଏକ ସମୃଦ୍ଧ ନକ୍ସା ପ୍ରଦାନ କରେ, ଯାହା ଆଧୁନିକ ବୈଜ୍ଞାନିକ ଚିନ୍ତନ ସହିତ ମେଳ ଖାଏ। ଉଦାହରଣସ୍ୱରୂପ, ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ର ଜନଜାତି ଅଞ୍ଚଳର ଚାଷୀ, ବିଶେଷକରି ମହିଳା ଚାଷୀମାନେ, ୨୦୦ରୁ ଅଧିକ ସ୍ୱଦେଶୀ ମଞ୍ଜି କିସମ ସଂରକ୍ଷଣ କରିଛନ୍ତି, ଯେଉଁଥିରୁ ଅନେକ ମରୁଡ଼ି-ସହନଶୀଳ, କୀଟ-ପ୍ରତିରୋଧକ ଏବଂ ଜଳବାୟୁ ନମନୀୟ। ଦିନଥିଲା, ଯେତେବେଳେ ମାଣ୍ଡିଆ କେବଳ ଗରିବ ଓ ଜନଜାତିଙ୍କର ଖାଦ୍ୟ ଥିଲା। ହେଲେ ଆଜି ସେଇ ପଛୁଆ ଲୋକଙ୍କର ପଛୁଆ ଖାଦ୍ୟ ସମସ୍ତଙ୍କୁ ପଛରେ ପକାଇ ଦେଇଛି। କୋରାପୁଟର ଜନଜାତି ଅଞ୍ଚଳର ୩୩ରୁ ଅଧିକ ସ୍ୱଦେଶୀ ମାଣ୍ଡିଆ କିସମ ହାଇବ୍ରିଡ୍ କିସମ ଅପେକ୍ଷା ଅଧିକ ପୁଷ୍ଟିକର ବୋଲି ଚିହ୍ନଟ ହୋଇଛି। ଜନଜାତିଙ୍କ ଦ୍ୱାରା ଉତ୍ପାଦିତ ତେଲୁଗୁ, ବଡ଼ା, ଦଶହେରା କିସମର ମାଣ୍ଡିଆରେ ପ୍ରୋଟିନ, କାର୍ବୋହାଇଡ୍ରେଟ୍, ଫାଇବର, ଫ୍ଲାଭୋନାଏଡ୍ ଓ ଆଣ୍ଟିଅକ୍ସିଡାଣ୍ଟର ମାତ୍ରା ଅତ୍ୟାଧୁନିକ ହାଇବ୍ରିଡ୍ ମାଣ୍ଡିଆ ଓ ମାଣ୍ଡିଆ ଜାତୀୟ ଶସ୍ୟ ତୁଳନାରେ ଖୁବ୍ ଅଧିକ। ପ୍ରାକୃତିକ ଉପାୟରେ ବିନା ରାସାୟନିକ ଦ୍ରବ୍ୟ ବ୍ୟବହାର କରି ନିଜର ସ୍ୱଦେଶୀ ବା ଦେଶୀୟ ପଦ୍ଧତି ଓ ଜ୍ଞାନକୌଶଳ ଉପଯୋଗ କରି ଜନଜାତିମାନେ କେତେ ଆଗୁଆ, ତାହାର ପ୍ରମାଣ ସମୟ ସମୟରେ ମିଳୁଛି। ଜନଜାତିଙ୍କର ଏହି ଫସଲ ପରିବେଶବିତ୍‌ଙ୍କଠାରୁ ଚାଷୀ, ବୈଜ୍ଞାନିକ ଓ ସରକାରଙ୍କ ପର୍ଯ୍ୟନ୍ତ ବର୍ତ୍ତମାନ ପ୍ରାୟ ସମସ୍ତଙ୍କର ପ୍ରାଥମିକତା ପାଲଟିଛି।

ଖାଦ୍ୟ ଓ କୃଷି ସଂଗଠନ ଅନୁଯାୟୀ ଜନଜାତି କୃଷି ପଦ୍ଧତି ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଖାଦ୍ୟ ଓ ପୁଷ୍ଟି ସୁରକ୍ଷା ସୁନିଶ୍ଚିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ। ମାଣ୍ଡିଆ ଚାଷ ସହିତ ଦେଶିଆ ଧାନ ଚାଷ, ଶାଳ ପତ୍ର, ମହୁଆ ଫୁଲ, ବାଉଁଶ, ଲାଖ, ମହୁ ଓ ଆହୁରି ଅନେକ ଜଙ୍ଗଲ ଉତ୍ପାଦ ଅନ୍ତର୍ଭୁକ୍ତ, ଯାହା ଜନଜାତି ସମ୍ପ୍ରଦାୟ ଦ୍ୱାରା ସଂଗୃହୀତ ଓ ସଂରକ୍ଷିତ। ପରିବେଶ ଓ ପ୍ରକୃତିକୁ କ୍ଷତି ନ ପହଞ୍ଚାଇ କିପରି ଉତ୍ପାଦନ ଓ ଅମଳ କରିହେବ, ତାହାର ଉପଯୁକ୍ତ ଜ୍ଞାନ ଜନଜାତିଙ୍କ ପାଖରେ। ସେମାନେ ନିଜର ତୀକ୍ଷ୍ଣ ନିରୀକ୍ଷଣ କଳା ଦ୍ୱାରା ଜାଣିପାରନ୍ତି କେଉଁ ଗଛ ସର୍ବାଧିକ ଉତ୍ପାଦନ କରେ, କେଉଁ ଫୁଲ ସବୁଠାରୁ ଭଲ କିଣ୍ୱନ କରେ ଏବଂ ପ୍ରାକୃତିକ ପୁନର୍ଜନ୍ମ କିପରି ସୁନିଶ୍ଚିତ କରିହେବ। ସେମାନେ କେବଳ ସଂଗ୍ରାହକ ନୁହନ୍ତି, ଜଙ୍ଗଲ ଅର୍ଥନୀତିଜ୍ଞ ଏବଂ ପରିବେଶବିତ୍।

ଏହାବ୍ୟତୀତ, ଭାରତର ଜନଜାତି ସମ୍ପ୍ରଦାୟ ଦୀର୍ଘଦିନ ଧରି ପ୍ରାକୃତିକ ନିରାମୟର ରହସ୍ୟକୁ ମଧ୍ୟ ଆୟତ୍ତ କରି ରଖିଛନ୍ତି। ଓଡ଼ିଶାର ଡଙ୍ଗରିଆ କନ୍ଧଙ୍କଠାରୁ ଆରମ୍ଭ କରି ତାମିଲନାଡୁର ଇରୁଲା ପର୍ଯ୍ୟନ୍ତ ଜନଜାତି ଅଞ୍ଚଳର ଔଷଧୀୟ ବୃକ୍ଷଲତା ଏବଂ ଚିକିତ୍ସା ପଦ୍ଧତି, ଦୈନନ୍ଦିନ ଜୀବନରେ ଧୀରେ ଧୀରେ ସନ୍ନିବେଶିତ ହେଉଛି। ଏକ ରିପୋର୍ଟ ଅନୁଯାୟୀ, ଜନଜାତି ସମ୍ପ୍ରଦାୟ ଦ୍ୱାରା ଔଷଧୀୟ ଉଦ୍ଦେଶ୍ୟରେ ବ୍ୟବହୃତ ୭, ୦୦୦ରୁ ଅଧିକ ଉଦ୍ଭିଦ ପ୍ରଜାତି ଚିହ୍ନଟ କରାଯାଇଛି। ଏହି ଚିକିତ୍ସାଗୁଡ଼ିକ ଅନେକ ଆୟୁର୍ବେଦ ଓ ୟୁନାନୀ ପ୍ରଣାଳୀରେ ସୂତ୍ରୀକରଣର ଆଧାର ମଧ୍ୟ ଗଠନ କରନ୍ତି। ବିଶ୍ୱସ୍ତରରେ, ଭେଷଜ ଓ ପାରମ୍ପରିକ ଔଷଧ ବଜାର ବୃଦ୍ଧି ପାଉଛି, ଯାହା ୨୦୩୦ ମସିହା ସୁଦ୍ଧା ୬୦୦ ବିଲିୟନ ଆମେରିକୀୟ ଡଲାର ଛୁଇଁବ ବୋଲି ଆକଳନ କରାଯାଇଛି। ଭାରତ, ଏହାର ଆୟୁଷ ମନ୍ତ୍ରଣାଳୟ ମାଧ୍ୟମରେ, ଏହି ଜ୍ଞାନକୁ ଆର୍ଥିକ ଢାଞ୍ଚାରେ ଆନୁଷ୍ଠାନିକ କରିବା ଆରମ୍ଭ କରିଛି। ରାଜ୍ୟ ସରକାରମାନେ ପ୍ରମାଣିତ ଜନଜାତି ଚିକିତ୍ସକମାନଙ୍କୁ ପରିଚୟପତ୍ର ପ୍ରଦାନ କରିବା, ଗୋଷ୍ଠୀ ସ୍ୱାସ୍ଥ୍ୟସେବାରେ ଜନଜାତିଙ୍କର ଭୂମିକାକୁ ବୈଧତା ଦେବା ଏବଂ ଗବେଷଣା ପାଇଁ ଅନେକ ମାଧ୍ୟମ, ସାହାଯ୍ୟ ଓ ସହଯୋଗ ଦେବା ଆବଶ୍ୟକ ରହୁଛି, ଯାହା ଜନଜାତି ସମ୍ପ୍ରଦାୟର ବୌଦ୍ଧିକ ସମ୍ପତ୍ତି ଅଧିକାରର ସୁରକ୍ଷା ଏବଂ ସେମାନଙ୍କ ଜ୍ଞାନକୁ ଜାତୀୟ ଓ ବିଶ୍ୱସ୍ୱାସ୍ଥ୍ୟ ରଣକୌଶଳରେ ଏକୀକୃତ କରିବା ଭଳି ଦ୍ୱିଗୁଣିତ ସୁଯୋଗ ଉନ୍ମୁକ୍ତ କରିବ। ଜନଜାତି ଏଥ୍ନୋମେଡିସିନର ବ୍ୟାବସାୟିକ ସମ୍ଭାବନା ବ୍ୟାପକ। କିନ୍ତୁ ଏହା ନୈତିକ ଢାଞ୍ଚା ଦ୍ୱାରା ପରିଚାଳିତ ହେବା ଆବଶ୍ୟକ, ଯେପରି ଏହାର ଲାଭ ଓ ଶ୍ରେୟ ଜନଜାତିଙ୍କୁ ମିଳିପାରିବ।

ଜନଜାତି ଜ୍ଞାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି ଜଳବାୟୁ ଅନୁକୂଳତା ଏବଂ ପରିବେଶ ପରିଚାଳନା କ୍ଷେତ୍ରରେ। ବୃଦ୍ଧି ପାଉଥିବା ବନ୍ୟା, ମରୁଡ଼ି ଓ ଅନିୟମିତ ପାଣିପାଗର ଏଇ ଯୁଗରେ ଜନଜାତି ସମ୍ପ୍ରଦାୟ ନିଜର ପବିତ୍ର ଉପବନ, ଗୋଷ୍ଠୀ ଜଳ ଅମଳ, ପାରମ୍ପରିକ ପାଣିପାଗ ପୂର୍ବାନୁମାନ ଏବଂ ସାଧାରଣ ଲୋକଙ୍କ ସାମୂହିକ ମାଲିକାନା ମଧ୍ୟରେ ପ୍ରାକୃତିକ ସମ୍ବଳର ପରିଚାଳନା ଜାରି ରଖିଛନ୍ତି। ମେଘାଳୟରେ, ବାଉଁଶ ବୁନ୍ଦା ଜଳସେଚନର ପ୍ରାଚୀନ ଅଭ୍ୟାସଠାରୁ ଆରମ୍ଭ କରି ଓଡ଼ିଶାର ନିୟମଗିରି ପାହାଡ଼ରେ ଡଙ୍ଗରିଆ କନ୍ଧଙ୍କ ପାହାଡ଼କୁ ପବିତ୍ର ବୋଲି ବିବେଚନା କରି ଜୈବ ବିବିଧତାକୁ ସଂରକ୍ଷିତ କରିବା ହେଉଛି ଅନନ୍ୟ, ଯାହାଦ୍ୱାରା ପରିବେଶ ଅବକ୍ଷୟକୁ ରୋକାଯାଇପାରୁଛି। ଭାରତୀୟ ପାଣିପାଗ ବିଭାଗ, ସ୍ଥାନୀୟ ପାଣିପାଗ ପୂର୍ବାନୁମାନ ପାଇଁ ଜନଜାତି ସମ୍ପ୍ରଦାୟ ସହିତ ସହଯୋଗ କରିବା ଆରମ୍ଭ କରିଛି। ପକ୍ଷୀ ସ୍ଥାନାନ୍ତରଣ, ପବନ ଢାଞ୍ଚା ଓ ମୃତ୍ତିକାର ଆର୍ଦ୍ରତା ପରି ପାରମ୍ପରିକ ସୂଚକକୁ ପାଣିପାଗ ସୂଚକାଙ୍କ ଭାବେ ଗବେଷଣା ଅନ୍ତର୍ଭୁକ୍ତ କରିଛି। ସାରା ବିଶ୍ୱ, ଏକ ସ୍ଥାୟୀ ବିକାଶ ଢାଞ୍ଚାର ସନ୍ଧାନରେ ଥିବା ବେଳେ ଜନଜାତିଙ୍କଠାରୁ ଅନେକ କିଛି ଶିଖିବାର ଅଛି।

ଦ୍ରୁତ ବିକାଶର ଆଢୁଆଳରେ ଜଙ୍ଗଲ ବିନାଶ, ବାଧ୍ୟତାମୂଳକ ବିସ୍ଥାପନ, ସ୍ଥାନୀୟ ଭାଷାଗୁଡ଼ିକର କ୍ଷୟ ଏବଂ ସମଜାତୀୟ ଶିକ୍ଷା ବ୍ୟବସ୍ଥା, ଶହ ଶହ ବର୍ଷର ଜ୍ଞାନକୁ ନିଶ୍ଚିହ୍ନ କରିବାର ଏକ ଭୟଙ୍କର ବିପଦ ସୃଷ୍ଟି କରିଚାଲିଛି। 'ୟୁନେସ୍କୋ ଆଟ୍‌ଲାସ୍ ଅଫ୍ ୱାର୍ଲ୍ଡ ଲାଙ୍ଗୁଏଜସ୍' ଅନୁଯାୟୀ, ଭାରତ ପୂର୍ବରୁ ୨୨୦ଟି ଭାଷା ହରାଇ ସାରିଛି ଏବଂ ସେଥିମଧ୍ୟରୁ ଅନେକ ହେଲେ ଜନଜାତି ଭାଷା। ପ୍ରତ୍ୟେକ ବିଲୁପ୍ତ ଭାଷା ଏକ ବିଶାଳ ଜ୍ଞାନଭଣ୍ଡାରର ସମ୍ପୂର୍ଣ୍ଣ ବର୍ଗୀକରଣ। ବଜାର ଜଗତୀକରଣ ହେବା ସହିତ ଅନେକ ବାଣିଜ୍ୟିକ ସଂସ୍ଥା କୌଣସି ସମ୍ମତି, ଶ୍ରେୟ ବା କ୍ଷତିପୂରଣ ବିନା ଜନଜାତି ଜ୍ଞାନ ସଂଗ୍ରହ କରୁଛନ୍ତି ଏବଂ ପରବର୍ତ୍ତୀ ସମୟରେ ସେଇ ଜ୍ଞାନକୁ ବିକି ଭାଙ୍ଗି ଖାଇ, ଜନଜାତିଙ୍କ ଉପରେ ଦାଉ ସାଧୁଛନ୍ତି। ଜଙ୍ଗଲ ଅଧିକାର ଅଧିନିୟମ (୨୦୦୬) ଏବଂ ଜୈବ ବିବିଧତା ଅଧିନିୟମ (୨୦୦୨) ଭଳି ଆଇନଗୁଡ଼ିକ କିଛିମାତ୍ରାରେ ଜନଜାତିଙ୍କୁ ସୁରକ୍ଷା ପ୍ରଦାନ କରନ୍ତି, କିନ୍ତୁ ଏହାର କାର୍ଯ୍ୟାନ୍ୱୟନ ଅସମ୍ପୂର୍ଣ୍ଣ।

ନବସୃଜନ ପ୍ରତି ଆସକ୍ତ ଏକ ଯୁଗରେ ବୋଧହୁଏ ସବୁଠାରୁ ମୌଳିକ କାର୍ଯ୍ୟ ହେଉଛି ଅତୀତକୁ ଫେରିଯାଇ ଯାହା ଆମେ ହରାଇଛୁ ତାହା ପୁନରୁଦ୍ଧାର କରିବା ଏବଂ ପ୍ରକୃତି ସହିତ ସନ୍ତୁଳନରେ ବଞ୍ଚିବା। ଏହାର ଜ୍ୱଳନ୍ତ ଉଦାହରଣ ହେଲେ ଜନଜାତି ସମ୍ପ୍ରଦାୟ ଓ ଜନଜାତି ଜ୍ଞାନ। ଯଦି ଏହାକୁ ପ୍ରୋତ୍ସାହିତ କରାଯାଏ, ତେବେ ଏହି ଜ୍ଞାନ ଏକ ସବୁଜ, ଅଧିକ ସମାବେଶୀ ଅର୍ଥବ୍ୟବସ୍ଥାକୁ ଶକ୍ତି ଯୋଗାଇବ, ଯାହା କେବଳ ମୋଟ ଘରୋଇ ଉତ୍ପାଦକୁ ନୁହେଁ, ବରଂ ସୌହାର୍ଦ୍ଦ୍ୟ, ସମାବେଶୀ ଓ ନମନିୟତାକୁ ଗୁରୁତ୍ୱ ଦେବ। ଫଳସ୍ୱରୂପ, ଭାରତ କେବଳ ନିଜର ଜନଜାତି ଐତିହ୍ୟକୁ ସଂରକ୍ଷିତ କରିବା ସହିତ ସାରା ବିଶ୍ୱ ପାଇଁ ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିବ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

# ଚାନ୍ଦା ଏକ ସାମାଜିକ ବ୍ୟାଧି

**ଅଧ୍ୟାପକ ଅଶୋକ ମହାରଣା**



ପାର୍ବଣ ଋତୁ ଚାନ୍ଦାର ଋତୁ। ଭକ୍ତି କମ, ଅହଂଭାବ, ଆଡ଼ମ୍ବରର ସ୍ୱୟମ୍ବର। ଦିଅଁଙ୍କ ନାମରେ ମାନସିକ, ଶାରୀରିକ ନିର୍ଯାତନା। ଦେଲେ ସୁନାପୁଅ, ନଦେଲେ ରୋଷର ଶିକାର। ଚାନ୍ଦା, ତା' ପୁଣି ବିଭିନ୍ନ ନାମ ଓ ଉପାୟରେ ଆଦାୟ। କେହି କହେ ସହାୟତା ତ କେହି କହେ ଦାନ। ଭକ୍ତି ନାମରେ ଏକ କଳଙ୍କିତ ପ୍ରଥା କାଳକାଳ ଧରି ଚାଲିଆସିଛି, ଯାହା ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି।

ପର୍ବପର୍ବାଣୀ ଆମ ସଂସ୍କୃତିର ପରିଚାୟକ। ପୂଜା ପାର୍ବଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଅତ୍ୟାଡ଼ମ୍ବରପୂର୍ଣ୍ଣ ପୂଜା କରାଯାଉଛି। ସତରେ କ'ଣ ଈଶ୍ୱର ଆଡ଼ମ୍ବରପୂର୍ଣ୍ଣ ତୋରଣ, ଝଲମଲ ଲାଇଟ, ସୁନାମୁକୁଟ, ରୂପା ମେଢ଼, ଟନ ଟନ ଓଜନର ଗହଣାରେ ମଣ୍ଡିହୋଇ ଭକ୍ତଙ୍କ ପାଇଁ ଆର୍ଶୀବାଦର ପେଡ଼ି ଖୋଲି ଦେଉଛନ୍ତି? ପ୍ରତିଯୋଗିତାପୂର୍ଣ୍ଣ ପୂଜାର୍ଚ୍ଚନାରେ ବ୍ୟସ୍ତ ମଣିଷ ଭକ୍ତିକୁ ବାଜି କରିଛି। ଶାସ୍ତ୍ର, ବେଦ, ପୁରାଣ କେଉଁଥିରେ ଲେଖା ଏହି ବାହ୍ୟାଡ଼ମ୍ବରପୂର୍ଣ୍ଣ ପୂଜାର୍ଚ୍ଚନାର କାହାଣୀ? ଯେଉଁଠି ନଡ଼ିଆଟିଏ ହସ୍ତପ୍ରସାରୀ ପ୍ରଭୁ ନେଉଛନ୍ତି, ସେଠି ସୁନାରୁପାର ମୁକୁଟରେ କ'ଣ ଅଛି? ବାଧ୍ୟବାଧକତାରେ ଚାନ୍ଦା ଆଦାୟ କରି ପୂଜାର୍ଚ୍ଚନା କରିବାରେ ଭକ୍ତି ନା ଶକ୍ତି ପ୍ରଦର୍ଶିତ ହୁଏ, ଭକ୍ତ ନା ଭଗବାନଙ୍କ ପୂଜନ କରାଯାଏ?

ପରିବର୍ତ୍ତିତ ପରିବେଶ, ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଯୋଗୁଁ ଆମେ ଭକ୍ତି ଅପେକ୍ଷା ଭୋଗବିଳାସକୁ ଅଧିକ ଗୁରୁତ୍ୱ ଦେବାରେ ବ୍ୟସ୍ତ। ଦ୍ୱିଅର୍ଥବୋଧକ ସଙ୍ଗୀତ, ଅଶ୍ଳୀଳ ଉଦ୍ଦାମ ଉଦଣ୍ଡ ନୃତ୍ୟର ତାଳେ ତାଳେ ଆବାଳବୃଦ୍ଧବନିତା ଉଚ୍ଛୃଙ୍ଖଳର ଶୀର୍ଷରେ ଉପନୀତ। ଆମେ ହିଁ ସୃଷ୍ଟି କରୁ ଅପସଂସ୍କୃତିର ମାର୍ଗ। ଆମେ ହିଁ ବୁଣୁ ସାମଜିକ ଅଧୋପତନର ମଞ୍ଜି। ସେଇଥିପାଇଁ ପୂଜା ଅପେକ୍ଷା ଭୋଗଲାଳସାରେ ହିଁ ଆମର ବିଶ୍ୱାସ। ଭକ୍ତି ନାମ ମାତ୍ର। ମଦ ମାଂସ ଭିତରେ ହଜିଯାଏ 'ଭକ୍ତ' ନାମକ ବ୍ୟକ୍ତି ଓ 'ଭକ୍ତି' ନାମକ ସକାରାତ୍ମକ ଚିନ୍ତନ। ଏହା କ'ଣ ଆମ ସଂସ୍କୃତି ନା ପରମ୍ପରା? ଭଗବାନ ଶ୍ରୀକୃଷ୍ଣ ଭଗବତ ଗୀତାର ଭକ୍ତିଯୋଗରେ କହିଛନ୍ତି 'ଯସ୍ମାନ୍ନୋଦବିଜତେ ଲୋକୋ ଲୋକାନ୍ନୋଦ୍‌ବିଜତେ ଚ ଯଃ / ହର୍ଷାମର୍ଷଭୟୋଦଭବେଗୈର୍ମୁକ୍ତୋ ଯଃସବମେ ପ୍ରିୟଃ।' ଅର୍ଥାତ 'ଯାହା ପାଇଁ କେହି ଅସୁବିଧାରେ ପଡ଼ନ୍ତି ନାହିଁ ଏବଂ ଯେ ଆଦୌ କୌଣସି ପରିସ୍ଥିତିରେ ଉଦବିଗ୍ନ ବା ବିଚଳିତ ହୋଇପଡ଼େ ନାହିଁ, ଯେ ସୁଖ-ଦୁଃଖ ସବୁ ଅବସ୍ଥାରେ ସମଭାବାପନ୍ନ ସେ ମୋର ଅତିପ୍ରିୟ।' ପୁନଶ୍ଚ 'ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତଃ କରୁଣ ଏବ ଚ / ନିର୍ମମୋ ନିରହଂକାରଃ ସମଦୁଃଖସୁଖଃ କ୍ଷମୀ / ସନ୍ତୁଷ୍ଟ ସତତଂ ଯୋଗୀ ଯତାତ୍ମା ଦୃଢ଼ନିଶ୍ଚୟଃ / ମୟ୍ୟର୍ପିତ ମନୋବୁଦ୍ଧିର୍ଯୋ ମଦଭକ୍ତଃ ସ ମେ ପ୍ରିୟଃ।' ଅର୍ଥାତ୍ ଯେ ହିଂସାତ୍ମକ ନୁହେଁ, ବରଂ ସମସ୍ତ ଜୀବର ଏକ କାରୁଣିକ ବନ୍ଧୁ ଅଟେ, ଯେ ନିଜକୁ ଅଧିକାରୀ ବୋଲି ଭାବେ ନାହିଁ, ଯେ ଅହଂକାର ଶୂନ୍ୟ ଏବଂ ସୁଖଦୁଃଖ ସବୁଅବସ୍ଥାରେ ସମଭାବପନ୍ନ, ଯେ ସର୍ବଦା ସନ୍ତୁଷ୍ଟ ଏବଂ ଦୃଢ଼ତାର ସହିତ ଭକ୍ତି ଯୋଗରେ ସେବାରତ ଏବଂ ଯାହାର ମନ ଓ ବୁଦ୍ଧି ମୋ'ଠାରେ ଯୁକ୍ତ ହୋଇଥାଏ ସେ ମୋର ଅତିପ୍ରିୟ।

ତେବେ ପୂଜା ପାଇଁ ଆମେ କେଉଁସ୍ତରକୁ ଓହ୍ଲାଇ ଆସୁ? ଚାନ୍ଦା ପାଇଁ ଗୁଣ୍ଡାରାଜ ସହିତ ମନକୁ ଆଘାତ୍ ଦେଇ ଚାନ୍ଦା ଆଦାୟ କରିଥାଉ। କପର୍ଦ୍ଦକ ଶୂନ୍ୟ ଦୀନଦୁଃଖୀଦରିଦ୍ର ବି ପ୍ରଭୁଙ୍କୁ ଭକ୍ତିରେ ବାନ୍ଧିରଖିପାରେ। ନହେଲେ କ'ଣ ସାମାନ୍ୟ ଖୁଦ କଣିକା ହେଉ କି ଶବରୀର ଅଇଁଠା କୋଳିକୁ ପ୍ରଭୁ ସାଦରେ ଗ୍ରହଣ କରିପାରିଥା'ନ୍ତେ ନା ଦାସିଆ ବାଉରିର ନଡ଼ିଆକୁ ଗ୍ରହଣ କରିଥା'ନ୍ତେ!

ଶାସ୍ତ୍ର ଅନୁସାରେ ଭକ୍ତିକୁ ନଅ ଭାଗରେ ବିଭକ୍ତ କରାଯାଇଛି। ପ୍ରଭୁଙ୍କର ନାମ ଓ ଭଜନ ଶ୍ରବଣ, ପ୍ରଭୁଙ୍କର ନାମ କୀର୍ତ୍ତନ ଓ ସ୍ମରଣ, ପ୍ରଭୁଙ୍କର ପାଦ ସେବା, ସକ୍ଷମ ଅନୁସାରେ ଅର୍ଚ୍ଚନା, ବନ୍ଦନା, ଦାସ୍ୟ, ସଖ୍ୟ ଓ ଆତ୍ମନିବେଦନ ଭଳି ଭକ୍ତି ରହିଛି। ଏତ ପ୍ରଭୁଙ୍କ ନିକଟରେ ସମର୍ପଣ ଓ ସମର୍ପିତ ହେବାର ଗୋଟିଏ ଗୋଟିଏ ମାଧ୍ୟମ। କିନ୍ତୁ ଏବେ ପୂଜା, ଭକ୍ତି ଓ ଭକ୍ତର ସଂଜ୍ଞା ପରିବର୍ତ୍ତନ ହୋଇଯାଇଛି। ଏହା ସମାଜିକ ଅଧୋପତନର ପ୍ରଦର୍ଶନ। ପୂଜା ଈଶ୍ୱରପ୍ରାପ୍ତିର ଏକ ମାଧ୍ୟମ ହୋଇପାରେ। କିନ୍ତୁ ପୂଜା ନାମରେ ଏଭଳି ମାନସିକତା ଈଶ୍ୱରଙ୍କ ପ୍ରତି ଏକ ଉପହାସ। ସେଇଥିପାଇଁ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ମନୁଷ୍ୟମାନେ ଯେପରି ଭାବରେ ମୋ ନିକଟକୁ ଆସନ୍ତି, ମୁଁ ସେମାନଙ୍କୁ ସେପରି ଭାବରେ ଗ୍ରହଣ କରିଥାଏ।

ସାମ୍ପ୍ରତିକ ସମୟରେ ଗାଁଠାରୁ ସହର ଚାନ୍ଦା ଦିଅଁ ପୂଜା ନାମରେ ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି। ମଧୁର ଶୋଷଣ ମାଧ୍ୟମରେ ଶୋଷିତ ହେଉଥିବା ଏବଂ ଭୟାତୁର ମଣିଷ ଚାନ୍ଦା ନଦେବାର ପରିଣାମ ଚିନ୍ତା କରି ଅନ୍ଧ, ମୂକ, ବଧିରର ଅଭିନୟ କରୁଥାଉ। ଆଇନ ତା' ରାସ୍ତାରେ। ଦଣ୍ଡବିଧାନ ତା' ରାସ୍ତାରେ। କିଏ କାହିଁକି ପ୍ରତିବାଦ କରି ଶତ୍ରୁଅର୍ଜନ କରିବ? ବରଂ ଈଶ୍ୱର ସେମାନଙ୍କର ମଙ୍ଗଳ କରନ୍ତୁ।

ସିମିନଇ(ଢେଙ୍କାନାଳ), ମୋ: ୯୪୩୭୨୯୦୧୮୧

# ମଙ୍ଗଳର କବକ ଗୃହ

**ଶ୍ରୀନନ**

**ବିଜ୍ଞାନ ବାର୍ତ୍ତା**

ପୃଥିବୀ ବାହାରେ ବସତି ସ୍ଥାପନ କଥା ଚିନ୍ତା କଲେ ମନକୁ ପ୍ରଥମେ ଆସିଥା'ନ୍ତି ଦୁଇଟି ମହାକାଶ ପିଣ୍ଡ - ଚନ୍ଦ୍ର ଓ ମଙ୍ଗଳ। ଚନ୍ଦ୍ର ଆମର ନିକଟତମ। ଅଦ୍ୟାବଧି ଏହା ଉପରେ ମଣିଷ ପହଞ୍ଚି ସାରିଛି ଏବଂ ଅନେକ ପରୀକ୍ଷା ନିରୀକ୍ଷା ଓ ଗବେଷଣା ମଧ୍ୟ ହୋଇସାରିଛି। ଅତଏବ ପ୍ରଥମେ ଏହିଠାରେ ହିଁ ବସତି ସ୍ଥାପନ କରିବାର ସମ୍ଭାବନା ଅଧିକ ବୋଲି ମନେ ହେବା ସ୍ୱାଭାବିକ। ତେବେ ବର୍ତ୍ତମାନ କେତେକ ବୈଜ୍ଞାନିକ ମତ ଦେଲେଣି ଯେ ଚନ୍ଦ୍ର ତୁଳନାରେ ମଙ୍ଗଳ ପୃଷ୍ଠ ଅଧିକ ବାସୋପଯୋଗୀ। କାରଣ ଏଠାରେ ଥିବା ବାୟୁମଣ୍ଡଳ, ଭୂପୃଷ୍ଠର ସଂରଚନା, ରାସାୟନିକ ଉପାଦାନ ଇତ୍ୟାଦି କିଛିଟା ପୃଥିବୀର ଅନୁରୂପ। ଅତଏବ ସେଠାରେ ବସତିଟିଏ ସ୍ଥାପନ କଲେ ଦୂରଦୂରାନ୍ତାରର ମହାକାଶ ଏବଂ ଗ୍ରହନକ୍ଷତ୍ରମାନଙ୍କୁ ଅଧ୍ୟୟନ କରିବା ସହଜ ହେବ।

ମଙ୍ଗଳ ପୃଷ୍ଠରେ ବସତି ସ୍ଥାପନ କରିବାକୁ ହେଲେ ତାହା କେଉଁ ପଦାର୍ଥରେ ଗଢ଼ାଯିବ ଏହାକୁ ନେଇ ନାନାକଥା ଚିନ୍ତା କରାଯାଉଛି। ତନ୍ମଧ୍ୟରୁ ଗୋଟିଏ ହେଲା ସେଠାରେ ସ୍ଥାନୀୟ ଭାବେ ଏକ କବକ ବା 'ଫଙ୍ଗସ୍' ଚାଷ କରି ତହିଁରୁ ପ୍ରସ୍ତୁତ ପ୍ଲାଷ୍ଟିକ୍‌ରେ ଘର ତିଆରି। ଏଦିଗରେ ପ୍ରଥମ ପଦକ୍ଷେପ ରୂପେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ବିଜ୍ଞାନାଗାାର ମଧ୍ୟରେ ମଙ୍ଗଳ ଗ୍ରହ ଅନୁରୂପ କୃତ୍ରିମ ପରିବେଶଟିଏ ସୃଷ୍ଟି କରି ତହିଁରେ ପ୍ଲାଷ୍ଟିକ ପାତ୍ରରେ ଏବର କବକଟିକୁ ବଢ଼ାଇବାର ସଫଳତା ମିଳିଛି। ତତ୍ପରେ ଏହାକୁ ବ୍ୟବହାର କରି ବାସଗୃହ ସଦୃଶ୍ୟ ସଂରଚନାଟିଏ ଗଢ଼ି ତନ୍ମଧ୍ୟରେ ତାହାର ବଂଶ ବିସ୍ତାର କରାଯାଇ ପାରୁଛି। ଅତଏବ ଏବର ସବୁଜ କବକରୁ ମଙ୍ଗଳ ଗ୍ରହରେ ବାସଗୃହ ନିର୍ମାଣ କରାଯାଇ ପାରିବ ବୋଲି ମନେ କରାଯାଉଛି।

ହାର୍ଭାର୍ଡଠାରେ ଏବର ଗବେଷଣା ଚଳାଇଥିବା ବୈଜ୍ଞାନିକମାନଙ୍କ ମୁଖ୍ୟ ହେଲେ ରବିନ୍ ୱାର୍ଡସ୍ ୱର୍ଥ। ତାଙ୍କ ମତରେ ସେମାନେ ଏ ପଦାର୍ଥଟିକୁ ଏଥିପାଇଁ ବାଛିବାର କାରଣ ହେଲା ଯେ ଥରେ ତହିଁରୁ କିଛି ସେଠାକୁ ନେଇ ଗଲେ ସେଠାରେ ତାହା ଚାଷ କରି ଅଧିକରୁ ଅଧିକ ଉତ୍ପନ୍ନ କରାଯାଇ ପାରିବ। ପୁନଶ୍ଚ ଏହା ମଧ୍ୟ ଅମ୍ଳଜାନ ସୃଷ୍ଟି କରିବ। ଏହି କବକଟିର ନାମ ହେଲା ଡୁନାଲିଏଲା ଟେର୍ଟିଓଲେକ୍ଟା। ରବିନ୍ ଓ ତାଙ୍କ ସହଯୋଗୀମାନେ ଏହାକୁ ୫ ମିଲିମିଟର ସ୍ଥୂଳତା ବିଶିଷ୍ଟ ଜୈବପ୍ଲାଷ୍ଟିକ ନିର୍ମିତ ପାତ୍ରରେ ନେଇ ଏକ ପ୍ରକୋଷ୍ଠ ମଧ୍ୟରେ ରଖିଥିଲେ। ଏଥିମଧ୍ୟରେ ସୃଷ୍ଟି କରାଯାଇଥିଲା ଆମ ବାୟୁମଣ୍ଡଳ ଚାପର ୦.୬ ଶତାଂଶ, ଯାହାକି ମଙ୍ଗଳ ଗ୍ରହର ବାୟୁମଣ୍ଡଳ ଚାପ ସହିତ ସମାନ। ପୁନଶ୍ଚ ମଙ୍ଗଳ ଅନୁରୂପ ବାୟୁରେ ଥିଲା ପ୍ରାୟ ୭୫ ରୁ ୮୦ ଶତାଂଶ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ବାଷ୍ପ। ତନ୍ମଧ୍ୟରେ ପ୍ରାୟ ୧୦ ଦିନ ରଖିଲା ପରେ ଦେଖାଗଲା ଯେ ସେଗୁଡ଼ିକ ସାଧାରଣ ଭାବେ ବଢୁଛନ୍ତି ଏବଂ ଆଲୋକ ସଂଶ୍ଳେଷଣ କରୁଛନ୍ତି।

ଫ୍ଲୋରିଡ଼ା ବିଶ୍ୱବିଦ୍ୟାଳୟର ଅନମାର ମେନେଜେସ୍‌ଙ୍କ ମତରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। କାରଣ ମଙ୍ଗଳ ପୃଷ୍ଠରେ ଦୀର୍ଘ ସମୟ ଧରି ରହିବାକୁ ହେଲେ ଦରକାରୀ ପଦାର୍ଥଗୁଡ଼ିକୁ ସେଠାରେ ଉତ୍ପାଦନ କରିବାକୁ ପଡ଼ିବ। ଏହି ଆବଶ୍ୟକତାର ଅନେକାଂଶ ଉକ୍ତ କବକ ଦ୍ୱାରା ପୂରଣ ହୋଇ ପାରିବ ବୋଲି ଆଶା କରାଯାଏ। ପୁନଶ୍ଚ ଏହା ଶ୍ୱାସ କ୍ରିୟା ଲାଗି ଅମ୍ଳଜାନ ମଧ୍ୟ ଯୋଗାଇବାକୁ ସକ୍ଷମ।

ମଙ୍ଗଳ ଗ୍ରହକୁ ମନୁଷ୍ୟର ଯାତ୍ରା ଆହୁରି କିଛି ବର୍ଷ ସମୟ ନେବ। ଇତିମଧ୍ୟରେ ଏ କବକ ଉପରେ ଅଧିକ ପରୀକ୍ଷା ନିରୀକ୍ଷା କରିହେବ। ଆବଶ୍ୟକ ହେଲେ ଜୈବ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗରେ ତାହାକୁ ସେଠାରେ ଚାଷ କରିବା, ତହିଁରୁ ଖାଦ୍ୟ ଉପଯୋଗୀ ପ୍ରଜାତିମାନ ସୃଷ୍ଟି କରିବା ଏବଂ ତାହାକୁ ଅନ୍ୟାନ୍ୟ କାର୍ଯ୍ୟରେ ଲଗାଇବା ଲାଗି ଉପଯୁକ୍ତ କରାଯାଇ ପାରିବ। ଏହାବ୍ୟତୀତ ବୈଜ୍ଞାନିକମାନେ ଏବେ ମଙ୍ଗଳପୃଷ୍ଠରେ ବ୍ୟବହାର ଲାଗି ଆହୁରି ଅନେକ ପ୍ରଦାର୍ଥ ଉପରେ ଅଧ୍ୟୟନ ଚଳାଇଛନ୍ତି। ବିଜ୍ଞାନାଗାରମାନଙ୍କରେ ସେଠାରେ ଅନୁରୁପ ପରିବେଶମାନ ସୃଷ୍ଟି କରି ଜନ୍ମଧ୍ୟରେ ତାହା ସବୁ ପରୀକ୍ଷା କରାଯାଉଛି। ଏସବୁରେ ସଫଳତା ହେବ ମଙ୍ଗଳ ଗ୍ରହରେ ବସତି ସ୍ଥାପନ ଦିଗରେ ଗୁରୁତ୍ୱପୂର୍ଣ୍ଣ ପରିକ୍ଷେପ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ

ଭୁବନେଶ୍ୱର, ୩୧।୮ (ସମିସ): ଶ୍ରୀମନ୍ଦିରର ପରିଚାଳନା କମିଟିର ନୂତନ ଭାବେ ମନୋନୀତ ହୋଇଥିବା ସଦସ୍ୟମାନେ ସୋମବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଶ୍ରୀମନ୍ଦିର ପରିଚାଳନା ପାଇଁ ନୂତନ କମିଟି ଗଠନ କରିଥିବାରୁ ସଦସ୍ୟଗଣ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ପରିଚାଳନା କମିଟିର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ଦିର ନୀତିକାନ୍ତି, ପର୍ବପର୍ବାଣୀ କିପରି ଶୃଙ୍ଖଳିତ ଭାବେ ପାଳିତ ହେବ ଏବଂ ପୁରୀ ସହରର ବିକାଶ କିପରି ତ୍ୱରାନ୍ୱିତ ହେବ, ସେ ସମ୍ପର୍କରେ ଆଲୋଚନା କରିଛନ୍ତି। ମହାପ୍ରଭୁଙ୍କ ସେବା ଓ ମନ୍ଦିର ବିକାଶ କାମରେ ସରକାରଙ୍କ ପକ୍ଷରୁ ସମସ୍ତ

**ଶୃଙ୍ଖଳିତ ନୀତିକାନ୍ତି ଉପରେ ଗୁରୁତ୍ୱାରୋପ**

ସହଯୋଗ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ପରିଚାଳନା କମିଟି ସଦସ୍ୟମାନଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନସ୍ଥଳ ଭାବେ ଗଢ଼ି ତୋଳିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ପୁରୀ ସହରରେ ଅନେକ ସୁବିଧା ଉପଲବ୍ଧ କରାଯିବ। ପରିଚାଳନା କମିଟିର ସଦସ୍ୟ କୃଷ୍ଣଚନ୍ଦ୍ର ସାମନ୍ତରାୟ (ସୁଆର ମହାସୁଆର), ରଘୁବୀର ଦାସ (ମଠାଧୀଶ), ରାମନାରାୟଣ ଗୋଚ୍ଛିକାର (ପ୍ରତିହାରୀ ନିଯୋଗ), ମଧୁସୂଦନ ସିଂହାରୀ (ପୁଷ୍ପାଳକ ନିଯୋଗ) ଏବଂ ଜଗନ୍ନାଥ ପୂଜାପଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

# ଏଥର ଡିଜେ, ବାଣ ଓ ନିଶାମୁକ୍ତ ଦୁର୍ଗାପୂଜା

ଭୁବନେଶ୍ୱର,୩୧।୮(ସମିସ): ଏଥର ଡିଜେ, ବାଣ ଓ ନିଶାମୁକ୍ତ ହେବ ଦୁର୍ଗାପୂଜା। ଜଳିବନି ଲେଜର ଲାଇଟ୍, ଷ୍ଟେଜରେ ହେବନି ଅଶ୍ଳୀଳ ନୃତ୍ୟ। ମୁତୟନ ହେବେ ମହିଳା ପୁଲିସ, ସିସିଟିଭିରେ ଛାଉଣୀ ହେବ ସବୁ ମଣ୍ଡପ। ବଟି ମାରିଲେ ବନ୍ଧାହେବେ ପୂଜା କମିଟି ସଦସ୍ୟ। ଖୁସି ଓ ଉତ୍ସାହ ନେଇ ପୁଣି ଫେରିଛି ମହାପାର୍ବଣ ଦୁର୍ଗାପୂଜା। ମା'ଙ୍କର ଷୋଳ ପୂଜାର ଅବ୍ୟବହିତ ପୂର୍ବରୁ ସରିଛି

- **ଜଳିବନି ଲେଜର ଲାଇଟ୍, ଷ୍ଟେଜରେ ହେବନି ଅଶ୍ଳୀଳ ନୃତ୍ୟ**
- **ପ୍ରତି ମଣ୍ଡପରେ ରହିବେ ମହିଳା ପୁଲିସ**
- **ରାତି ୧୦ଟା ବଦଳରେ ୧୨ ଯାଏ ମେଲୋଡ଼ି ସାରିବାକୁ ନିର୍ଦ୍ଦେଶ**

ପ୍ରସ୍ତୁତି ବୈଠକ। ଆଜି ପୁଲିସ ସେବାଭବନରେ ପୂଜା ମଣ୍ଡପର କର୍ମକର୍ତ୍ତା ଏବଂ ପୁଲିସ ମଧ୍ୟରେ ବୈଠକ ହୋଇଥିଲା। ପୁଲିସ ପୂଜା ମଣ୍ଡପର କର୍ମକର୍ତ୍ତାଙ୍କ ସମସ୍ୟା ଶୁଣିବା ସହ ଏହାର ପ୍ରତିକାର ମଧ୍ୟ କରିଥିଲେ।

ବୈଠକରେ ପୁଲିସ ପକ୍ଷରୁ କମିଟିମାନଙ୍କୁ ଏକାଧିକ ପରାମର୍ଶ ଦିଆଯାଇଥିଲା। ଭୁବନେଶ୍ୱରରେ ଏଥର ଲୋକେ ଦେଖିବେ ୧୮୭ଟି ମୃଣ୍ମୟୀ ମୂର୍ତ୍ତି। ପୂର୍ବବର୍ଷ ଭଳି ଧୁମ୍‌ଧାମରେ ଦଶହରା ପାଳନ ହେବ। ଏନେଇ ଅଣ୍ଟା ଭିଡ଼ିଛି ପ୍ରଶାସନ। ଟ୍ରାଫିକ, ଲ' ଆଣ୍ଡ ଅର୍ଡର, ପୁଲିସ ପାଇଁ ପାଲଟିଛି ବଡ଼ ଚ୍ୟାଲେଞ୍ଜ। ସେହିପରି ବିନା କେମିକାଲ ଓ ବିନା ପ୍ଲାଷ୍ଟିକରେ ମୂର୍ତ୍ତି ନିର୍ମାଣ କରିବାକୁ ଅନେକ ପୂଜା କମିଟି କହିଛନ୍ତି। ପୂଜା ମଣ୍ଡପରେ ଅନୁଷ୍ଠିତ ହେଉଥିବା ମେଲୋଡି କାର୍ଯ୍ୟକ୍ରମ ୧୦ଟା ପରିବର୍ତ୍ତେ ୧୨ଟା ସୁଦ୍ଧା ଶେଷ କରିବାକୁ କୁହାଯାଇଛି। ରାବଣ ପୋଡ଼ି ବେଳେ ଶବ୍ଦ ପ୍ରଦୂଷଣ କରୁଥିବା ବାଣକୁ ବ୍ୟବହାର ନ କରିବାକୁ ନିବେଦନ କରାଯାଇଛି। ଭସାଣ ବେଳେ ଭାଇବ୍ରେଟ୍ ମ୍ୟୁଜିକ୍, ଡିଜେ ବାରଣ କରାଯାଇଛି। ଅବକାରୀ ବିଭାଗକୁ ଚୋରା ମଦ ଓ ଡ୍ରଗ୍ସ ରୋକିବାକୁ ନିର୍ଦ୍ଦେଶ ସମନ୍ୱୟ ବୈଠକରେ ମତ ପ୍ରକାଶ ପାଇଛି। ବିଏମସି ପକ୍ଷରୁ ଡ୍ରେନେଜ ସମସ୍ୟାର ସମାଧାନ, ରାସ୍ତାଘାଟ ମରାମତି ଓ ଅନ୍ୟାନ୍ୟ ସୁବିଧା ଯୋଗାଇବା ପାଇଁ ଆର୍ଥିକ ଅନୁଦାନ ପାଇଁ ଦାବି ହୋଇଛି। ସେହିପରି ବିଦ୍ୟୁତ୍ ପାଇଁ ସିଙ୍ଗଲ ମିଟର ବ୍ୟବସ୍ଥା, ଭ୍ରାମ୍ୟମାଣ ଟଏଲେଟ୍ ବ୍ୟବସ୍ଥା ଓ ଅଗ୍ନିଶମ, ପାନୀୟ ଜଳ, ଖୋଳା ହୋଇଥିବା ରାସ୍ତାଘାଟ ନିର୍ମାଣ, ଗଛକଟା ଆଦି ପ୍ରସଙ୍ଗରେ ବିଭିନ୍ନ ବିଭାଗର ସହଯୋଗ ଲୋଡ଼ିଥିଲେ ପୂଜା କମିଟି ସଦସ୍ୟ। ସହରରେ ହେଉଥିବା ପୂଜା ଓ ଭସାଣି ପାଇଁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଦ୍ୱାରା ଲାଇସେନ୍ସ ପାଇବାରେ କୌଣସି ଅସୁବିଧା ହେବ ନାହିଁ।

ଆଜିର ବୈଠକରେ ସମସ୍ତ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ଦୁଇ ବିଧାୟକ, ଅଗ୍ନିଶମ, ଓାଟକୋ, ଟାଟା ପାୱାର, ଟ୍ରାଫିକ ଓ ଅବକାରୀ ବିଭାଗର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ। ପାର୍ବଣ ବେଳେ ଲୁଟେରାମାନେ ସକ୍ରିୟ ହେବାର ଆଶଙ୍କା ଥିବାରୁ ଏବେଠୁ ଭୁବନେଶ୍ୱର ପୁଲିସ ସଜାଗ ଥିବା କହିଛନ୍ତି କମିସନର ସୁରେଶ ଦେବଦତ୍ତ ସିଂ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲିଭ ଇନ୍ ପାର୍ଟନରଙ୍କୁ...

ବନଯାକ୍ଷୀ। ତାଙ୍କର ବୟସ ୩୫ ବର୍ଷରୁ ବୋଲି ପୁଲିସ ସୂଚନା ଦେଇଛି। ଦୁଇଜଣ ୪ ବର୍ଷ ତଳେ ଲିଭ୍-ଇନ୍‌ରେ ରହିଆସୁଥିଲେ। ଭିଠଲ ପୂର୍ବରୁ ୩ଥର ବିବାହ କରିସାରିଥିଲା। ସେହିପରି ବନଯାକ୍ଷୀ ମଧ୍ୟ ପୂର୍ବରୁ ୨ଥର ବିବାହ କରିଥିଲେ। ଭିଠଲ ନିୟମିତ ମଦ୍ୟପାନ କରିବା ସହ ନିର୍ଯାତନା ଦେବାରୁ ବନଯାକ୍ଷୀ ବିତସ୍ପୃହ ହୋଇପଡ଼ିଥିଲେ। ଫଳରେ ସେ ତାଙ୍କଠାରୁ ଅଲଗା ହୋଇଥିଲେ। ଏହାପରେ ବନଯାକ୍ଷୀ ମାରିଆପ୍ପା ନାମକ ଜଣେ ବ୍ୟକ୍ତି ସହ ବନ୍ଧୁତା ସ୍ଥାପନ କରିଥିଲେ। ଘଟଣା ଦିନ ମନଯାକ୍ଷୀ କାରରେ ମାରିଆପ୍ପା ଓ ଡ୍ରାଇଭର ସହିତ ମନ୍ଦିରରୁ ଫେରୁଥିଲେ। ଭିଠଲ ତାଙ୍କର ପିଛା କରିଥିଲା। କାର ଏକ ସିଗନାଲରେ ରହିବା ପରେ ବିଠଲ ୩ ଜଣଙ୍କ ଉପରେ ପେଟ୍ରୋଲ ପକାଇଥିଲା। ମାରିଆପ୍ପା ଓ ଡ୍ରାଇଭର ସେଠାରୁ ଦୌଡ଼ି ପଳାଇଥିଲେ। କିନ୍ତୁ ବିଠଲ ବନଯାକ୍ଷୀଙ୍କ ପିଛା କରିଥିଲା। ଦୌଡ଼ିବା ପରେ ସେ ପଡ଼ିଯିବା ପରେ ବିଠଲ ତାଙ୍କ ଉପରେ ଢ଼ାଳି ନିଆଁ ଲଗାଇଦେଇଥିଲେ। ସ୍ଥାନୀୟ ଲୋକ ବନଯାକ୍ଷୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ କିନ୍ତୁ ସେ ମୃତ୍ୟୁବରଣ କରିଥିଲେ।

### ଉଠିଲା ସୁନା...

ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୧୦୭,୦୫୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୨୮,୦୦୦ ଟଙ୍କା ସ୍ତର ଟପି ନୂଆ ଇତିହାସ ରଚିଛି। ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ୍ ରିଜର୍ଭ ଦ୍ୱାରା ନୀତିଗତ ସୁଧ ହାରରେ ହ୍ରାସ ସମ୍ଭାବନା ଏବଂ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ନେଇ ଲାଗିରହିଥିବା ଅନିଶ୍ଚିତତା ଯୋଗୁଁ ସୁନା ଏବଂ ରୁପା ମୂଲ୍ୟରେ ଏହି ବୃଦ୍ଧି ଦେଖାଯାଇଥିବା କୁହାଯାଉଛି।

### ୧୦୦୦ରୁ ଊର୍ଦ୍ଧ୍ୱ ମୃତ...

ଏହି ଭୂକମ୍ପକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ପ୍ରଭାବିତ ଲୋକଙ୍କୁ ଭାରତ ଯଥାସମ୍ଭବ ମାନବିକ ସହାୟତା ଏବଂ ଆଶ୍ୱସ୍ତି ପ୍ରଦାନ କରିବାକୁ ପ୍ରସ୍ତୁତ ଅଛି ବୋଲି କହିଛନ୍ତି। ଏହା ପରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ନିଜ ଆଫଗାନ ସମକକ୍ଷ ମାଓଲାଭି ଅମିର ଖାନ ମୁତାକିଙ୍କ ସହ କଥା ଗଭୀର ଶୋକ ପ୍ରକାଶ କରିଥିଲେ। ଭାରତ ରିଲିଫ ସାମଗ୍ରୀ ପଠାଇ ଦେଇଛି ବୋଲି ସୂଚନା ଦେଇଥିଲେ। ତତ୍କାଳ ସହାୟତା ଭାବେ ଭାରତ କାବୁଲରେ ପରିବାର ପାଇଁ ଟେଣ୍ଟ, ୧୫ ଟନ୍ ଖାଦ୍ୟ ସାମଗ୍ରୀ ପଠାଇଥିବା ସୂଚନା ଦେଇଥିଲେ।

ଏହି ଭୂକମ୍ପରେ କୁନାରର ନୁର୍ଗାଲ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି। ଏଠାରେ ଏକ ଗାଁ ଲୋପ ପାଇ ଯାଇଛି। ଗ୍ରାମବାସୀ ଅବଶେଷ ତଳେ ଫସି ରହିଛନ୍ତି। ଜଣେ ପ୍ରତ୍ୟକ୍ଷଦର୍ଶୀ ସହାୟତା ପାଇଁ ନିବେଦନ କରିଛନ୍ତି। ପୂର୍ବ ଆଫଗାନିସ୍ତାନ ଏହି ପାର୍ବତ୍ୟାଞ୍ଚଳରେ ଆସିଥିବା ଭୂକମ୍ପ ଯୋଗୁଁ ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇଯାଇଛି। ବର୍ଷା ଯାଉଥିବା ଜଣେ ବ୍ୟକ୍ତି କହିଛନ୍ତି ଯେ ସେ ଆଖି ସାମ୍ନାରେ ଘର ଭାଙ୍ଗି ପଡୁଥିବା ଏବଂ ଲୋକେ ସାହାଯ୍ୟ ପାଇଁ ଚିତ୍କାର କରୁଥିବାର ଦେଖିଛନ୍ତି। ସାଦିକୁଲ୍ଲାହ କହିଛନ୍ତି ଯେ ସେ ଏକ ବଡ଼ ଝଡ଼ ପରି ଶବ୍ଦ ହେବାରୁ ସେ ନିଦରୁ ଉଠି ପଡ଼ିଥିଲେ। ପରେ ସେ ପିଲାମାନଙ୍କ ପାଖକୁ ଦୌଡ଼ି ପଳାଇଥିଲେ। ସେ ମାତ୍ର ତିନି ଜଣଙ୍କୁ ବଞ୍ଚାଇ ପାରିଥିଲେ। ପରିବାରର ଅନ୍ୟ ସଦସ୍ୟଙ୍କୁ ବଞ୍ଚାଇବା ପାଇଁ ଯାଉଥିବାବେଳେ କୋଠାଟି ଭୁଶୁଡ଼ି ତାଙ୍କ ଉପରେ ପଡ଼ି ଯାଇଥିଲା।

### ଶିକ୍ଷକ ଯୋଗ୍ୟତା...

ସମ୍ପୃକ୍ତ ଦୃଢ଼ାନ୍ତ ରାୟ ପାଇଁ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କ ନିକଟକୁ ମାମଲା ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଏହି ଶିକ୍ଷା ଅଧିକାର ଆଇନ୍ (ଆରଟିଇ) ଅନୁଯାୟୀ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ ରହିଛି। ଓଡ଼ିଶା କ୍ଷେତ୍ରରେ ପ୍ରାଥମିକ ଶିକ୍ଷକଙ୍କ ପାଇଁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)କୁ ୨୦୧୧ ମସିହାରୁ ବାଧ୍ୟତାମୂଳକ କରାଯାଇଛି। ୨୦୧୨ ମସିହାରୁ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକ ଓଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତାମୂଳକ କରାଯାଇଛି। ଏଯାଏଁ ରାଜ୍ୟର ପ୍ରାୟ ୮୦ ହଜାରରୁ ଅଧିକ ଶିକ୍ଷକ ଓଟିଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇନାହାନ୍ତି। କେବଳ ପଦୋନ୍ନତି ଆଶାରେ ଥିବା ପ୍ରାୟ ୭୫ ହଜାର ଶିକ୍ଷକ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଦେବେ। ଏଣୁଟି ଦୁଇବର୍ଷ ମଧ୍ୟରେ ଓଟିଇଟି (ଓଡ଼ିଶା କ୍ଷେତ୍ରରେ) ପାସ୍ କରିବାକୁ ରାୟ ଦେଇଥିବାରୁ ଶିକ୍ଷକଙ୍କ ମଧ୍ୟରେ ଭାଲେଣି ପଡ଼ିଛି। କିଛି ଶିକ୍ଷକ ୩ରୁ ଅଧିକ ଥର ପରୀକ୍ଷା ଦେଇଥିଲେ ମଧ୍ୟ କୃତକାର୍ଯ୍ୟ ହୋଇ ନ ଥିବାରୁ ଚିନ୍ତାରେ ପଡ଼ିଛନ୍ତି। ଆଜିଠୁ ଦୁଇବର୍ଷ ମଧ୍ୟରେ ଓଟିଇଟି ପାସ୍ ନ କଲେ ଅନେକ ଚାକିରି ହରାଇବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି।

ଅପରପକ୍ଷରେ ମାଧ୍ୟମିକ ଶିକ୍ଷକଙ୍କ କ୍ଷେତ୍ରରେ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସ୍ଏସ୍‌ଟିଇଟି) ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ କରାଯାଇଛି। ୨୦୧୩ ମସିହାଠାରୁ ନିଯୁକ୍ତ ହୋଇଥିବା ଶିକ୍ଷକମାନେ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ହେଲେ ଏହା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ କ୍ଷେତ୍ରରେ ଏହାକୁ ବାଧ୍ୟତାମୂଳକ କରାଯାଇ ନ ଥିଲା। ସୁପ୍ରିମକୋର୍ଟଙ୍କ ରାୟପରେ ମାଧ୍ୟମିକ ଶିକ୍ଷକଙ୍କ କ୍ଷେତ୍ରରେ ମଧ୍ୟ ଏହାକୁ ବାଧ୍ୟତାମୂଳକ କରାଯିବ। ଫଳରେ ଓଏସ୍ଏସ୍‌ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନ ପାରିଲେ ମାଧ୍ୟମିକ ଶିକ୍ଷକମାନେ ମଧ୍ୟ ଚାକିରି ହରାଇବେ ବୋଲି ଆଇନଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ରାଜ୍ୟର ବିଭିନ୍ନ ଶିକ୍ଷକ ସଂଗଠନ ରାୟକୁ ଦୁର୍ଭାଗ୍ୟଜନକ କହିବା ସହ ପୁନଃ ବିଚାର ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ବିଚାର କରୁଥିବା କହିଛନ୍ତି।

### ୨୪ ଘଣ୍ଟାରେ...

ଦେବଗଡ଼ ୫୫ ମିମି ବର୍ଷା ହୋଇଥିବା ବେଳେ ଗୋପାଳପୁରରେ ୩୪, ଝାରସୁଗୁଡ଼ାରେ ୧୭, ପାରାଳାଖେମୁଣ୍ଡି ୩୩, ଖୋର୍ଦ୍ଧା ୩୧ ଓ ନବରଙ୍ଗପୁରରେ ୧୭ ମିମି ବର୍ଷା ରେକର୍ଡ ହୋଇଛି। ଲଘୁଚାପ ପରେ ବର୍ଷାର ପ୍ରଭାବ ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସେପ୍ଟେମ୍ବର ୨ ରୁ ୪ ତାରିଖ ମଧ୍ୟରେ ଓଡ଼ିଶା ଉପକୂଳ ଏବଂ ଉତ୍ତର ବଙ୍ଗୋପସାଗରରେ ପବନର ବେଗ ୩୦-୪୦ କିଲୋମିଟର ଓ ଝଡ଼ି ପବନ ଘଣ୍ଟାପ୍ରତି ୫୦ କିମି ପହଞ୍ଚିବାର ଆଶଙ୍କା ରହିଛି। ଏଥିପାଇଁ ଓଡ଼ିଶା ଉପକୂଳ ଏବଂ ଉତ୍ତର ବଙ୍ଗୋପସାଗରରେ ସମୁଦ୍ର ସ୍ଥିତି ଅଶାନ୍ତ ରହିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନଯିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି।

ଚଳିତ ବର୍ଷ ମୌସୁମୀ ଋତୁରେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୮୭୪ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟ ସୁଦ୍ଧା ସ୍ୱାଭାବିକ ବର୍ଷା ୯୧୨ ମିମି ତୁଳନାରେ ବର୍ଷାର ପରିମାଣ ୫ ପ୍ରତିଶତ କମ୍ ରହିଛି। ଜିଲ୍ଲାୱାରୀ ସ୍ଥିତି ଦେଖିଲେ ୯ ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ୪ ଜିଲ୍ଲାରେ ସ୍ୱାଭାବିକରୁ ଅଧିକ ଓ ବାକି ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି।

### ୪ ଦିନିଆ ଦିଲ୍ଲୀ...

ଗଡ଼ି ଗଡ଼ି ଚାଲିଛି। ସୂଚନା ଅନୁଯାୟୀ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏବଂ ବୋର୍ଡ, ନିଗମ ନିଯୁକ୍ତିକୁ ନେଇ ଦଳରେ ଅସନ୍ତୋଷ ବଢ଼ୁଥିବା ବେଳେ ଏ ଖବର ଦିଲ୍ଲୀର ଶୀର୍ଷ ନେତୃତ୍ୱଙ୍କ ନିକଟରେ ପହଞ୍ଚିଛି। ଶୀର୍ଷ ନେତୃତ୍ୱ ଏହାକୁ ଗୁରୁତର ସହ ନେଇ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାମ କରିବାକୁ ରାଜ୍ୟର ଛାମୁଆ ନେତାମାନଙ୍କୁ ପରାମର୍ଶ ଦେଇଥିବା ଜଣାପଡ଼ିଛି। କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶ ଆଧାରରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ରାଜ୍ୟ ନେତୃତ୍ୱଙ୍କ ମଧ୍ୟରେ ସହମତି ଆସିଥିବା ମଧ୍ୟ କୁହାଯାଉଛି। ଏହି ସହମତି ପତ୍ରକୁ ନେଇ ମୋହନ ଦିଲ୍ଲୀ ଗସ୍ତରେ ଯାଇଥିବା ବେଳେ ଏହା ଉପରେ ମୋହର ବାଜିପାରେ। ଯଦି ସବୁ ଠିକ୍‌ଠାକ୍ ରହେ ତାହେଲେ ଆସନ୍ତା ମୌସୁମୀ ଅଧିବେଶନ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ଜୋର୍ ଧରିଛି।

ସେହିପରି ମୋହନଙ୍କ ଏହି ଦିଲ୍ଲୀ ଗସ୍ତ ଅବସରରେ ରାଜ୍ୟରେ ବିଜେପି ସଂଗଠନ ବୃଦ୍ଧି, ବୋର୍ଡ ନିଗମ ନିଯୁକ୍ତି ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ଏନେଇ ସରକାର କିମ୍ବା ସଂଗଠନ ପକ୍ଷରୁ କିଛି କୁହାଯାଉନଥିବା ବେଳେ ଚଳିତ ଦିଲ୍ଲୀ ଗସ୍ତରେ ନିଶ୍ଚିତ ଠୋସ୍ ନିଷ୍ପତ୍ତି ନିଆଯିବ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ପ୍ରଦାନ କରିଛନ୍ତି।

ତିନିଦିନ ତଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଏହି ସାକ୍ଷାତ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କି ଆଲୋଚନା ହୋଇଥିଲା ତାହା ସୂଚନା ମିଳି ନ ଥିଲେ ହେଁ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ବିକାଶ ସମ୍ପର୍କରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା କୁହାଯାଇଥିଲା। ମାତ୍ର ଦଳର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଉଭୟଙ୍କ ମଧ୍ୟରେ ରାଜ୍ୟରେ ସମ୍ଭାବ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ ବୋର୍ଡରୁ ନିଯୁକ୍ତି ସମ୍ପର୍କରେ ଆଲୋଚନା ହୋଇଛି। ଗତ ବର୍ଷକ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ କିଛି ମନ୍ତ୍ରୀଙ୍କ ଭୂମିକା ଓ କାର୍ଯ୍ୟକୁ ନେଇ ନିଜେ ମୁଖ୍ୟମନ୍ତ୍ରୀ ଖୁସି ନାହାନ୍ତି। ସେହିପରି ଅନେକ ମନ୍ତ୍ରୀଙ୍କ କାର୍ଯ୍ୟ ମଧ୍ୟ ସନ୍ତୋଷଜନକ ହୋଇନାହିଁ। ବିଭିନ୍ନ ପ୍ରସଙ୍ଗରେ ସରକାର ବିବାଦକୁ ନିମନ୍ତ୍ରଣ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ତେଣୁ କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶକ୍ରମେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଏହି ପ୍ରସଙ୍ଗରେ ଆଲୋଚନା କରି ନିଷ୍କର୍ଷ ବାହାର କରିବାକୁ ଉଦ୍ୟମ କରିଛନ୍ତି।

### ଥାନାରେ ଫିନାଇଲ୍...

ସେ ରୁମ୍ ଦେବାକୁ ମନା କରିଦେଇଥିଲେ। ଏଥିରେ ରାଗିଯାଇ ଦୁହେଁ ଲଜ୍ ମାଲିକଙ୍କ ସହ ଝଗଡ଼ା କରିବା ସହ ପରେ ଗୋପାଳପୁର ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ପୁଲିସ୍ ସବୁ ବିଷୟରେ ଅବଗତ ହେବା ପରେ ନାବାଳିକାଙ୍କ ପରିବାରଲୋକଙ୍କୁ ଥାନାକୁ ଡକାଇଥିଲା। ସେଠାରେ ପରିବାରଲୋକ ପହଞ୍ଚି ଝିଅକୁ ଆଳଟ କରିଥିଲେ। ଏହାକୁ ନେଇ ପାଟିତୁଣ୍ଡ ହେବାରୁ ରାଗରେ ନାବାଳିକାଜଣଙ୍କ ଫିନାଇଲ୍ ପିଇ ଦେଇଥିବା କୁହାଯାଉଛି। ତେବେ ନାବାଳିକାଜଣଙ୍କ କେଉଁଠୁ ଫିନାଇଲ ଆଣିଲେ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

### ଅକ୍ସିଜେନ ଅଭାବରୁ...

ବାଧ୍ୟ ହୋଇ ମା' କୁତାମଚଣ୍ଡୀ ନାମକ ଏକ ଘରୋଇ ଆମ୍ବୁଲାନ୍ସରେ ଅକ୍ସିଜେନ ଲଗାଇ ରୋଗୀଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ସିଲିଣ୍ଡରରେ ଅକ୍ସିଜେନ ନ ଥିବାରୁ ମାତ୍ର ୨ କିମି ଯିବାପରେ ଜଗତସିଂହପୁର ସହରର ଗୋପାଳସାଗର ନିକଟରେ ମହିଳାଙ୍କ ମୃତ୍ୟୁ ହୋଇ ଯାଇଥିଲା। ତେଣୁ ଆମ୍ବୁଲାନ୍ସକୁ ମୁଖ୍ୟ ଚିକିତ୍ସାଳୟକୁ ଫେରାଇ ଅଣାଯାଇଥିଲା ଓ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯାହାକୁ ନେଇ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ଆମ୍ବୁଲାନ୍ସକୁ ଭଙ୍ଗାରୁଜା କରିବା ସହ ଜଗତସିଂହପୁର ଥାନାରେ ଜିମା ଦେଇଥିଲେ। ଘଟଣା ପରେ ଆମ୍ବୁଲାନ୍ସ ଥାନାରେ ରହିଥିବାବେଳେ ଡ୍ରାଇଭର ଫେରାର ହୋଇଯାଇଛି। ଏ ସମ୍ପର୍କରେ ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଡାକ୍ତର ସରୋଜ କୁମାର ଜେନା କହିଛନ୍ତି, ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ମିଳିବା ପରେ ତଦନ୍ତ କରାଯାଇ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ମୃତ ମହିଳାଙ୍କ ସ୍ୱାମୀ ପାତାମ୍ବର ପଣ୍ଡା ଶେଷକୃତ୍ୟ ପାଇଁ ପୁରୀ ଯାଉଥିବାରୁ ଆସନ୍ତାକାଲି ଅର୍ଥାତ ୨ ତାରିଖରେ ସଦର ଥାନାରେ ଏତଲା ଦେବେ ବୋଲି କହିଛନ୍ତି। ଏଥିସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ନିକଟରେ ମଧ୍ୟ ଘଟଣା ସମ୍ପର୍କରେ ଅଭିଯୋଗ କରିବେ ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।


**ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର**

**OFFICE OF THE NOTIFIED AREA COUNCIL, PADAMPUR**

DIST:-BARGARH (ODISHA) PIN-768036,Email-nac.padampur@gmail.com, Ph.06683-223436

ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିବାସୀଙ୍କୁ ନୂଆଖାଇ ପର୍ବ ଏବଂ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ସହ ସହରକୁ ପରିଷ୍କାର ପରିଚ୍ଛନ୍ନ, ସୌନ୍ଦର୍ଯ୍ୟକରଣ ଓ ନିମ୍ନ ବିଷୟ ରେ ଆପଣମାନଙ୍କର ସହଯୋଗ କାମନା କରୁଅଛୁ।

୧-ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ ସହଯୋଗ କରନ୍ତୁ।
୨-ଠିକ୍ ସମୟରେ ଟିକସ ପଇଠ କରନ୍ତୁ।
୩-ପରିଷଦରୁ ଆବଶ୍ୟକୀୟ ମଞ୍ଜୁରୀ ନେଇ ଘର ତିଆରି କରନ୍ତୁ।
୪-ଗୃହପାଳିତ ପଶୁ ମାନଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ।
୫-ପଲିଥିନ ବ୍ୟବହାର ବର୍ଜନ କରନ୍ତୁ।
୬-ପରିଷଦରେ ନୂତନ ଘର ନକ୍ସା ମଞ୍ଜୁର କରାଇ ଘର ନିର୍ମାଣ କରନ୍ତୁ।
୭-ନିର୍ଦ୍ଧାରିତ ସମୟରେ ଲାଇସେନ୍ସ ନବୀକରଣ କରନ୍ତୁ।
୮- ବାହାରେ ମଳତ୍ୟାଗ କରନ୍ତୁ ନାହିଁ ଓ ନିଜ ନିଜ ଶୌଚାଳୟ ବ୍ୟବହାର କରନ୍ତୁ।

| ଶ୍ରୀଯୁକ୍ତ ରାମ ଚନ୍ଦ୍ର ମାଝୀ,ଓ.ପ୍ର.ସେ(ଜନିଷ୍ଠ) | ଶ୍ରୀମତୀ ଭାରତୀ ପଜେନାୟକ | ଶ୍ରୀମତୀ ସାବିତ୍ରୀ ବାଗ |
|---|---|---|
| ନିର୍ବାହୀ ଅଧିକାରୀ | ଉପାଧ୍ୟକ୍ଷା | ଅଧ୍ୟକ୍ଷା |
| ବିଜ୍ଞାପିତ ଅଂଚଳ ପରିଷଦ,ପଦ୍ମପୁର | ବିଜ୍ଞାପିତ ଅଂଚଳ ପରିଷଦ,ପଦ୍ମପୁର | ବିଜ୍ଞାପିତ ଅଂଚଳ ପରିଷଦ,ପଦ୍ମପୁର |

ଓ ସମସ୍ତ ସଭ୍ୟ/ସଭ୍ୟା ବୃନ୍ଦ



**ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି**

ପବିତ୍ର ସ୍ୱାୟତ୍ତ ଶାସନ ଦିବସ - ୨୦୨୫ (Dt.୩୧.୦୮.୨୦୨୫) ଉପଲକ୍ଷେ କଣ୍ଟାବାଞ୍ଜି ସହରବାସୀଙ୍କୁ ସାଦର ଅଭିନନ୍ଦନ ଓ ଶୁଭେଚ୍ଛା।

**ନିବେଦନ**

୧) ପରିଷଦର ସମସ୍ତ ଦେୟ ଯଥା :- ଘରଟିକସ, ଟ୍ରେଡ ଲାଇସେନ୍ସ ଫି ଏବଂ ଦୋକାନ ଭଡା ଇତ୍ୟାଦି ଠିକ ସମୟରେ ପଇଠ କରନ୍ତୁ।

୨) ଘରର ଅଳିଆ ଆବର୍ଜନା ରାସ୍ତାରେ ନପକାଇ ପ୍ରତ୍ୟେକ ଘର ଓ ବ୍ୟବସାୟ ପ୍ରତିଷ୍ଠାନରେ ୨ ଟି ଲେଖାଏଁ ଡଷ୍ଟବିନ ରଖନ୍ତୁ ଓ ପୌର ପରିଷଦ ତରଫରୁ ଯାଉଥିବା ଗାଡିରେ ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା ଅଲଗା ଜମା ଦିଅନ୍ତୁ ଏବଂ ପରିଷଦର USER FEES ଠିକ ସମୟରେ ପଇଠ କରନ୍ତୁ।

" କଣ୍ଟାବାଞ୍ଜି ସହର ଆପଣମାନଙ୍କର ଏହାର ସୁରକ୍ଷା ଦାୟୀତ୍ୱ ଆମସମସ୍ତଙ୍କର "

| ଶ୍ରୀମତୀ ମନୋରମା ରାଉତ, | ଶ୍ରୀଯୁକ୍ତ ବରିୟାମ ସିଂ ସାଲୁଜା, | ଶ୍ରୀଯୁକ୍ତ ବିଶନାଥ ଖାଲଖୋ |
|---|---|---|
| ଉପାଧ୍ୟକ୍ଷା | ଅଧ୍ୟକ୍ଷ | କାର୍ଯ୍ୟନିର୍ବାହୀ ଅଧିକାରୀ |

ଓ ସମସ୍ତ କାଉନସିଲର ବୃନ୍ଦ,
ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି।



**AFFIDAVIT**

I, Mamta Agrawal, D/O - Brij Bhan Gupta, resident of AT - Civil Township, Rourkela, PS - Raghunathpali, Dist - Sundargarh, Odisha,declare by this affidavit No - 74AA131809, dated -30.08.2025,that now onwards I shall be known as **MAMTA AGARWAL** for all future purposes.

**CHANGE OF NAME**

By virtue of an affidavit sworn before Executive Magistrate Bhubaneswar, dated 30/08/2025, I **AKSHAYA KUMAR SUKAL**, resident of Plot No-131/2699, Ekamra Vihar, Sundarpada, Po-Oldtown, PS-Airfield, Bhubaneswar, Dist-Khordha, Pin-751002, Odisha declare by this affidavit CF NC.71/2025 that I have changed the name of my son from **Ayush Omkar** (old name) to **Ayush Omkar Sukla** (new name). Henceforth, he shall be known as **AYUSH OMKAR SUKLA** (new name) for all purposes.

AKSHAYA KUMAR SUKAL
Deponent

**AFFIDAVIT**

I, Ram Kumar Agrawal, S / O - Tara Chand Agarwal, resident of AT - Civil Township, Rourkela, PS - Raghunathpali, Dist - Sundargarh, Odisha, declare by this affidavit No - 74AA131808, dated - 30.08.2025, that now onwards I shall be known as **RAM KUMAR AGARWAL** for all future purposes.

**AFFIDAVIT**

I, Minakshi Sahu, aged about 37 years, W/o- Sibaram Sahu, resident of At- Bada Sahi, Haridakhandi, Berhampur, Dist-Ganjam, Pin- 760002, Odisha declared by this affidavit No. 1763, dtd-29/08/2025 that now onwards I shall be known as **MEENAKSHI SAHU** for all future purposes.

**AFFIDAVIT**

By virtue of an affidavit no. 5644, dtd. 25.08.2025 sworn before the Executive Magistrate, Bangonunda, Dist.- Balangir, I, Chanda Tahani, have changed my name from Chanda Yadav to Chanda Tahani. Henceforth I shall be known as **Chanda Tahani** for all purposes.

Chanda Tahani

**AFFIDAVIT**

By virtue of an affidavit sworn before Executive Magistrate, Nayagarh, CF.NO-1/2, dated 14-11-2022 I, **PABANA LENKA**, S/o Late Matia Lenka permanent resident of Village At- Badagorada, PO- Sarankul, Dist- Nayagarh, State- Odisha, declare that I have changed my name from **PRANA NATH LENKA** (Old name) to **PABANA LENKA** (New name). Pabana Lenka & Prana Nath Lenka, S/o Late Matia Lenka is same & one person. Henceforth, I shall be known as **PABANA LENKA** for all future purposes.

Sd-( PABANA LENKA )



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025033, ଦି.21.08.2025ରିଖ

କାର୍ଯ୍ୟର ନାମ : ଭୁବନେଶ୍ୱର ଷ୍ଟେସନରେ ପ୍ଲାଟଫର୍ମର ସାମ୍ପ୍ରତିକ ବିସ୍ତାରୀକରଣ ଏବଂ ଦୁଇପାର୍ଶ୍ୱରେ କାର୍ଯ୍ୟ ସହିତ ଭିତ୍ତିଭୂମି ଉନ୍ନତିକରଣ, ଫୁଟ୍ ଓଭର ବ୍ରିଜ୍ (FOB)ର ନିର୍ମାଣ, ପ୍ଲାଟଫର୍ମ ନିର୍ମାଣ/ ଦୀର୍ଘିକରଣ, ଗୋଇଣ୍ଟ ସାଂକ୍ରମଣ ଉନ୍ନତି, ସଂକ୍ରମଣ ସ୍ଥାନାନ୍ତରଣ, ସାଂକ୍ରମଣ ... ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 4340.99 ଲକ୍ଷ, EMD : ₹ 23,20,500/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.23.09.2025ରିଖ 1200 ଘଣ୍ଟିକାରେ।

ଏହି ଇ-ଟେଣ୍ଡରରେ ଭାଗ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ବା ଫାର୍ମ (Firm)ର ... ଟେଣ୍ଡର ସମ୍ପର୍କିତ ବିସ୍ତୃତ ବିବରଣୀ ପାଇଁ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ : ...

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-90/CI/25-26



**AFFIDAVIT**

I, Mohsina Parveen, W/o Mohammed Gouse, At- Pardeshipada, Po- Bhawanipatna, Ps-Town Bhawanipatna, Dist- Kalahandi, Pin- 766001, State- Odisha, declare by this affidavit No- 1976, dated 30/08/2025 that now onwards I shall be known as Mohasina Parveen for all future purposes.

Sd- ( Mohasina Parveen )

**Notice (for Minor)**

By virtue of an affidavit sworn before The court of Executive Magistrate, Betnoti, Mayurbhanj, dated 01-08-2025 I, Biswanatha Hembram, AT- Gargadia (Dhadasahi), PO- Agria, PS- Baisinga, Dist- Mayurbhanj, PIN-757025 declare that I have changed the name,Date of birth, father's name, mother's name and address of my grand daughter from Chandini Sing, Date of Birth 04.04.2010, D/O (L) Kundu Sing and (L) Gita Sing At Baliapita, PO: Durgapur, PS: Baisinga, Betnoti Block, Mayurbhanj District to Sukanti Hembram, Date of Birth 21.03.2011, D/O (L). Kundu Hembram ( Father), (L) Geeta Hembram ( Mother) At Gargadia ( Dhadasahi), PO; Agria, PS: Baisinga. Dist. Mayurbhanj PIN 757025, Odisha. Henceforth, she shall be known as Sukanti Hembram for all purposes.

Biswanatha Hembram

**AFFIDAVIT**

I KILLAMSETTY SIVARANJANI, W/o KILLAMSETTY JAIDEV (K.JAIDEV) resident of MAIN Road, Near Indian Book Store, Po/PS- Jeypore, Dist-Koraput, Odisha -764001, Odisha declare by this Affidavit No.3580, Dated - 29/08/2025, that now onwards I shall be known as **K SIBARANJANI** for all future purpose.

**AFFIDAVIT**

I, Somaresh Samal, aged about 51 years, S/o- Dipti Prakash Samal, resident of At-Kapaleswar, PO-Choudwar, Dist-Cuttack, Pin- 754071, Odisha declared by this affidavit No. 1784, dtd-01/09/2025 that now onwards I shall be known as **SAMARESH SAMAL** for all future purposes.

**AFFIDAVIT**

I, Vasudha, aged about 40 years, W/o- Sumit Mittal, resident of At- QTR NO- ME 101, Vedanta Meadows, Jharsuguda, Pin-768201, Odisha declare by this affidavit No. 07, dtd- 30/06/2025, that now onwards I shall be known as **VASUDHA SINGHAL** for all future purposes.

**AFFIDAVIT**

By virtue of an affidavit No. 7599 sworn before the Executive Magistrate, Jajpur, dated- 05/08/2025. I, **Shaikh Mustaque Ali**, S/o- Shaik Ahmed Ali, resident of Vill/Po- Adangapurus-ottampur, Ps- Jajpur Sadar, Dist- Jajpur, Odisha, Pin-755007, I have changed my name from **Shaikh Mustaque Ali** (Old name) to **Shaik Mustaque Ali** (New name) for all future purposes.



L-60

**DIRECTORATE OF AGRICULTURE & FOOD PRODUCTION, ODISHA**

**REQUEST FOR PROPOSAL**

**"Selection of Agency for the role of Programme Secretariat for the state sector scheme "Revival and Sustainable Intensification of Forgotten Food & Neglected crops in Odisha" under the Administrative Control of Director of Agril & FP (Odisha).**

**RFP No 29523 Dated 30.08.2025** : The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha invites proposal through e-procurement mode from the interested bidders "Selection of Agency for the role of Programme Secretariat for the state sector scheme "Revival and Sustainable Intensification of Forgotten Food & Neglected crops in Odisha" under the Administrative Control of Director of Agril & FP (Odisha).

The RFP document is available and can be downloaded from the **tendersodisha.gov.in.** from 02.09.2025. Last date for submission of proposals through e-procurement portal is 24.09.2025 at 17.00 hrs. (IST). Further updates on this tender will be available on this website only.

The proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/all proposals without assigning any reason thereof.

Sd/-
Director of Agriculture & Food Production, Odisha

PT2-DAFP-RTI-SG-0002-2024
OIPR-01102/11/0030/2526

## ସରକାରୀ ମାର୍ଗଦର୍ଶିକାକୁ ଅଣଦେଖା

# ପଞ୍ଚାୟତ ସୁବିଧା କେନ୍ଦ୍ର କାମ ନିମ୍ନମାନର ଅଭିଯୋଗ

ରାଜକନିକା, ୩୧୯ (ସମିସ):



ପଞ୍ଚାୟତ ଅଫିସ୍‌କୁ ବିଭିନ୍ନ କାମରେ ଆସୁଥିବା ଲୋକଙ୍କ ସୁବିଧା ପାଇଁ ସୁବିଧା କେନ୍ଦ୍ର ନିର୍ମାଣ ସରକାର ପ୍ରତି ପଞ୍ଚାୟତକୁ ୧୦ ଲକ୍ଷ ଟଙ୍କାର ଅନୁଦାନ ଦେଇ କାର୍ଯ୍ୟର ମାର୍ଗଦର୍ଶିକା ଜାରି କରିଛନ୍ତି। ତେବେ ରାଜକନିକା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ନିର୍ମାଣ ହୋଇଥିବା ପଞ୍ଚାୟତ ଫାସିଲିଟ୍ ସେଣ୍ଟର ବା ସୁବିଧା କେନ୍ଦ୍ର ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସୁବିଧା କେନ୍ଦ୍ର ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି।

ସରକାରୀ ମାର୍ଗଦର୍ଶିକା ଅନୁଯାୟୀ ସୁବିଧା କେନ୍ଦ୍ରରେ କଂକ୍ରିଟ ପିଲାର ଦେଇ ଛାତ ପଡ଼ିବା, ତଳେ ଟାଇଲ ବିଛାଯିବା, ଉନ୍ନତମାନର ପାଇଖାନା, ପାନୀୟଜଳ ପାଇଁ ଆକ୍ୱାଗାର୍ଡ ଲଗାଯିବା କଥା। ମାତ୍ର ଏହି ବ୍ଲକର ସମସ୍ତ ପଞ୍ଚାୟତରେ ଏହା କରା ନ ଯାଇ ଲୁହା ରଡ୍ ଉପରେ କେଇଖଣ୍ଡ ଆଜବେଷ୍ଟସ ପକାଇ ୧୦ ଲକ୍ଷ ବିଲ ହୋଇଥିବା ଜଣାପଡ଼ିଛି। କିଛିଦିନ ପୂର୍ବରୁ ତ୍ରୈଲୋକ୍ୟପୁର ପଞ୍ଚାୟତ ପରିସରରେ ଏଭଳି ଲୁହା ରଡ୍ ପକାଇ ରାତିରେ ପଞ୍ଚାୟତ ପରିସରରେ ଥିବା ଏକ ଟ୍ରାନ୍ସଫର୍ମର ହଟାଇ ତରବରିଆ ଭାବେ କାମ ହେଉଥିବାକୁ ବିରୋଧ ହୋଇଥିଲା। ଏତେ ସବୁ ବିରୋଧ ସତ୍ତ୍ୱେ ଏହି ପଞ୍ଚାୟତ ଫେସିଲିଟି ସେଣ୍ଟରକୁ ସେହିଭଳି କୁକୁଡ଼ା ଭାଡି ଢାଞ୍ଚାରେ କରି ଖୋଦ ଜେଇଙ୍କ ନାମରେ ଥିବା ଏହି କାମକୁ ଆଜି ୧୦ ଲକ୍ଷ ଟଙ୍କାରେ ବିଲ ପ୍ରସ୍ତୁତ ହେଉଥିବା ଅନୁସନ୍ଧାନରୁ ଜଣାପଡିଛି। ଏ ସମ୍ପର୍କରେ ଆଜି ସମ୍ପୃକ୍ତ ଜେଇଙ୍କୁ ବ୍ଲକ୍‌ରେ ଖୋଜି ନ ପାଇବା ଓ ତାଙ୍କୁ ଫୋନ କଲେ ସେ ନ ଉଠାଇବାରୁ ବିଡିଓଙ୍କୁ ଜଣାଇବାରୁ ସେ ଏ ନେଇ ଜେଇଙ୍କ ସହ କଥା ହେବେ ବୋଲି କହିଥିଲେ। ବିଲ୍ ପ୍ରସ୍ତୁତ ହୋଇ ପେମେଣ୍ଟ ହେବାକୁ ଆଉ କେଇ ଘଣ୍ଟା ବାକି ଥିବାବେଳେ ବ୍ଲକ ପ୍ରଶାସନ ସବୁ ଜାଣି ଅର୍ଥ ଲୁଟ ପାଇଁ ଉଦ୍ୟମ କରିବା ଘଟଣାରେ ପୂର୍ବତନ ସରପଞ୍ଚ ପଙ୍କଜ ଦାସ ଏହି କାମର ତଦନ୍ତ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବେ ବୋଲି କହିଛନ୍ତି।

**● ତଦନ୍ତ ହେଲେ ସତ ପଦାକୁ ଆସିବ**

୨୦୨୦ ସେପ୍ଟେମ୍ବର ୧୪ ତାରିଖରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରକାଶିତ ତଥ୍ୟ ଅନୁସାରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ପଞ୍ଚାୟତ ଫାସିଲିଟ୍ ସେଣ୍ଟର ନିର୍ମାଣ ହେବ ବୋଲି ଉଲ୍ଲେଖ ରହିଥିଲା। ଏହି ଗୃହ ନିର୍ମାଣରେ କଂକ୍ରିଟ ପିଲାର, ପକ୍କା ଛାତ ସହିତ ଅନ୍ୟାନ୍ୟ ଆବଶ୍ୟକତା ଦିଗ ପ୍ରତି ବିଶେଷ ଧ୍ୟାନ ଦେବାକୁ ମାର୍ଗଦର୍ଶିକାରେ ଉଲ୍ଲେଖ ରହିଛି। ବିଶେଷ ଭାବେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୬୯୮.୨୫ ସ୍କୋୟାର ଫୁଟ୍ ଭିତରେ ଏହି ଗୃହ ନିର୍ମାଣର ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ ଏହାର ବ୍ୟତିକ୍ରମ ପ୍ରାୟତଃ ପରିଲକ୍ଷିତ ହୋଇଛି। ବ୍ଲକ୍‌ର ୧୫ରୁ ଅଧିକ ପଞ୍ଚାୟତରେ ଇତିମଧ୍ୟରେ ଫାସିଲିଟି ସେଟର ନିର୍ମାଣ ଶେଷ ହୋଇଛି। ଏଥିପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ବି ହୋଇଛି। ଏସବୁ ଗୃହରେ ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀ ଲୁହା ରଡ୍, ଆଜବେଷ୍ଟସ ଯୋଗାଇ ବିଲ କରାଇବାରେ ମାତିଛନ୍ତି। ବ୍ଲକର ଜେଇ, ଏଇ ଓ ଅନ୍ୟ ସମସ୍ତ କର୍ମଚାରୀଙ୍କ ସଲାସୁତୁରା ଓ ଭାଗବଣ୍ଟାରେ ଫେସିଲିଟି ସେଣ୍ଟର କୁକୁଡ଼ା ଭାଡ଼ି ହୋଇ ମାତ୍ର ଦେଢ଼ ଲକ୍ଷ ଟଙ୍କା ଖର୍ଚ୍ଚ କରି ଦଶ ଲକ୍ଷ ଲୁଟ ହେଉଥିବାରୁ ନୂଆ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏଥିସହିତ ଅତ୍ୟନ୍ତ ନିମ୍ନମାନର କାମ ହୋଇଥିବାବେଳେ ପାନୀୟଜଳ କି ପାଇଖାନାର ବ୍ୟବସ୍ଥା ନ ହେବା ଓ ପୁରୁଣା ପଡ଼ିଥିବା ଟାଇଲ ଉପରେ ଲୁହା ପାଇପର ପିଲାର ଦେଇ ଟିଣ ଚାଦର ପକାଇ ୧୦ ଲକ୍ଷ ଲୁଟକୁ ଅଟକାଇ ଏହି କାମର ତଦନ୍ତ କରିବାକୁ ଅଭିଯୋଗ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ବ୍ଲକ୍‌ର ଯେଉଁ ସ୍ଥାନରେ ଏହି ଫାସିଲିଟି ସେଣ୍ଟର ହୋଇଛି, ସବୁଠି ସମାନ କାମ ହୋଇଥିବାରୁ ଜଣେ କେହି ବ୍ୟକ୍ତି ସେତେବେଳେ ନିର୍ମାଣ କରିଥିବାର ଜଳ ଜଳ ଦିଶୁଛି। ଏହାର ନିରପେକ୍ଷ ତଦନ୍ତ କରାଗଲେ, ତେବେ ଅସଲ କଥା ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବାର୍‌ହା ଆକ୍ରମଣରେ ଆହତକୁ ଭେଟିଲେ ପୂର୍ବତନ ମନ୍ତ୍ରୀ

**ମହାକାଳପଡ଼ା,୩୧୯ (ସମିସ):** ମହାକାଳପଡ଼ା ବ୍ଲକ୍ ବରକନ୍ଧା ପଞ୍ଚାୟତ ତେନ୍ତୁଳିକନ୍ଧା ଗ୍ରାମରେ ବାର୍‌ହା ଆକ୍ରମଣରେ ଆହତ ଯୁବକଙ୍କୁ ମେଡିକାଲରେ ଭେଟିଛନ୍ତି ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ।



ତେନ୍ତୁଳିକନ୍ଧା ଗ୍ରାମର ଯୁବକ ଅବିନାଶ ରାଉତ ଗତ ମାସ ୨୬ ତାରିଖ ଅପରାହ୍ନରେ ଗ୍ରାମ ନିକଟ ନଦୀ ଯୋରରେ ଜାଲ ପକାଇ ମାଛ ଧରୁଥିବା ସମୟରେ ବାର୍‌ହା ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ଗ୍ରାମର ଲୋକେ ଉଦ୍ଧାର କରି ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲ ନିଆଯାଇଥିଲା। ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହି ଡାକ୍ତରଖାନାରେ ତାଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହିତ ଚିକିତ୍ସା ସମ୍ପର୍କରେ ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ।

## ଅଳପୁଆରେ ମନ୍ କି ବାତ୍ କାର୍ଯ୍ୟକ୍ରମ



**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୩୧୯ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଅଞ୍ଚଳର ଅଳପୁଆ ପଞ୍ଚାୟତରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ୧୫ନଂ ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରାହ୍ମଣୀ ମଣ୍ଡଳ ଉପସଭାପତି କିଶୋର ରାଉତ, ଅଳପୁଆ ପଞ୍ଚାୟତ ସଭାପତି ବ୍ରଜବିହାରୀ ଧଳ, ବିଜେପି ବରିଷ୍ଠ ନେତା ବସନ୍ତ ରାଉତ, ବବ୍ରୁବାହାନ ଧଳ, ନିରାକାର ବିଶ୍ୱାଳ, ବନବିହାରୀ ଦାଶ, ଗଗନ ଧଳ, ପରମାନନ୍ଦ ସାମଲ, କିଶୋର ବିହାରୀ, ପ୍ରତାପ ତରାଇ, ରାଜକିଶୋର ବିଶ୍ୱାଳ, ଆଲୋକ ଧଳ, ରାଜେନ୍ଦ୍ର ନାଥଶର୍ମା, ନିମାଇଁ ସେଠୀ, ଅମିନ ସାହୁ, ପ୍ରଭାକର ସେଠୀ, ଶ୍ରୀଧର ସାହୁ, ଅବିନାଶ ଧଳଙ୍କ ସମେତ ପଞ୍ଚାୟତସ୍ତରୀୟ ଓ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବହୁଚର୍ଚ୍ଚିତ ମନ କି ବାତ ୧୨୫ତମ ଅଧ୍ୟାୟ ଦେଖିବା ସହିତ ବିଭିନ୍ନ ଦିଗ ବିଷୟରେ ଆଲୋଚନା କରାଯାଇଥିଲା।

## ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ

**ରାଜନଗର,୩୧୯ (ସମିସ):** ଓଡ଼ିଶା ଡ୍ରାଇଭର ମହାସଂଘ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ସଂଘ ପକ୍ଷରୁ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳନ କରାଯାଇଛି। ଏ ଅବସରରେ ସଂଘର କର୍ମକର୍ତ୍ତା ସକାଳୁ ମେଡ଼ିକାଲରେ ପହଞ୍ଚି ରୋଗୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ। ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ



ଦେବାରେ ଉଲ୍ଲେଖନୀୟ କର୍ତ୍ତବ୍ୟ କରିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ରଶ୍ମିରଞ୍ଜନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ଡ୍ରାଇଭର ମହାସଂଘର ବ୍ଲକ୍ କମିଟି ସଦସ୍ୟ କାହ୍ନୁଚରଣ ସାହୁ, ଅନିରୁଦ୍ଧ ମଲିକ, ଦିଲ୍ଲୀପ କୁମାର ସାହୁ, ଭାରତ ଚଣ୍ଡ, ରୋହିତ ସେଠୀ, ଫଗୁଚରଣ ସ୍ୱାଇଁ, ଗଣେଶ୍ୱର ଦାସ୍, ଜଗନ୍ନାଥ ମଲିକ, ଗୋଲେଖ ମଲିକ, କେଦାର ପ୍ରଧାନ, କୈବଲ୍ୟ ମଲ୍ଲିକ, ଦୀପ୍ତିକାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ମଞ୍ଚ କଳାକାରଙ୍କ ପରଲୋକ



**ଡେରାବିଶ,୩୧୯ (ସମିସ):** ଡେରାବିଶ ବ୍ଲକ୍ ଅନ୍ତର୍ଗତ ନରସିଂହପୁର ଗ୍ରାମର ମଞ୍ଚ କଳାକାର କୁନା ନାୟକଙ୍କ ପରଲୋକ ହୋଇଯାଇଛି। ସେ ଗ୍ରାମରେ ହେଉଥିବା ରାମାୟଣ ଗାଥା ଅଭିନୟରେ ରାବଣ ଭୂମିକାରେ ଅଭିନୟ କରୁଥିଲେ। ତାଙ୍କର ନିଖୁଣ ଅଭିନୟ ପାଇଁ ବହୁ ସଂସ୍ଥା ପକ୍ଷରୁ ସେ ପୁରସ୍କୃତ ହୋଇଥିଲେ। ଗତ କିଛିଦିନ ହେବ ଅସୁସ୍ଥ ହେବା କାରଣରୁ ଶଯ୍ୟାଶାୟୀ ଥିଲେ। ଗ୍ରାମ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ହୋଇଥିଲା। ପୁଅ ବିଭୁଦେନ୍ଦୁ ମୁଖାଗ୍ନି ଦେଇଥିଲେ। ଗ୍ରାମର ବହୁ ବ୍ୟକ୍ତିଙ୍କ ସମେତ ତାଙ୍କର ଶୁଭେଚ୍ଛୁ ଉପସ୍ଥିତ ଥିଲେ।

## ପଟ୍ଟାମୁଣ୍ଡାଇ କଲେଜରେ ଶୋକସଭା



ପଟ୍ଟାମୁଣ୍ଡାଇ,୩୧୯ (ସମିସ): ପଟ୍ଟାମୁଣ୍ଡାଇ କଲେଜର ପ୍ରାକ୍ତନ ବରିଷ୍ଠ କିରାଣି ସର୍ବେଶ୍ୱର ପରିଡାଙ୍କ ପରଲୋକରେ କଲେଜ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ କ୍ୟାପଟେନ ମନୋଜ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପ୍ରାଧ୍ୟାପକ ସର୍ବେଶ୍ୱର ସାହୁ, ଡଃ ରମେଶ ସାହୁ, ଡ. ସୁନୀଲ ପ୍ରଧାନ, ଡ. ବୈକୁଣ୍ଠ ରାଉଳ, ପ୍ରମୋଦ ସ୍ୱାଇଁ, ଅମୀୟ ଦାସ, ଅଧ୍ୟାପକ ଶ୍ରୀମନ୍ତ ଜେନା, ରଞ୍ଜନ ଗାହାଣ, ସରୋଜିନୀ ମିଶ୍ର, ପ୍ରଦ୍ୟୁମ୍ନ ପ୍ରଧାନ, ସୁଭାଶିଷ ମିଶ୍ର, ସରୋଜ ନାୟକ, ମୁଖ୍ୟ କିରାଣି ପ୍ରମୋଦ ପରିଡା, ଗୋକୁଳ ଦାଶ, ବାବୁରାମ ବାରିକ, ବିଶ୍ୱଜିତ ଭଦ୍ର ପ୍ରମୁଖ ବହୁ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଯୋଗ ଦେଇ ଦିବଂଗତ ସର୍ବେଶ୍ୱର ପରିଡ଼ାଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ତାଙ୍କ ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

## କୃଷି କାର୍ଯ୍ୟାଳୟରେ ଲହଡ଼ି ଭାଙ୍ଗୁଛି ବର୍ଷାପାଣି

ରାଜନଗର,୩୧୯ (ସମିସ): ରାଜନଗର କୃଷି କାର୍ଯ୍ୟାଳୟ ମଧ୍ୟରେ ବର୍ଷାପାଣି ଲହଡ଼ିଭାଙ୍ଗୁଛି। କାର୍ଯ୍ୟାଳୟର ଗ୍ରାଉଣ୍ଡଫ୍ଲୋରର ସମସ୍ତ କୋଠରୀରେ ବର୍ଷାପାଣି ଲହଡ଼ି ଭାଙ୍ଗୁଥିବାରୁ ଅଫିସ କାମ ଏକପ୍ରକାର ଠପ୍ ହୋଇଯାଇଛି। ବର୍ଷାପାଣି ସହିତ କାର୍ଯ୍ୟାଳୟ ମଧ୍ୟକୁ ସାପ ପ୍ରବେଶ କରିବାରୁ ଏକ ପ୍ରକାର ଆତଙ୍କ ସୃଷ୍ଟି ହୋଇଥିଲା। କାର୍ଯ୍ୟାଳୟରେ ଥିବା ବିଭିନ୍ନ ଆସବାବପତ୍ର ବର୍ଷାପାଣିରେ ଓଦା ହୋଇଥିବା ଜଣାପଡ଼ିଛି।

## ■ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ମାସିକ ଭଡ଼ାଗାଡ଼ି ଟେଣ୍ଡରରୁ ରାଜକନିକା ବାଦ୍

# ସମ୍ପର୍କୀୟଙ୍କୁ ଦୈନିକ ଭଡ଼ା ଦେଇ କର୍ମଚାରୀ ମାଲେମାଲ

ରାଜକନିକା, ୩୧୯ (ସମିସ): ସାରା ଜିଲ୍ଲା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବ୍ୟକ୍ତିଗତ ମାଲିକ ବା ଅନୁଷ୍ଠାନ ସେମାନଙ୍କର ଘରୋଇ ଚାରିଚକିଆ ଗାଡ଼ି ଜିଲ୍ଲାର ପ୍ରତି ବ୍ଲକ୍‌ରେ ଥିବା ମେଡିକାଲରେ ଲଗାଇବାକୁ ଟେଣ୍ଡର ଆହ୍ୱାନ ହୋଇଥିବାବେଳେ ଏହି ତାଲିକାରୁ ରାଜକନିକା ଓ ଆଳି ବ୍ଲକ୍ ବାଦ୍ ପଡିଛି। ଏହି ଦୁଇ ବ୍ଲକ୍ ଟେଣ୍ଡରରୁ ବାଦ ପଡ଼ିବା ମୂଳରେ ଯେଉଁ ମୂଳ ରହସ୍ୟ ରହିଛି, ତାହା ଅତ୍ୟନ୍ତ ସନ୍ଦେହଜନକ ସାବ୍ୟସ୍ତ ହୋଇଛି। ବ୍ୟକ୍ତିଗତ ସମ୍ପର୍କରେ ଦୈନିକ ଭଡ଼ା ଦେଇ କର୍ମଚାରୀ ମାଲେମାଲ ହେଉଥିବା ଅଭିଯୋଗ ହୋଇଛି।

ନିୟମ ମୁତାବକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଅଧୀନରେ ଥିବା ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ୟବହାର ପାଇଁ ବୋଲେରୋ, ବୋଲେରୋ (ନିଓ), ସ୍କର୍ପିଓ ଓ ଏର୍ଟିଗା ଆଦି ଗାଡ଼ି ମାଲିକ ସେମାନଙ୍କ ଗାଡ଼ିକୁ ମାସିକ ଭଡ଼ାରେ ଲଗାଇବାକୁ ଟେଣ୍ଡର କରାଯାଇଥିବାବେଳେ ଏହି ପ୍ରକ୍ରିୟାରେ ରାଜକନିକା ଓ ଆଳି ଉଭୟ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବାଦ ଦିଆଯିବା ଘଟଣା ନାନା ସନ୍ଦେହ ଆଣିଛି। ଏହି ଦୁଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ବିପିଏମ ନିଜ ମନମାନୀରେ ତାଙ୍କର ସମ୍ପର୍କୀୟଙ୍କୁ ଦୈନିକ ଭଡ଼ା ସୂତ୍ରରେ ଗାଡ଼ି ଲଗାଇ ଚାଲିଛନ୍ତି। ନିଜର ଖାତିର କମିବା ହେଉ କିମ୍ବା ଦୈନିକ ଭିତ୍ତିରେ ଗାଡ଼ି ଲଗାଇଥିବା ମାଲିକଙ୍କ ଦ୍ୱାରା ଆପ୍ୟାୟିତ ହୋଇ ରାଜକନିକା ବିପିଏମ ଏଭଳି ମନମାନୀ କରିବା ସମ୍ପର୍କରେ ମେଡିକାଲ ଅଫିସରଙ୍କୁ ଜଣାଇବାରୁ ସେ ଦୁଇ ତିନି ମଧ୍ୟରେ ଟେଣ୍ଡର ପାଇଁ ସୁପାରିଶ କରିବେ ବୋଲି କହିଛନ୍ତି। ସରକାରୀ ବ୍ୟବସ୍ଥାର ଗଳା ବାଟ ଦେଇ ନିଜ ଫାଇଦା ଲୁଟୁଥିବା କେତେକ ଅସାଧୁ କର୍ମଚାରୀଙ୍କ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବଦନାମ ହେଉଥିବାରୁ ତୁରନ୍ତ ରାଜକନିକା ମେଡିକାଲର ବ୍ୟବହାର ପାଇଁ ଲଗାଯାଉଥିବା ଗାଡ଼ି ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ସ୍ୱଚ୍ଛତାର ସହ କରିବାକୁ ଦାବି ହୋଇଛି।

## ମାନବିକ ଅଧିକାର ପରିଷଦ ପକ୍ଷରୁ ସଚେତନତା ସଭା



**ପଟ୍ଟାମୁଣ୍ଡାଇ,୩୧୯ (ସମିସ):** ସଂପ୍ରତି ସାରା ରାଜ୍ୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ଦେଖାଦେଇଛି। ଏଭଳି ହୀନ ମାନସିକତା ବିରୋଧରେ ଜନସଚେତନତା ସୃଷ୍ଟି କରିବା ପାଇଁ ରାଜ୍ୟ ମାନବିକ ଅଧିକାର ପରିଷଦ ପକ୍ଷରୁ ପଟ୍ଟାମୁଣ୍ଡାଇ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ "ଆତ୍ମହତ୍ୟା ସମସ୍ୟାର ସମାଧାନ ନୁହେଁ" ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ପ୍ରତାପ ପାଢ଼ୀଙ୍କ ପୌରୋହିତ୍ୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ମୁଖ୍ୟଅତିଥି, ରାଜ୍ୟ ମାନବିକ ଅଧିକାର ପରିଷଦ ସଭାପତି ସସ୍ମିତା ଦାସ ମୁଖ୍ୟବକ୍ତା, କାର୍ଯ୍ୟକାରୀ ସଭାପତି ଶିବସୁନ୍ଦର ସ୍ୱାଇଁ, ସମ୍ପାଦକ ନାରାୟଣ ବିଶ୍ୱାଳ, ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ କ୍ୟାପଟେନ ମନୋଜ ପରିଡ଼ା, ଆଇସିସି ଅଧ୍ୟକ୍ଷା ପ୍ରଧାପିକା ଡଃ ଅଞ୍ଜଳି ଦାଶ ଓ ଶକ୍ତିଶ୍ରୀ ସଶକ୍ତିକରଣ ସେଲ ସଂଯୋଜିକା ଅଧ୍ୟାପିକା ରଶ୍ମିତା ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଅସୀମ ସାହସ ଓ ଧୈର୍ଯ୍ୟର ସହିତ ସମସ୍ତ କଠିନ ପରିସ୍ଥିତିକୁ ସାମନା କରିବା ସହିତ ଆତ୍ମହତ୍ୟା ଭଳି ହୀନ ମାନସିକତାରୁ ଦୂରେଇ ରହି ସୁସ୍ଥ ସମାଜ ଗଠନରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟା ଭଳି ନିଷ୍ପତ୍ତିରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପଟ୍ଟାମୁଣ୍ଡାଇ କଲେଜ ପ୍ରାଧ୍ୟାପକ ଡଃ ସୁନୀଲ ପ୍ରଧାନ, ଡ. ରମେଶ ସାହୁ, ଅମୀୟ ଦାସ, ପ୍ରମୋଦ ସ୍ୱାଇଁ, ବୈକୁଣ୍ଠ ରାଉଳ ପରିଚାଳନା କରିଥିବାବେଳେ ଅଧାପକ ଜିତେନ୍ଦ୍ର ମଲ୍ଲିକ, ପୃଥିବୀରାଜ ବିଶ୍ୱାଳ, ସରୋଜକାନ୍ତ ନାୟକ, ସରୋଜିନୀ ମିଶ୍ର, ଭରତ ଭୂଷଣ ସାହୁ, ରଞ୍ଜନ ବେହେରା, ଶୁଭାଶିଷ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଶିକ୍ଷାବିତ୍ ମହେଶ୍ୱର ସେଠୀଙ୍କ ପରଲୋକ

**ରାଜନଗର,୩୧୯ (ସମିସ):** ଶିକ୍ଷାବିତ୍ ତଥା ସାହିତ୍ୟ ସଂଗଠକ ମହେଶ୍ୱର ସେଠୀଙ୍କ (୮୬) କଟକର ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ସେଠୀ ଓସ୍ତିଆ ପଞ୍ଚାୟତ ଅନ୍ତର୍ଗତ ବାଲିକଣାରେ ଜନ୍ମ ଗ୍ରହଣ କରିଥିବାବେଳେ ରାଜନଗର ଉଚ୍ଚବିଦ୍ୟାଳୟରେ ଶିକ୍ଷକ ଜୀବନ ଆରମ୍ଭ ସେହି ବିଦ୍ୟାଳୟରେ ହିଁ ଅବସର ଗ୍ରହଣ କରିଥିଲେ। ଜଣେ ଧୀଶକ୍ତି



ସମ୍ପନ୍ନ ବ୍ୟକ୍ତିତ୍ୱ ସହ ସାହିତ୍ୟ ଅନୁରାଗୀ ଭାବେ ବିଭିନ୍ନ ସାହିତ୍ୟ ସଂଗଠନ ସହ ଜଡ଼ିତ ଥିଲେ। ତାଙ୍କ ପରଲୋକରେ ବରିଷ୍ଠ ପତ୍ରକାର ଭାସ୍କର ଚନ୍ଦ୍ର ରାଉତରାୟ, ଗାଳ୍ପିକ ପ୍ରଦୀପ ନାୟକ, କବି ଅଭିରାମ ସାହୁ, ଓସ୍ତିଆ ବନ୍ଧପାଟଣା ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସେଠୀ, କବି ଭବାନୀ ପ୍ରସାଦ ମହାପାତ୍ର, କବି ଶତ୍ରୁଘ୍ନ ତରାଇ, ଉତ୍ତମ କୁମାର ବିଶ୍ୱାଳ ଓ ଶିକ୍ଷକ ନେତା ହେମନ୍ତ ବାରିକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ବଡ଼ପୁଅ ମନୋଜ ମୁଖାଗ୍ନି ଦେଇଥିବାବେଳେ ମାଧ୍ୟମ ପୁତ୍ର ମିହିର, ସାନପୁଅ ମଳୟ ଓ ସମସ୍ତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ଡିଖିରୀ ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ

**ମହାକାଳପଡ଼ା,୩୧୯ (ସମିସ):** ମହାକାଳପଡ଼ା ବ୍ଲକ ଡିଖିରୀ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାକାଳପଡ଼ା ବିଡିଓ ସୌମ୍ୟଶ୍ରୀ ପ୍ରିୟଦର୍ଶୀ ଯୋଗଦେଇ ଲୋକଙ୍କ ଅଭିଯୋଗ ଗ୍ରହଣ କରିବା ସହିତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୧୨ଟି ଅଭିଯୋଗ ଆସିଥିବାବେଳେ ଏଥିରେ ୧୧୧ଟି ବ୍ୟକ୍ତିଗତ ଓ ଗୋଟିଏ ସାମୂହିକ ଅଭିଯୋଗ ଥିଲା। ୧୧୧ଟି ଅଭିଯୋଗର ଶୁଣାଣି କରାଯାଇଥିବା ନେଇ ବିଡିଓ ସୂଚନା ଦେଇଛନ୍ତି। ପ୍ରାୟ ସମସ୍ତ ଅଭିଯୋଗ ରାସନ କାର୍ଡ, ଆବାସ ଯୋଜନା ଓ ଭତ୍ତା ସମ୍ପର୍କିତ ଥିଲା।

## ନରସିଂହପୁର ଓ ଦକ୍ଷବ୍ରହ୍ମପୁରରେ ଭାଲୁକୁଣୀ ମେଳଣ

**ଡେରାବିଶ, ୩୧୯ (ସମିସ):** ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଓ ଦକ୍ଷବ୍ରହ୍ମପୁରରେ ଆଜି ଭାଲୁକୁଣୀ ମେଳଣ ସମ୍ପନ୍ନ ହୋଇଛି। ନରସିଂହପୁରରେ ଆଜି ପୂର୍ବାହ୍ନ ୧୦ ଘଟିକାରେ ଗାଦିଶ୍ୱର ମେଢ଼ ମେଳଣ ପଡ଼ିଆରେ ଉପବେଶନ କରିଥିଲେ। ପରେ ଆଖପାଖ ଗ୍ରାମରୁ ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ମେଢ଼ ମେଳଣ ପଡ଼ିଆକୁ ବାଜା ବାଣ ଓ ରୋଷଣୀରେ ପ୍ରବେଶ କରି ନିଜ ନିଜ ସ୍ଥାନରେ ଉପବେଶନ କରିଥିଲେ। ମେଢ଼ ସମ୍ମୁଖରେ ନରସିଂହପୁର ମେଳଣ କମିଟି



ପକ୍ଷରୁ ଭୋଗଲାଗି କରାଯିବା ପରେ ନିଜ ନିଜ ଗ୍ରାମକୁ ଫେରିଯାଇ ବିଭିନ୍ନ ଜଳାଶୟରେ ବିସର୍ଜିତ ହୋଇଥିଲେ। ସେହିପରି ଦକ୍ଷବ୍ରହ୍ମପୁର ଗ୍ରାମରେ ଅନୁଷ୍ଠିତ ମେଳଣରେ ମଧ୍ୟ ୫୦ରୁ ଊର୍ଦ୍ଧ୍ୱ ମେଢ଼ ରୋଷଣୀ କରି ପଡ଼ିଆକୁ ପ୍ରବେଶ କରିଥିଲେ। ମେଳଣ କମିଟି ପକ୍ଷରୁ ସମସ୍ତ ମେଢ଼ ସମ୍ମୁଖରେ ଭୋଗଲାଗି କରାଯାଇଥିଲା। ଉପରୋକ୍ତ ମେଳଣ ଦୁଇଟିରେ ପ୍ରବଳ ଜନଗହଳି ହୋଇଥିଲା।

## ■ ବାର୍ଡ ଫ୍ଲୁ ଆଶଙ୍କା

## ଭିତରକନିକା ମଠଆଡ଼ିଆରୁ ଦେଶୀୟ ପକ୍ଷୀଙ୍କ ମଳ ସଂଗ୍ରହ

**ରାଜନଗର, ୩୧୯ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଭିତରକନିକା ଜାତୀୟ ଉଦ୍ୟାନ ଥିବାରୁ ବାର୍ଡ ଫ୍ଲୁ ଆଶଙ୍କା କରି ଆଜି ପଶୁ ଚିକିତ୍ସା ବିଭାଗ ପକ୍ଷରୁ ମଳ ଓ ପାଣି ନମୁନା ସଂଗ୍ରହ କରାଯାଇଛି। ଭିତରକନିକାର ମଠଆଡ଼ିଆ, ଦୁର୍ଗାପ୍ରସାଦଡ଼ିଆ, ଲକ୍ଷ୍ମୀପ୍ରସାଦଡ଼ିଆରେ ଲକ୍ଷାଧିକ ଦେଶୀୟ ପକ୍ଷୀ ଭିଡ଼ ଜମାଇଛନ୍ତି। ଏହି ୩ଟି ସ୍ଥାନ ବ୍ୟତୀତ ଭିତରକନିକା ଚତୁଃପାର୍ଶ୍ୱରେ ଥିବା ଗାଁମାନଙ୍କରେ ଶହ ଶହ ସଂଖ୍ୟାରେ ପକ୍ଷୀଙ୍କୁ ଦେଖିବାକୁ ମିଳୁଛି। ସବୁଠି ଦେଶୀୟ ପକ୍ଷୀ ଭିଡ଼ ଜମାଇଥିବାବେଳେ ବାର୍ଡ ଫ୍ଲୁ ଆଶଙ୍କା କରି ସତର୍କତା ପାଇଁ ଆଜି ରାଜନଗର ପଶୁ ଚିକିତ୍ସା ବିଭାଗ ପକ୍ଷରୁ ମଳ ଓ ପାଣି ନମୁନା ସଂଗ୍ରହ କରାଯାଇଛି। ରାଜନଗର ପଶୁ ଚିକିତ୍ସା ବିଭାଗ ଡା. ପ୍ରକାଶ ଚନ୍ଦ୍ର ଜେନାଙ୍କ



ସହ ଲାଇଭଷ୍ଟକ ଇନ୍ସପେକ୍ଟର ନିର୍ମଳ ମଲ୍ଲିକ ଭିତରକନିକାରେ ପହଞ୍ଚିଥିଲେ। ଭିତରକନିକାର ମଠଆଡ଼ିଆରେ ହଜାର ହଜାର ସଂଖ୍ୟାରେ ଦେଶୀୟ ପକ୍ଷୀ ଭିଡ଼ ଜମାଇଥିବାରୁ ସେଠାରୁ ପାଣି, ପତ୍ର, ପର ଓ ମଳ ସାମ୍ପୁଲ ସଂଗ୍ରହ ହୋଇଛି। ୨୦ଟି ମଳ ଓ ୧୦ଟି ପକ୍ଷୀଙ୍କ ପର ଓ ପାଣି ନମୁନା ସଂଗ୍ରହ କରାଯାଇଛି। ଏହାକୁ ପରୀକ୍ଷା ପାଇଁ ଫୁଲନଖରାସ୍ଥ ପ୍ରାଣୀ ଗବେଷଣା କେନ୍ଦ୍ରକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ଦେଶୀୟ ପକ୍ଷୀଙ୍କୁ ବାର୍ଡ ଫ୍ଲୁ ସଂକ୍ରମଣ କରିଛି କି ନାଁ ଜଣାପଡିବ ବୋଲି ବ୍ଲକ ପଶୁ ଚିକିତ୍ସା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ନଭେମ୍ବର ୧୪ରୁ ସାରଳା ଦାସଙ୍କ ସ୍ମୃତିରେ ଜାତୀୟ ସାହିତ୍ୟ ଉତ୍ସବ 'ବାଣୀପର୍ବ'

ଜଗତସିଂହପୁର,୩୧୯ (ସମିସ):



ନୂଆଦିଲ୍ଲୀସ୍ଥ ପ୍ରବାସୀ ଓଡ଼ିଆ ବୁଦ୍ଧିଜୀବୀ ସଂଗଠନ "ଦି ଇଣ୍ଟେଲେକ୍ଟସ' ଆନୁକୂଲ୍ୟରେ ଓଡ଼ିଶାର ବହୁ ଖ୍ୟାତି ସମ୍ପନ୍ନ ସାହିତ୍ୟ ଅନୁଷ୍ଠାନ ସହଯୋଗରେ ଆଦିକବି ସାରଳା ଦାସଙ୍କ ସ୍ମୃତିରେ ଆୟୋଜିତ ହେବାକୁ ଯାଉଛି ଜାତୀୟ ସାହିତ୍ୟ ମହୋତ୍ସବ 'ବାଣୀପର୍ବ'। ଓଡ଼ିଆ ସାହିତ୍ୟର ସମସ୍ତ ବିଶିଷ୍ଟ ବ୍ୟକ୍ତିତ୍ୱ, ଜାତୀୟ ତଥା ଆନ୍ତର୍ଜାତିକ ସ୍ତରର ସାହିତ୍ୟିକ, ନେତୃମଣ୍ଡଳୀ, ଭାଷା ସାହିତ୍ୟ ସମ୍ପର୍କିତ ସମସ୍ତ ଅନୁଷ୍ଠାନ, ବିଭାଗୀୟ ମୁଖ୍ୟଙ୍କ ସମେତ ଭାରତର ରାଷ୍ଟ୍ରପତି, ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଅନ୍ୟ ଲୋକ ପ୍ରତିନିଧି ଏହି ପ୍ରଥମ ଜାତୀୟ ସାହିତ୍ୟ ମହୋତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଆବାହକ ଶିକ୍ଷାବିତ ଦେବେନ୍ଦ୍ର କୁମାର ରାଉତ ସୂଚନା ଦେଇଛନ୍ତି। ଜିଲ୍ଲାର ସମସ୍ତ ଜନପ୍ରତିନିଧିଙ୍କୁ ନେଇ ସମ୍ବର୍ଦ୍ଧନା କମିଟି ଗଠନ କରାଯାଇଛି। ଉଭୟ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିବେ ବୋଲି ଆବାହକ ପ୍ରକାଶ କରିଛନ୍ତି। ଆସନ୍ତା ନଭେମ୍ବର ମାସ ୧୪, ୧୫ ଓ ୧୬ ତାରିଖରେ ବାଣୀକ୍ଷେତ୍ର ଶାରଳା ପୀଠରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବ ଅବସରରେ ପାରମ୍ପରିକ ଲେଖକ ସମ୍ମିଳନୀ, ଯୁବକଙ୍କ ପାଇଁ ଲେଖା କର୍ମଶାଳା, ଲେଖକଙ୍କ ଆଲୋଚନା, ଶିଶୁ ସାହିତ୍ୟ ମଞ୍ଚ, ସାହିତ୍ୟ ବିତର୍କ, ସାହିତ୍ୟ ଯାତ୍ରା, ସାହିତ୍ୟ ଓ ସଂସ୍କୃତି ମଞ୍ଚ, ସାହିତ୍ୟ ପ୍ରଦର୍ଶନୀ, ସାହିତ୍ୟ ସଂଗଠକଙ୍କ ଅଭିବ୍ୟକ୍ତି, କାଳଜୟୀ ସ୍ରଷ୍ଟାଙ୍କୁ ସମ୍ମାନିତ କରିବା ସହିତ ଅନେକ ଅଭିନବ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

ସମସ୍ତ ଜିଲ୍ଲାର ବିଶିଷ୍ଟ ସାହିତ୍ୟିକ ଓ ସଂଗଠକ ଏହି ଉତ୍ସବରେ ଯୋଗଦେଇ ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ଦୃଷ୍ଟିଭଙ୍ଗୀ ରଖିବା ସହିତ ଆଦିକବି ସାରଳା ଦାସଙ୍କୁ ତାଙ୍କର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ। ଏହି ପ୍ରୟାସର ସଫଳ ପରିକଳ୍ପନା ଓ ତା'ର ରୂପାୟନ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ତିର୍ତ୍ତୋଲସ୍ଥ ଆନନ୍ଦ ମଣ୍ଡପରେ ଅଳକା ଆଶ୍ରମ ସଭାପତି ଗୌରାଙ୍ଗ ଚରଣ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅନେକ ସାହିତ୍ୟିକ ଓ ସଂଗଠକ ଯୋଗଦେଇ ନିଜର ମୂଲ୍ୟବାନ ମତାମତ ରଖିଥିଲେ। ସେମାନଙ୍କ ମଧ୍ୟରେ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ରଞ୍ଜନ କୁମାର ପଣ୍ଡା, ଭଗବାନ ଦାଶ, ସଞ୍ଜୀବ କୁମାର ମୁଦୁଲି, ବିବେକାନନ୍ଦ ହୋତା, ଜ୍ୟୋତିରଞ୍ଜନ ପ୍ରଧାନ, ସିଦ୍ଧେଶ୍ୱର ପଣ୍ଡା, ରଘୁ ସାହୁ, ବିଜୟ କୁମାର ରଥ, ଶରତ କୁମାର ଦାଶ, ସୁରେଶ କୁମାର ପ୍ରଧାନ, ଜୀବନାନନ୍ଦ ଅଧିକାରୀ, ଗୋଲକ ବିହାରୀ ପଲାଇ, ପ୍ରେମଲତା ବାରିକ, ଦେବୀ ପ୍ରସାଦ ତ୍ରିପାଠୀ, ବାସବ କୁମାର ନନ୍ଦ, ଅମର ଜ୍ୟୋତି ସାହୁ, ସୁଭାଷ ଚନ୍ଦ୍ର ରାଉତ, ମହମ୍ମଦ ମାନସୁର ଅଲ୍ଲୀ, ହେମନ୍ତ କୁମାର ନାୟକ, ରଶ୍ମିତା ନାୟକ, ଚୌଧୁରୀ ରାଧାମୋହନ ପରିଜା, ରୁନିବାଳା ମଲ୍ଲିକ ପ୍ରମୁଖ ରହିଛନ୍ତି। ଏହି ବୈଠକରେ ନଗେନ୍ଦ୍ର ନାଥ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ନେହମୟୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଇଟା ବୋଝେଇ ପିକ୍‌ଅପ୍ ଦୁର୍ଘଟଣାଗ୍ରସ୍ତ



କମାକ୍ଷାନଗର,୧।୯(ସମିସ): ୫୩ନଂ ଜାତୀୟ ରାଜପଥର କାମାକ୍ଷାନଗର ଥାନା ବାଉଁଶପାଳ ପଞ୍ଚାୟତ କଇଁବିଲି ଛକ ନିକଟରେ ସୋମବାର ସକାଳେ ରାସ୍ତା ଡିଭାଇଡର ଉପରକୁ ଚଢ଼ି ଏକ ଇଟା ବୋଝେଇ ୪୦୭ ପିକ୍‌ଅପ୍ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ତେବେ ଦୁର୍ଘଟଣା ପରେ ରାସ୍ତା ଉପରେ ଇଟା ବିଛେଇ ହୋଇ ପଡ଼ିଥିଲା। ଫଳରେ ଗାଡ଼ି ଚଳାଚଳ କିଛି ସମୟ ବାଧାପ୍ରାପ୍ତ ହୋଇଥିଲା।

## ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ସମସ୍ୟା ନେଇ ଦାବିପତ୍ର

ଗଁଦିଆ,୧।୯(ସମିସ): ଓଡ଼ିଶାର ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ତରଫରୁ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ରାଜ୍ୟ ଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶା ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରତିବର୍ଷ ପବିତ୍ର ଗୁରୁଦିବସରେ ରାଷ୍ଟ୍ରପତିଙ୍କଠାରୁ ସମ୍ମାନିତ ହୋଇଛନ୍ତି। ବର୍ତ୍ତମାନ ଓଡ଼ିଶାରେ ୧୫ ଜଣ କାର୍ଯ୍ୟରତ ଓ ୬୫ ଜଣ ସେବା ନିବୃତ୍ତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି। ଏମାନଙ୍କ ସମସ୍ୟାର ସମାଧାନ ପାଇଁ ସାହୁ ନିବେଦନ କରିଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଗଁଦିଆ,୧।୯(ସମିସ): ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ବ୍ଲକ୍ ବୈଦ୍ୟକଟେଣୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କେଶବ ଚନ୍ଦ୍ର ସାହୁ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ହେମନ୍ତ କୁମାର ବ୍ରହ୍ମ, ସମ୍ମାନିତ ଅତିଥି ଭାବେ ସହକାରୀ ଶିକ୍ଷକ ଶଙ୍କର୍ଷଣ ବ୍ରହ୍ମ, କଳାକର ପିଙ୍ଗୁଆ, ମାନସ ଚନ୍ଦ୍ର ରାଉତ, ସମାଜସେବୀ ଟଙ୍କଧର ବାରିକ ଯୋଗଦେଇ କେଶବଙ୍କ ଶିକ୍ଷକତା ଜୀବନର ସଫଳତା ଆଲୋଚନା କରିଥିଲେ। ତାଙ୍କ ଅବସର ପରବର୍ତ୍ତୀ ସୁଖମୟ ଜୀବନ ନିମନ୍ତେ ପ୍ରାର୍ଥନା କରାଯାଇଥିଲା।

## ମା' ମଙ୍ଗଳା କ୍ଲବ ପକ୍ଷରୁ ଖୁଦୁରୁକୁଣୀ ଓଷା

ଢେଙ୍କାନାଳ,୧।୯(ସମିସ): ଢେଙ୍କାନାଳ ସହର ବାଜିଚୌକସ୍ଥିତ ସୀତାରାମ ଆଶ୍ରମରେ ଜୟ ମା' ମଙ୍ଗଳା କ୍ଲବ ପକ୍ଷରୁ ୨୫ତମ ଖୁଦୁରୁକୁଣୀ ଓଷାର ଶେଷ ପାଳିକୁ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ଏହି ଅବସରରେ ୧୦୮ ଦୀପଦାନିରେ ଆଳତି କରାଯିବା ସହ ଓଷାବହି ପାଠ କରାଯାଇଥିଲା। ପରେ ମା'ଙ୍କ ନିକଟରେ ବିଭିନ୍ନ ଭୋଗ ଲାଗି କରାଯାଇଥିଲା। ସଭାପତି ମୋନାଲିସା ଜେନା, ସମ୍ପାଦକ ସ୍ମୃତିପ୍ରଜ୍ଞା ସିଂ, କୋଷାଧ୍ୟକ୍ଷ ବିଶ୍ୱଜିତା ସିଣ୍ଟ ସମେତ ବହୁ ଯୁବତୀଙ୍କ ଉପସ୍ଥିତିରେ ଉତ୍ସାହର ସହ ମା'ଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା।

## କଙ୍କା ଗ୍ରାମରେ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ



ଢେଙ୍କାନାଳ,୧।୯(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କଙ୍କା ଗ୍ରାମ ମା' ଦୁର୍ଗାପୂଜା ପ୍ରତିଷ୍ଠାନ ତରଫରୁ ୩୩ତମ ଶାରଦୀୟ ଦୁର୍ଗାପୂଜା ପାଇଁ ମୃର୍ଣ୍ମୟୀ ମୂର୍ତ୍ତି ନିର୍ମାଣ ନିମନ୍ତେ ସୋମବାର ମାଟି ଅନୁକୂଳ କରାଯାଇଛି। ଗାଁ ନିକଟ ପୁଣ୍ୟତୋୟା ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ଭୈରବୀ ପୀଠରେ ପାରମ୍ପରିକ ରୀତିରେ ହୋମଯଜ୍ଞ ଓ ସଂକୀର୍ତ୍ତନ କରାଯାଇ ମାଟି ଅନୁକୂଳ କରାଯାଇଥିଲା। କର୍ତ୍ତା ଜଗନ୍ନାଥ ମହାମାନସିଂହ, ମୁଖ୍ୟ ପୁରୋଧା ଅସିତ କୁମାର ମିଶ୍ର, ପୂଜକ ହୃଦାନନ୍ଦ ପତିଙ୍କ ସମେତ ପୂଜା ପ୍ରତିଷ୍ଠାନର ଶରତ ସ୍ୱାଇଁ, ହରିହର ମହାମାନସିଂହ, ବିରଞ୍ଚି ଇନ୍ଦ୍ରଜିତ ସିଂହ, କାର୍ତ୍ତିକ ଇନ୍ଦ୍ରଜିତ ସିଂହ, ମେଘନାଦ ଇନ୍ଦ୍ରଜିତ ସିଂହ, ବିକ୍ରମ ମାନସିଂ, ସୋନୁ ସାହୁ, ବିଜୟ ଇନ୍ଦ୍ରଜିତ ସିଂ, ଅଇଁଠୁ ସାହୁ, ନରେଶ ମହାମାନସିଂହ, ମହେଶ୍ୱର ଇନ୍ଦ୍ରଜିତ ସିଂ, ସନାତନ ଇନ୍ଦ୍ରଜିତ ସିଂ, ନବକିଶୋର ବଳିଆରସିଂହ, ରୋହନ ମହାମାନସିଂହ, ସୂର୍ଯ୍ୟକାନ୍ତ ମହାମାନସିଂହ, ତନ୍ମୟ ଇନ୍ଦ୍ରଜିତ ସିଂ, ସୁମନ ଓଝା, ରଞ୍ଜନ ମହାମାନସିଂହ, ଅଂଶୁମାନ ମହାମାନସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗ ପିଲାଙ୍କୁ ଗୋଷ୍ଠୀ ସମ୍ବଳ ଅଧିକାରୀଙ୍କ ଦୁର୍ବ୍ୟବହାର ଅଭିଯୋଗ

କାମାକ୍ଷାନଗର,୧।୯(ସମିସ)

କାମାକ୍ଷାନଗର ବ୍ଲକରେ ବିଭିନ୍ନ ବିଦ୍ୟାଳୟରେ ପଢୁଥିବା ଦିବ୍ୟାଙ୍ଗ ପିଲାମାନଙ୍କୁ ଗୋଷ୍ଠୀ ସମ୍ବଳ ଅଧିକାରିଣୀ (ବିଆରପି) ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏପରିକି କାହିଁକି ପିଲାଙ୍କୁ ଦୁର୍ବ୍ୟବହାର କରୁଛ ପଚାରିବାରୁ ଅଭିଭାବକଙ୍କୁ ମଧ୍ୟ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ତୁରନ୍ତ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହ ଅନ୍ୟତ୍ର ବଦଳି କରିବା ପାଇଁ ଅଭିଭାବକମାନେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

କାମାକ୍ଷାନଗର ବ୍ଲକରେ ଶର୍ମିଷ୍ଠା ଷଡ଼ଙ୍ଗୀ ବିଆର୍‌ପି ଭାବେ ଦୀର୍ଘ ୧୬ ବର୍ଷ ହେଲା କାର୍ଯ୍ୟ କରୁଛନ୍ତି। ବ୍ଲକର ବିଭିନ୍ନ ଗାଁରେ ଥିବା ବିଦ୍ୟାଳୟଗୁଡ଼ିକରେ ପଢୁଥିବା ଦିବ୍ୟାଙ୍ଗ ପିଲାମାନଙ୍କୁ ସରକାରଙ୍କ ସହାୟତା ଓ ଆବଶ୍ୟକ ଉପକରଣ ଯୋଗାଇବା ଓ ତଦାରଖ କରିବା ହେଉଛି ତାଙ୍କ କାମ। କିନ୍ତୁ ଶର୍ମିଷ୍ଠା ନିଜ ପଦବୀର ଦୁରୁପଯୋଗ କରି ବିଭିନ୍ନ ସମୟରେ ଦିବ୍ୟାଙ୍ଗ ପିଲାଙ୍କୁ ହଇରାଣ କରୁଛନ୍ତି। ଏପରିକି ମାଡ଼ ମାରିବା ସହ ହାତଗୋଡ଼ ଟାଣିଦେବା ଭଳି କାର୍ଯ୍ୟ କରୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅଭିଭାବକମାନେ ତାଙ୍କୁ ପଚାରିଲେ ସେ ଅତ୍ୟନ୍ତ କଟୁ ଭାଷାରେ ଗାଳିଗୁଲଜ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ପୂର୍ବରୁ ତିନି, ଚାରିଥର ଗୋଷ୍ଠୀ ଶିକ୍ଷାଧିକାରୀଙ୍କଠାରୁ ଆରମ୍ଭ କରି ଉପଜିଲ୍ଲାପାଳଙ୍କୁ ଅଭିଭାବକମାନେ ଅଭିଯୋଗ କରିଥିଲେ। ତେବେ ଆଜିପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଭାବକମାନେ ପ୍ରକାଶ କରିଛନ୍ତି। ତୁରନ୍ତ ଶର୍ମିଷ୍ଠାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତାଙ୍କୁ ଅନ୍ୟତ୍ର ବଦଳି କରିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଅଭିଭାବକମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ୟପଟେ କୌଣସି ଦିବ୍ୟାଙ୍ଗ ପିଲାଙ୍କୁ ଦୁର୍ବ୍ୟବହାର କରି ନ ଥିବା ବିଆରପି ଶର୍ମିଷ୍ଠା ଷଡ଼ଙ୍ଗୀ ସଫେଇ ଦେଇଛନ୍ତି। କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ତାଙ୍କୁ ବଦନାମ କରିବା ପାଇଁ ହୀନ ଚକ୍ରାନ୍ତ କରୁଥିବା ସେ କହିଛନ୍ତି।



## ଜାତିଆଣ ଆକ୍ଷେପ ସହ ଘର ପୋଡ଼ିଦେଲେ !



ଭୁବନ,୧।୯(ସମିସ): ଜାତିଆଣ ଆକ୍ଷେପ ସହ ଉନ୍ମତ୍ତ ଯୁବକ ଘର ପୋଡ଼ିଦେଇଥିବା ଅଭିଯୋଗ ହୋଇଛି। ଭୁବନ ଥାନା ଧଳପଡ଼ା ପଞ୍ଚାୟତ ଅନଳ ଗ୍ରାମ ନୂଆସାହିର ପଙ୍କଜ ପାତ୍ରଙ୍କ ଦୁଇବଖରା ଚାଳଘର ପୋଡ଼ିଦେବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ନେଇ ଭୁବନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏପରିକି ଘରେ ଥିବା ମହିଳା ଓ ଯୁବତୀମାନଙ୍କୁ ଅସଦାଚାରଣ କରିଥିବା ଅଭିଯୋଗ କରିଛନ୍ତି ବାସନ୍ତୀ ପାତ୍ର।

ଅଭିଯୋଗ ଅନୁଯାୟୀ ଅଗଷ୍ଟ ୩୧ ତାରିଖ ଅନଳ ଗ୍ରାମରେ ଗଣେଶ ପୂଜା ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ୧୬ଟି ମେଢ଼ ଭସାଣିରେ ସାମିଲ ହୋଇଥିଲେ। ଭସାଣି ପରେ କିଛି ଯୁବକ ଅତର୍କିତ ଗଣ୍ଡଗୋଳ ଭିଆଇଥିଲେ। ପରେ ଘରେ ନିଆଁ ଲଗାଇ ଦେଇଥିବା ବାସନ୍ତି ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ତାଙ୍କ ପରିବାର ସଦସ୍ୟଙ୍କୁ ଜାତିଆଣ ଆକ୍ଷେପ ସହ ସଂଘବଦ୍ଧ ଆକ୍ରମଣ କରିଥିଲେ ଶତାଧିକ ଯୁବକ। ଆକ୍ରମଣରେ ବାସନ୍ତୀ ଆହତ ହୋଇଛନ୍ତି। ଏପରିକି ପରେ ତାଙ୍କ ଘର ପୋଡ଼ିଦେଇଥିବା ଅଭିଯୋଗ କରିଛନ୍ତି। ଖବର ପାଇ ପୁଲିସ, ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ପରିବାର ଲୋକଙ୍କୁ ଉଦ୍ଧାର କରିଥିଲେ। ଅଭିଯୋଗକାରୀ ଅନୁସୂଚିତ ଜାତି ବର୍ଗର ହୋଇଥିବାରୁ କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ ଏବଂ ଭୁବନ ଥାନାଧିକାରୀ ଜିତେନ୍ଦ୍ର ମଲ୍ଲିକ ପହଞ୍ଚି ତଦନ୍ତ କରିଥିଲେ। ଗ୍ରାମ ମୁରବୀମାନେ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ବିଫଳ ହେବାରୁ ସୋମବାର ସନ୍ଧ୍ୟାରେ ପୁନର୍ବାର ଥାନାକୁ ଆସି ଅଭିଯୋଗ କରିଛନ୍ତି ବାସନ୍ତୀ।

## ଅଭିରାମ ପରମହଂସଙ୍କ ଭକ୍ତ ସମ୍ମିଳନୀ ପାଇଁ ବୈଠକ



ଢେଙ୍କାନାଳ,୧।୯(ସମିସ): ଠାକୁର ଅଭିରାମ ପରମହଂସ ଦେବଙ୍କ ଢେଙ୍କାନାଳ ଜିଲ୍ଲା ଭକ୍ତଗୋଷ୍ଠୀଙ୍କ ସାଧାରଣ ସଭା ସଭାପତି ସୁଧାକର ଜେନାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଶ୍ରୀଶ୍ରୀ ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣ ଭାଗବତ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଠାକୁରଙ୍କ ଦ୍ୱାବିଂଶତମ ବାର୍ଷିକ ଉତ୍ସବ ଓ ସନାତନ ଧର୍ମ ସମ୍ମିଳନୀ ସ୍ଥାନୀୟ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ପରିସରରେ ନଭେମ୍ବର ୭, ୮ ଓ ୯ ତାରିଖ ୩ଦିନ ଧରି ପାଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଆସନ୍ତା ସେପ୍ଟେମ୍ବର ୬ ତାରିଖ ପୁରୀ ଜିଲ୍ଲା କଣାସ ବ୍ଲକ କରମଳା ଶାନ୍ତିଧାମସ୍ଥିତ ଠାକୁରଙ୍କ ଆଶ୍ରମରୁ ଆଜ୍ଞାମାଳ ଅଣାଯିବ। ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ଘୃତଯଜ୍ଞ, ଅନ୍ନଯଜ୍ଞ, ନାମଯଜ୍ଞ, ପ୍ରବଚନ, ସାଧୁ ସମାବେଶ ପ୍ରଭୃତି ଆୟୋଜନ କରାଯିବ। ଏ ସମ୍ପର୍କରେ ଆଲୋଚନା କରାଯାଇ ଭକ୍ତମାନଙ୍କ ଉପରେ କାର୍ଯ୍ୟଭାର ଅର୍ପଣ କରାଯାଇଛି। ବୈଠକରେ ଜିଲ୍ଲାର ପ୍ରାୟ ୫୦ ଗ୍ରାମରୁ ୬୦ରୁ ଅଧିକ ଭକ୍ତ ଯୋଗଦେଇଥିବା ସମ୍ପାଦକ ହୃଦାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ଜିଲ୍ଲାସ୍ତରୀୟ ଉପ-ସଭାପତି ରାଧାବଲ୍ଲଭ ରାୟ ଧନ୍ୟବାଦ ଦେଇଥିଲେ।

## ଗାଁର ସ୍ୱର ଗାଁରୁ ବିକାଶ ନାରା ନେଇ ଯୁବକଙ୍କ ନିଆରା ପ୍ରୟାସ || ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



କାମାକ୍ଷାନଗର,୧।୯(ସମିସ): ଗାଁର ସ୍ୱର ଗାଁରୁ ବିକାଶର ନାରା ନେଇ ଯୁବକଙ୍କ ନିଆରା ପ୍ରୟାସ। ନିଆରା ଶୈଳୀରେ ବିଭିନ୍ନ ଦାବି ନେଇ ପଦଯାତ୍ରା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କାମାକ୍ଷାନଗର ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି କାମାକ୍ଷାନଗର ଏନଏସି ପୁରୁଣା ରେକୁଳା ଗ୍ରାମର ଶିବପ୍ରସାଦ ନାୟକ। ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା, ଗୋଶାଳା ପ୍ରତିଷ୍ଠା, ପ୍ରତି ବ୍ଲକ ମୁଖ୍ୟାଳୟ ମେଡିକାଲରେ ରକ୍ତଭଣ୍ଡାର ପ୍ରତିଷ୍ଠା, ସର୍ବୋପରି ପ୍ରତି ଗାଁରେ ୨୦ ଜଣ ବେକାର ଯୁବକ, ଯୁବତୀଙ୍କୁ ଆତ୍ମନିଯୁକ୍ତି ଦେବା ପାଇଁ ସରକାରଙ୍କୁ ଦାବି ଜଣାଇଛନ୍ତି ଶିବପ୍ରସାଦ। ସରକାର ଦାବିଗୁଡ଼ିକୁ ଗୁରୁତ୍ୱର ସହ ଗ୍ରହଣ କରି ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି।

## ଜନଅଭିଯୋଗ ଶୁଣାଣି ଶିବିର



ଢେଙ୍କାନାଳ,୧।୯(ସମିସ): ଢେଙ୍କାନାଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୭୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୬୦ଟି ବ୍ୟକ୍ତିଗତ ଓ ୮ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା। ୧୮ଟି ଅଭିଯୋଗର ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୪ଜଣ, ରେଡକ୍ରସରୁ ସହାୟତା ପାଇଁ ୩ ଜଣ ଆବେଦନ କରିଥିବା ବେଳେ ୭ଜଣଙ୍କୁ ଚିକିତ୍ସା ନିମନ୍ତେ ୧ଲକ୍ଷ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସପି ଅଭିନବ ସୋନକରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ମୂଳନିବାସୀ ସମାଜର ରାଜ୍ୟସ୍ତରୀୟ ବୈଠକ



ଢେଙ୍କାନାଳ,୧।୯(ସମିସ): ଢେଙ୍କାନାଳ ସହରସ୍ଥିତ ଲେକ ସଂସଦଠାରେ ଓଡ଼ିଶା ବାମସେଫ୍ ୟୁନିଟ୍ ଓ ୟୁନିଟ୍ ଅଫ୍ ମୂଳ ନିବାସୀ ସମାଜ ତରଫରୁ ଦ୍ୱିତୀୟ ରାଜ୍ୟ ଅଧିବେଶନ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ, ମୁଖ୍ୟଅତିଥି ଭାବେ ଓଡ଼ିଶା ବହୁଜନ ସାମ୍ମୁଖ୍ୟର ଡା. ଅବିନାଶ ଜେନା, ସମ୍ମାନିତ ଅତିଥି ଭାବେ ମୁଫ୍‌ତି ମରଗୁବାର, ରେହମାନ କାଶିମ୍, ଜଗବନ୍ଧୁ ଜେନା, ବାମସେଫ୍ ରାଜ୍ୟ ଉପସଭାପତି ଶ୍ରୀଧର ମଲିକ, ବହୁଜନ ସାମ୍ମୁଖ୍ୟ ରାଜ୍ୟ ସଭାପତି ବିଶ୍ୱନାଥ ଜେନା, ମୂଳନିବାସୀ ସମାଜ ଭୁବନେଶ୍ୱର କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ନାୟକ, ଅବସରପ୍ରାପ୍ତ ଅଧ୍ୟାପକ ଅନନ୍ତ କୁମାର ରାଉତ, ମୂଳନିବସୀ ସମାଜ ରାଜ୍ୟ ସଭାପତି ଲିଙ୍ଗରାଜ ପାତ୍ର, ଆମ୍ବେଦକର ସେବା ସଂଗଠନ ଢେଙ୍କାନାଳ ସଭାପତି ଆଇନଜୀବୀ ପ୍ରଦ୍ୟୁମ୍ନ କୁମାର ନାଏକ, ବିଶେଷ ଅତିଥି ଭାବେ ବାମସେଫ୍ ରାଜ୍ୟ ସଭାପତି ସରୋଜ କୁମାର ସେଠୀ ଯୋଗଦେଇଥିଲେ। ବିଶିଷ୍ଟ ପାଲା ଗାୟକ ଧ୍ରୁବଚରଣ ବିଶ୍ୱାଳ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମୂଳନିବାସୀ ସମାଜ ରାଷ୍ଟ୍ରୀୟ ଅଧ୍ୟକ୍ଷ କମଳାକାନ୍ତ କାଲେ ଅଧ୍ୟକ୍ଷତା କରିଥିଲେ। ଚିତ୍ରସେନ ନାଏକ ମଞ୍ଚ ପରିଚାଳନା କରିଥିଲେ। ଭାରତ ସରକାର ଏନ୍‌ପିଆର୍ ଅନୁସୂଚିତ ଜାତି ଜନଜାତିମାନଙ୍କ ମଧ୍ୟରେ ଉପବର୍ଗୀକରଣ, ଏନ୍‌ଆର୍‌ସି ମାଧ୍ୟମରେ ମୂଳନିବାସୀ ବହୁଜନ ସମାଜର ଲୋକମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବା ସହ ଭାରତର ନାଗରିକତା ଅଧିକାରରୁ ବଞ୍ଚିତ କରି ଗୋଲାମ କରିବା ତଥା ସେମାନଙ୍କୁ ଦେଶାନ୍ତର କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ଏ ବିଷୟରେ ସଚେତନତା ସୃଷ୍ଟି କରି ସାମ୍ବିଧାନିକ ଅଧିକାରକୁ ସୁରକ୍ଷିତ ରଖିବାକୁ ଦେଶବ୍ୟାପୀ ଅଭିଯାନ ଆରମ୍ଭ ହୋଇଛି। ଶିକ୍ଷିତ, ଯୁବସମାଜ, ମହିଳା ଓ ବୁଦ୍ଧିଜୀବୀମାନେ ସ୍ୱର୍ଣ୍ଣିମ ଭାରତ ଗଠନ କରିବା ଉଦ୍ୟମ କରିବାକୁ ଆହ୍ୱାନ ଦିଆଯାଇଛି।

## ପାଚିକା ସହାୟିକା ସଙ୍ଘର ବୈଠକ



ଢେଙ୍କାନାଳ,୧।୯(ସମିସ): ଢେଙ୍କାନାଳ ସହରସ୍ଥିତ ଯାଉଁଳି ପୋଖରୀ ମଠ ପ୍ରାଙ୍ଗଣରେ ପାଚିକା ସହାୟିକା ସଙ୍ଘର ବୈଠକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସମ୍ପାଦିକା ଭାରତୀ ଦାସ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ଗତ ଫେବୃୟାରୀ ୧୭ ତାରିଖ ବିଧାନସଭା ସମ୍ମୁଖରେ ହୋଇଥିବା ଆନ୍ଦୋଳନର ସମୀକ୍ଷା କରାଯାଇଥିଲା। ବର୍ଷକୁ ୧୦ ମାସ ବଦଳରେ ୧୨ ମାସର ପାରିଶ୍ରମିକ, ମାସର ପ୍ରଥମ ସପ୍ତାହରେ ଦରମା ପ୍ରଦାନ, ୨୪ ମାସର ବକେୟା ଟଙ୍କା ପ୍ରଦାନ, ବର୍ଷକୁ ୨ଖଣ୍ଡ ଶାଢ଼ି, ବିଇଓଙ୍କ ଦ୍ୱାରା ପାଚିକାମାନଙ୍କୁ ନିଯୁକ୍ତି, କମ୍ ପିଲା ଥିବା ବିଦ୍ୟାଳୟରେ ୨ ଜଣଙ୍କୁ ନିଯୁକ୍ତି, ଅବସର ସମୟରେ ସ୍ୱତନ୍ତ୍ର ସହାୟତା ପ୍ରଦାନ ସହ ପେନ୍‌ସନ୍ ବ୍ୟବସ୍ଥା କରିବା, ପାଚିକାମାନଙ୍କୁ ଶ୍ରମିକ ମାନ୍ୟତା ଦେଇ ସର୍ବନିମ୍ନ ମଜୁରି ପ୍ରଦାନ ଆଦି ଦାବି ଉପରେ ଆଲୋଚନା ହୋଇଥିଲା। ଆସନ୍ତା ୧୮ ତାରିଖ ବିଧାନସଭା ଅଧିବେଶନ ବସୁଥିବାରୁ ମୁଖ୍ୟମନ୍ତ୍ରୀ ଏହି ଅସହାୟ ପାଚିକାମାନଙ୍କ ମୌଳିକ ଦାବିଗୁଡ଼ିକ ସହୃଦୟର ସହ ବିଚାର କରି ଏହାକୁ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରାଯାଇଛି। ଦାବିଗୁଡ଼ିକ ଉପରେ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆସନ୍ତା ୨୦ ତାରିଖ ରାଜ୍ୟର ସମସ୍ତ ଜିଲ୍ଲାରେ ଆନ୍ଦୋଳନ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଏହି ଆନ୍ଦୋଳନରେ ରାଜ୍ୟ ଅନ୍ୟ ପାଚିକା ସଂଘଗୁଡ଼ିକ ସାମିଲ ହେବାକୁ ଅନୁରୋଧ କରାଯାଇଛି। ବୈଠକରେ ଅନୁପମା ମହାରଣା, ଦୀପ୍ତିମୟୀ ଷଡ଼ଙ୍ଗୀ, ଏଆଇଟିୟୁସି ଜିଲ୍ଲା ସମ୍ପାଦକ ନାରାୟଣ ନାୟକ, ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘ ସଦର ବ୍ଲକ୍ ସଭାପତି ସୁଜାତା ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଜିଲ୍ଲାସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ; ସନ୍ତରାବନ୍ଧ ଚାମ୍ପିଅନ

ଢେଙ୍କାନାଳ,୧।୯(ସମିସ)



ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ପାଇକ ପୁରୁଣାକୋଟର ପାରିମଳ ହାଇସ୍କୁଲ୍ ପଡ଼ିଆରେ ଜିଲ୍ଲାସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲରେ ପାଇକ ପୁରୁଣାକୋଟ ଦଳକୁ ହରାଇ ଅନୁଗୋଳ ଜିଲ୍ଲା ସନ୍ତରାବନ୍ଧ ଦଳ ଚାମ୍ପିଅନ ହୋଇଛି। ହିନ୍ଦୋଳ ରାଜା ଶୈଳେନ୍ଦ୍ର ନାରାୟଣ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଦଳକୁ ୧୦ ହଜାର ଟଙ୍କା ସହ ସଦ୍‌ଗୁରୁଙ୍କ ଛବି ଥିବା ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ଯୋଗଦେଇ ରନର୍ସଅପ୍ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଦେବେନ୍ଦ୍ର ମିଶ୍ର ଓ ତାଙ୍କ ପତ୍ନୀ ବୀଣାପାଣି ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ତୃତୀୟ ଓ ଚତୁର୍ଥ ସ୍ଥାନ ଲାଭ କରିଥିବା ଦଳକୁ ଟ୍ରଫି ଓ ଆର୍ଥିକ ପୁରସ୍କାର ଦେଇଥିଲେ। ବାଲେଶ୍ୱରର ଶ୍ରୀରାମପୁର ଦଳ ତୃତୀୟ ସ୍ଥାନ ଅଧିକାର କରି ୫ ହଜାର ଟଙ୍କା ଏବଂ ଢେଙ୍କାନାଳର ନେହରୁ କ୍ଲବ୍ ଚତୁର୍ଥ ସ୍ଥାନ ଅଧିକାର କରି ୩ ହଜାର ଟଙ୍କା ପୁରସ୍କାର ଲାଭ କରିଥିଲେ। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଖଳିବେରଣା ଗ୍ରାମର ଶିଳା ନାଏକଙ୍କୁ ଶିଳ୍ପଦ୍ୟୋଗୀ ସୌମେନ୍ଦୁ ପଟ୍ଟନାୟକଙ୍କ ମାତାଙ୍କ ନାମରେ ସୌଭାଗ୍ୟ ମଞ୍ଜରୀ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା। ଶୈଳବାଳା ମିଶ୍ର, ସମାଜସେବୀ ସୁବାସ ପାଲ ଓ ପାରିମାଳ ହାଇସ୍କୁଲ୍ ପ୍ରଧାନଶିକ୍ଷକ ପବିତ୍ର ମୋହନ ପ୍ରଧାନ ମଞ୍ଚାସୀନ ଥିଲେ। ଭାରତୀୟ କ୍ରୀଡ଼ା ପ୍ରାଧିକରଣର ଅବସରପ୍ରାପ୍ତ ଭଲିବଲ୍ କୋଚ୍ ଅଜୟ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ରଜନୀକାନ୍ତ ମିଶ୍ର, ଚିନ୍ମୟ କୁମାର ଦାସ ଓ ସନ୍ତୋଷ କୁମାର କାନୁନ୍‌ଗୋ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ।

## ପରଜଙ୍ଗରେ ଖୁଦୁରୁକୁଣୀ ଓଷା ପାଳିତ



ପରଜଙ୍ଗ,୧।୯(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ ଧୁମଧାମରେ ଖୁଦୁରୁକୁଣି ଓଷା ପାଳିତ ହୋଇଛି। ପରଜଙ୍ଗ ଡମୋଳ ଗ୍ରାମ ଓ ଗଡ଼ଭିତର ସାହି ସମେତ ବିଭିନ୍ନ ଗାଁ ଓ ସାହିରେ ଆଡ଼ମ୍ବର ସହକାରେ ପାଳିତ ହୋଇଛି ଖୁଦୁରୁକୁଣୀ ଓଷା। ଗ୍ରାମର ପ୍ରତ୍ୟେକ ସାହିରେ ପୂଜା ମଣ୍ଡପ କରାଯାଇ ମା'ଙ୍କ ପୂଜାର୍ଚ୍ଚନା କରାଯାଇଛି। ବ୍ରତଧାରୀ ଝିଅବୋହୂମାନେ ରୀତିନୀତି ଅନୁଯାୟୀ ଶେଷ ରବିବାର ତଅପୋଇ ବିବାହ ଉତ୍ସବ ପାଳନ କରିଥିଲେ। ବାଜାବାଣ ରୋଷଣୀରେ ବର କନ୍ୟା ଘରକୁ ଯିବା ପରେ ତଅପୋଇ ବିବାହ ସମ୍ପନ୍ନ ହୋଇଥିଲା। ସେହିପରି ଗ୍ରାମର ସୁବାହୁସିଂହ ସାହି, ବାଳିଚତୁରି ସାହି, ହାଇସ୍କୁଲ ଛକ, ବଜାର ଛକ, ଥାନା ଛକ ସାହି ସମେତ ସମସ୍ତ ସାହିରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି ଖୁଦୁରୁକୁଣୀ ଓଷା। ଡମୋଳ ଗ୍ରାମର ସର୍ବ ମା' ମଙ୍ଗଳା ଖୁଦୁରୁକୁଣୀ ପୂଜା କମିଟି ପକ୍ଷରୁ ଲଡୁ ବଣ୍ଟନ କରାଯାଇଥିଲା। ପୂଜା ମଣ୍ଡପ ସମ୍ମୁଖରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

ସକାଳ THE SAKALA



# ଚାଷୀଙ୍କ କଟା ଘା'ରେ ଚୂନ ସରକାରଙ୍କ ସାର ତତ୍ତ୍ୱ: ବିଜେଡି

ଭୁବନେଶ୍ୱର, ୧।୯ (ସମିସ): ରାଜ୍ୟରେ ସାରର ଉତ୍କଟ ଅଭାବ ସ୍ଥିତିକୁ ନେଇ କୃଷକମାନେ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ବିରୋଧୀ ବିଜେଡି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସରକାରଙ୍କ ତଥ୍ୟ ଅନୁଯାୟୀ ରାଜ୍ୟରେ ୧୩୦୦ରୁ ଊର୍ଦ୍ଧ୍ୱ କେନ୍ଦ୍ରରେ ସାର ଯୋଗାଣରେ ବ୍ୟତିକ୍ରମ ହୋଇଛି। ମାତ୍ର ରାଜ୍ୟର ଯୋଗାଣ ମନ୍ତ୍ରୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟରେ ସାର ଅଭାବ ନାହିଁ ଓ ସାର ବିକ୍ରିରେ କୌଣସି ଦୁର୍ନୀତି ହୋଇନାହିଁ ବୋଲି ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। ରାଜ୍ୟର କୃଷି ମନ୍ତ୍ରାଳୟର ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କେ.ଭି ସିଂଦେଓ କୃଷକମାନଙ୍କୁ ସାର ତତ୍ତ୍ୱ ଉପରେ ସାରଗର୍ଭକ ଭାଷଣ ଦେଇଛନ୍ତି। ଏହା ଅନାହାରରେ ଥିବା ଲୋକଙ୍କୁ ଏକାଦଶୀ ଉପବାସର ଉପାଦେୟତା ଉପରେ ବକ୍ତବ୍ୟ ରଖିବା ସଦୃଶ୍ୟ ହୋଇଛି। କୃଷକମାନେ ସାରର ଉତ୍କଟ ଅଭାବକୁ ନେଇ ହନ୍ତସନ୍ତ ହେଉଥିବା ବେଳେ ଉପମୁଖ୍ୟମନ୍ତ୍ରୀଙ୍କ ଏହି ବକ୍ତବ୍ୟ କୃଷକମାନଙ୍କ କଟା ଘା'ରେ ଚୂନ ଲଗାଇବା ସଦୃଶ୍ୟ ହୋଇଛି ବୋଲି ଶ୍ରୀ ନାୟକ କହିଛନ୍ତି।

ଶ୍ରୀ ନାୟକ କହିଥିଲେ ଯେ ସରକାର ସମସ୍ୟାକୁ ଗମ୍ଭୀରତାର ସହ ନେବା ପରିବର୍ତ୍ତେ ଯୋଗାଣ ମନ୍ତ୍ରୀ ସାର ପ୍ରଚୁର ପରିମାଣରେ ମହଜୁଦ ଅଛି ବୋଲି



ମନ୍ତବ୍ୟ ଦେଇ ଶୋଇ ରହିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ କୃଷକମାନେ ସାର ନପାଇ ରାଜରାସ୍ତାକୁ ଓହ୍ଲାଇଥିଲେ। ସ୍ଥିତି ଗମ୍ଭୀର ହୋଇଥିବା ଅନୁଭବ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେ.ପି ନଡ୍ଡାଙ୍କୁ ଚିଠି ଲେଖି ରାଜ୍ୟକୁ ଆବଶ୍ୟକ ପରିମାଣର ସାର ଯୋଗାଇଦେବା ପାଇଁ ଅନୁରୋଧ କରିବା ସହିତ ତାଳଚେର ସାର କାରଖାନାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଅନୁରୋଧ କରିଥିଲେ। ନବୀନ ବାବୁଙ୍କ ଚିଠି ପରେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ସ୍ଥିତିର ସମୀକ୍ଷା କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବନ୍ଦ କରି ଦିଆଯାଇଛି। ଏହି ତଥ୍ୟରୁ ସାର ବିକ୍ରିରେ ଅନିୟମିତତା ରହିଥିବା ସ୍ପଷ୍ଟ ହେଉଛି। ୪୫କେଜି ସାର ପ୍ୟାକେଟର ବିକ୍ରି ମୂଲ୍ୟ ମାତ୍ର ୨୪୨ ଟଙ୍କା ରହିଥିବା ବେଳେ ଅନେକ ଜାଗାରେ ଏହା ୮୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଛି ବୋଲି ଗଣମାଧ୍ୟମରେ ପ୍ରକାଶ ପାଇଛି। ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ

**■ ରାଜ୍ୟରେ ସାର ଯୋଗାଣରେ ବ୍ୟତିକ୍ରମ ସରକାରଙ୍କ ସମୀକ୍ଷାରୁ ସ୍ପଷ୍ଟ**
**■ ସରକାରଙ୍କ ତଥ୍ୟ ୧୩୦୦ରୁ ଊର୍ଦ୍ଧ୍ୱ କେନ୍ଦ୍ରରେ ସାର ବିକ୍ରୟରେ ବ୍ୟତିକ୍ରମ**
**■ ତୁରନ୍ତ ସମସ୍ୟା ସମାଧାନ ନହେଲେ ରାସ୍ତାକୁ ଓହ୍ଲାଇବ ବିଜେଡି**

ଶ୍ରୀ ନାୟକ ଆହୁରି କହିଥିଲେ ଯେ ଗତକାଲି ହୋଇଥିବା ସମୀକ୍ଷା ପରେ ପ୍ରଶ୍ନ ଉଠିଛି ଯେ ଯେଉଁ ସାର କୃଷକଙ୍କୁ ପ୍ରଦାନ କରାଯାଉଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି, ତାହା ବାସ୍ତବରେ ଚାଷୀଙ୍କ ପାଖକୁ ଯାଇଛି ନା ଆଉ କାହା ପାଖକୁ ଯାଇଛି। ସମୀକ୍ଷାରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ ୧୨୦୦ଟି ସାର ବିକ୍ରୟ ସ୍ଥଳରେ ସାର ବିକ୍ରୟ କାର୍ଯ୍ୟ ଠିକ୍‌ରେ ହୋଇ ନଥିବା ବୋଲି ସେମାନଙ୍କୁ ସନ୍ଦେହରେ ରଖାଯାଇଛି। ସେହିପରି ୬୨ଟି ବିକ୍ରୟ କେନ୍ଦ୍ରକୁ ସାମୂହିକ ଭାବେ ବନ୍ଦ କରାଯାଇଥିବା ବେଳେ ୩୦ଟି ବିକ୍ରୟ କେନ୍ଦ୍ରକୁ ସମ୍ପୂର୍ଣ୍ଣ କ୍ଷମତାକୁ ଆସିଥିବା ବିଜେପି ସରକାର ବାସ୍ତବରେ ଇଞ୍ଜିନ୍ ଲାଇନଚ୍ୟୁତ ହୋଇଛି। ସରକାରଙ୍କ ଅନେକ ବିଫଳତା ମଧ୍ୟରୁ ସାର ଯୋଗାଣରେ ସରକାରଙ୍କ ସଦ୍ୟତମ ବିଫଳତା ଭାବେ ସାମ୍ନାକୁ ଆସିଛି। ସରକାର ତୁରନ୍ତ ନିଜ ଦୋଷତ୍ରୁଟି ସ୍ୱୀକାର କରିବା ସହ ଏହି ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଅନ୍ତୁ। ବିଜୁ ଜନତା ଦଳ ସବୁବେଳେ କୃଷକମାନଙ୍କ ସହିତ ରହିଛି। ତେଣୁ କୃଷକ ମାନଙ୍କ ସମସ୍ୟା ତୁରନ୍ତ ସମାଧାନ ନହେଲେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ନାୟକ ଚେତାବନୀ ଦେଇଛନ୍ତି।

**ନବୀନଙ୍କୁ ଭେଟିଲେ ଦଳୀୟ ନେତା**

# ସାଧାରଣ ଲୋକଙ୍କ ସ୍ୱର ହେବାକୁ ସୁପ୍ରିମୋଙ୍କ ପରାମର୍ଶ

ଭୁବନେଶ୍ୱର,୧।୯ (ସମିସ): ନବୀନ ନିବାସରେ ଦଳର ବରିଷ୍ଠ ନେତାଙ୍କ ସହ ରାଜ୍ୟର ସାମ୍ପ୍ରତିକ ସ୍ଥିତି, ରାଜ୍ୟ ସରକାରଙ୍କ ଜନ ବିରୋଧୀ କାର୍ଯ୍ୟ ଓ ସାଧାରଣ ଲୋକଙ୍କ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ସମ୍ପ୍ରତି ରାଜ୍ୟର ଲୋକମାନେ ଯେପରି ବିଭିନ୍ନ ପ୍ରସଙ୍ଗରେ ଦହଗଞ୍ଜ ହେଉଛନ୍ତି, ସାଧାରଣ ସେବାରୁ ବଞ୍ଚିତ ହୋଇଛନ୍ତି, ସ୍ୱାସ୍ଥ୍ୟ ସେବାରେ ସରକାରଙ୍କ ବିଫଳତା ଓ ଜନବିରୋଧୀ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ଡ଼. ସାହୁ କହିଛନ୍ତି ଯେ ଦଳର ନେତା ନବୀନ ପଟ୍ଟନାୟକଙ୍କ ସହ ରାଜ୍ୟର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି । ଲୋକଙ୍କ ସରକାର କହୁଥିବା ବିଜେପି ରାଜ୍ୟରେ କ୍ଷମତାକୁ ଆସିବା ପରଠାରୁ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଚାଷୀ ସାର ପାଉ ନ ଥିବା ବେଳେ ସରକାର ବ୍ୟାପକ କଳାବଜାରୀକୁ ପ୍ରୋତ୍ସାହନ



ଅକଥନୀୟ ସମସ୍ୟା ଭୋଗୁଛନ୍ତି, ଅତ୍ୟାବଶ୍ୟକୀୟ ସାମଗ୍ରୀ କ୍ଷେତ୍ରରେ ସରକାରଙ୍କ ଅବହେଳାର ଶିକାର ହେଉଛନ୍ତି ସେ ସମ୍ପର୍କରେ ନବୀନ ଦଳୀୟ ନେତାଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟର ସାଧାରଣ ଲୋକଙ୍କ ସ୍ୱର ଭାବରେ କାର୍ଯ୍ୟ କରିବାକୁ ନବୀନ ଏହି ଅବସରରେ ଦଳୀୟ ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ବିଜେଡି ରାଜ୍ୟବାସୀଙ୍କ ସ୍ୱାର୍ଥ ପରିପୂରଣ ନିମନ୍ତେ ରାଜରାସ୍ତାକୁ ଓହ୍ଲାଇବାକୁ ମଧ୍ୟ ନବୀନ ପରାମର୍ଶ ଦେଇଛନ୍ତି ।

ସୋମବାର ଅପରାହ୍ନରେ ଦଳର ବରିଷ୍ଠ ନେତା ଡ. ଅରୁଣ ସାହୁ, ଚିରଞ୍ଜୀବ ବିଶ୍ୱାଳ, ଭୃଗୁ ବକ୍ସିପାତ୍ର, ଲେନିନ ମହାନ୍ତି, ପ୍ରଫୁଲ୍ଲ ସିଂ, ରଘୁନାଥ ସାହୁଙ୍କ ସହ ମହମ୍ମଦ ସକିଲ, ଲୋରା ମହାପାତ୍ର ପ୍ରମୁଖ ନବୀନ ନିବାସରେ ବିଜେଡି ସୁପ୍ରିମୋଙ୍କୁ ଭେଟିଛନ୍ତି। ଏହି ଅବସରରେ ନବୀନଙ୍କ ସହ ପ୍ରତ୍ୟେକ କ୍ଷେତ୍ରରେ ରାଜ୍ୟ ଦେଉଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଲୋକେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ମହିଳା ସୁରକ୍ଷାକୁ ନେଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ନିନ୍ଦିତ ହେଉଥିବା ବେଳେ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ବିକାଶମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି । ଓଡ଼ିଆ ଅସ୍ମିତାର ନାରାଦେଇ ସରକାରକୁ ଆସିଥିବା ବିଜେପି, ପ୍ରତ୍ୟେକ ଦିନ ଓଡ଼ିଆ ଅସ୍ମିତାକୁ କୁଠାରଘାତ କରୁଛି। ଆଗାମୀ ଦିନରେ ରାଜ୍ୟବାସୀଙ୍କ ସ୍ୱର ହିସାବରେ ବିଜୁ ଜନତା ଦଳ ବିଜେପି ସରକାରଙ୍କ ପ୍ରତ୍ୟେକ ଜନବିରୋଧୀ କାର୍ଯ୍ୟକୁ ତୀବ୍ର ବିରୋଧ କରିବ ବୋଲି ଡ. ସାହୁ କହିଛନ୍ତି। ସେହିପରି ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ୨୦୨୭ ପଞ୍ଚାୟତ ନିର୍ବାଚନ ଓ ୨୦୨୯ ସାଧାରଣ ନିର୍ବାଚନରେ ଦଳ ନିଶ୍ଚିତ ବିଜୟ ହାସଲ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

# ଓଡ଼ିଶା ଯାତ୍ରୀରେ 'ଆମ ବସ୍' ଓ ଚିଲିକା ବୋଟିଂ ଟିକଟ

ଭୁବନେଶ୍ୱର,୧।୯ (ସମିସ): ଓଡ଼ିଶା ଯାତ୍ରୀ ଆପ୍‌ର କଳେବର ବଢ଼ିଛି। ଏଣିକି ଏହି ଆପ୍ ମାଧ୍ୟମରେ 'ଆମ ବସ୍' ଏବଂ ଚିଲିକା ବୋଟିଂ ନିମନ୍ତେ ଟିକଟ୍ ଉପଲବ୍ଧ ହେବ। ପର୍ଯ୍ୟଟକ ଏବଂ ଯାତ୍ରୀଙ୍କ ଅନୁଭବକୁ ଅଧିକ ସୁଖଦ୍ ଏବଂ ସହଜ କରିବା ଉଦ୍ଦେଶ୍ୟରେ ଏହି ନୂତନ ସୁବିଧାକୁ ଆପ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ରାଜ୍ୟ ସରକାରଙ୍କ ଆମ ବସ୍ ସେବା ଅଧୀନରେ ଚଳାଚଳ କରୁଥିବା ଯେକୌଣସି ବସ୍‌ରେ ଯାତାୟାତ ନିମନ୍ତେ ଏହି ଆପ୍ ମାଧ୍ୟମରେ ବିନା କୌଣସି ବାଧାରେ ଟିକଟ୍ ବୁକିଂ କରି ସୁରକ୍ଷିତ ଏବଂ ଆରାମଦାୟକ ବସ୍ ଯାତ୍ରାର ଲାଭ ମିଳିପାରିବ।

ଅନୁରୂପ ଭାବେ ଚିଲିକା ଭ୍ରମଣରେ ଆସୁଥିବା ପର୍ଯ୍ୟଟକ ସାତପଡ଼ା ଠାରେ ସେମାନଙ୍କ ସୁବିଧା ମୁତାବକ ବୋଟିଂ ନିମନ୍ତେ ଏହି ଆପ୍ ମାଧ୍ୟମରେ ଟିକେଟ୍ ବୁକିଂ କରି ଡିଜିଟାଲ ଟିକେଟ୍ ପାଇପାରିବେ। ବୋଟିଂ ଆରମ୍ଭ ପୂର୍ବରୁ ଏହି ଡିଜିଟାଲ ଟିକେଟ ଯାଞ୍ଚ କରାଯାଇ ଯାତ୍ରା ନିମନ୍ତେ ଅନୁମତି ଦିଆଯିବ। ସମସ୍ତ ଆଣ୍ଡ୍ରଏଡ୍ ପ୍ଲାଟ୍‌ଫର୍ମରେ ଏହି ଆପ୍ ଉପଲବ୍ଧ ହୋଇସାରିଥିବା ବେଳେ ଆଇଓଏସ୍‌ରେ ନିକଟରେ ଭବିଷ୍ୟତରେ ଏହା ଉପଲବ୍ଧ ହେବ ବୋଲି ସୂଚନା ମିଳିଛି। ଏହା ସହିତ ଯାତ୍ରୀଙ୍କ ମତାମତକୁ ଭିତ୍ତିକରି ଟିକଟ୍ ବୁକିଂ ବ୍ୟବସ୍ଥାରେ ମଧ୍ୟ ଆବଶ୍ୟକ ସୁଧାର ଅଣାଯିବ। ଓଡ଼ିଶା ଯାତ୍ରୀ କେବଳ ଏକ ଡିଜିଟାଲ ସେବା ନୁହଁ; ଯାତ୍ରୀଙ୍କୁ ସାର୍ବଜନୀନ , ଟେକ୍ନୋଲୋଜିଭିତ୍ତିକ, ତ୍ରୁଟିଶୂନ୍ୟ ସେବା ଯୋଗାଇଦେବାର ସଂକଳ୍ପ ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି।

**ସରୁନି ଜନନୀ ଯନ୍ତ୍ରଣା**

# ଖଟିଆରେ ୫ କିମି ବୁହାହେଲେ ଗର୍ଭବତୀ

ପୋଲସରା,୧।୯ (ସମିସ): କିଟିକିଟି ଅନ୍ଧାର ରାତିରେ କେବଳ ମୋବାଇଲ୍ ଆଲୁଅ ଭରସା ଥିଲା। ପଥୁରିଆ ରାସ୍ତାରେ ଟିକିଏ ଗୋଡ଼ ଖସିଗଲେ ତଳେ ପଡ଼ି ଖଣ୍ଡିଆ ଖାବରା ହେବା ସାର। ଏଭଳି ସ୍ଥିତିରେ ପ୍ରସବ ବେଦନାରେ ଛଟପଟ ହେଉଥିବା ଜଣେ ଗର୍ଭବତୀଙ୍କୁ ୫ କିମି ବୋହିବୋହି ନେବା ଘଟଣା ଆଉ ଏକ ଜନନୀ ଯନ୍ତ୍ରଣାର ବିକଳ ଚିତ୍ରକୁ ପଦାକୁ ଆଣିଛି। ପୋଲସରା ବ୍ଲକ୍ ଅନ୍ତର୍ଗତ ଗୋଛାବାଡ଼ି ପଞ୍ଚାୟତ ଚାଞ୍ଚରା ଗ୍ରାମରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ସୂଚନାନୁଯାୟୀ, ଚାଞ୍ଚରା ଗ୍ରାମର ରଞ୍ଜିତ ଶବରଙ୍କ ସ୍ତ୍ରୀ ରୀନା ଗର୍ଭବତୀ ଥିଲେ। ରବିବାର ରାତି ପ୍ରାୟ ୧୦ଟାରେ ତାଙ୍କର ପ୍ରସବ ଯନ୍ତ୍ରଣା ହୋଇଥିଲା। ଚାଞ୍ଚରା ଗ୍ରାମ ଅତ୍ୟନ୍ତ ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳ ହୋଇଥିବାରୁ କୌଣସି ଆମ୍ବୁଲାନ୍ସ କି ଗାଡ଼ି ଆସିବା ସମ୍ଭବପର ହୋଇପାରିନଥିଲା। ରୀନାଙ୍କ ଯନ୍ତ୍ରଣା ବଢ଼ିବାରୁ ପରିବାରଲୋକେ କୌଣସି ଉପାୟ ନପାଇ ଏକ ଖଟିଆରେ ତାଙ୍କୁ ମେଡିକାଲକୁ ନେବାକୁ ନିଷ୍ପତ୍ତି ନେଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାରଲୋକ ରୀନାଙ୍କୁ ଏକ ଖଟିଆରେ ଘନ ଅନ୍ଧାର ରାତିରେ ଟର୍ଚ୍ଚ ଓ ମୋବାଇଲ ଆଲୁଅରେ ପ୍ରାୟ ୫ କିମି



ଦୂର ବୋହି ବୋହି ପାହାଡ଼ ତଳକୁ ଆଣିଥିଲେ। ପରେ ସେଠାରୁ ଏକ ଅଟୋ-ରିକ୍ସାରେ ତାଙ୍କୁ ନିକଟସ୍ଥ ପାଣ୍ଡିରିପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ରୀନା ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ଉଭୟ ମା' ଓ ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି। ସରକାର ଜନସାଧାରଣଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ମାଳମାଳ ଯୋଜନା କରୁଥିବା ବେଳେ ଏହି ଆଦିବାସୀ ଗ୍ରାମକୁ ଯିବା ଆସିବା କରିବା ପାଇଁ ପକ୍କା ରାସ୍ତାଟିଏ ନଥିବା ଅତି ଦୁର୍ଭାଗ୍ୟର କଥା। ଏହା ସେମାନଙ୍କ ପାଇଁ ନୂଆ ନୁହେଁ, ବରଂ ଆଗରୁ ମଧ୍ୟ ଘଟଣା ଘଟୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଏଥିପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଇ ସମସ୍ୟା ର ସମାଧାନ କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଶ୍ରମିକରୁ ଡାକ୍ତର ହେବେ ଆଦିବାସୀ ଯୁବକ

ବାଣପୁର,୧।୯ (ସମିସ): ପରିବାରର ଆର୍ଥିକ ସଂକଟ ତାଙ୍କୁ ଶ୍ରମିକ ସଜାଇ ଦେଇଥିଲା। ବାପାଙ୍କ ହାତମୁଠାକୁ ଟାଣ କରିବାକୁ ବେଙ୍ଗାଲୁରୁର ଏକ କନଷ୍ଟ୍ରକସନ୍ କମ୍ପାନୀରେ କାମ କଲେ। ଯାହା ଯେତିକି ମିଳୁଥିଲା, ସେଥିରେ ଖାଇ ପିଇ ବାକି ଅର୍ଥ ଗାଁକୁ ପଠାଉଥିଲେ। କିନ୍ତୁ, ଏପରି ପ୍ରତିକୂଳ ପରିସ୍ଥିତିରେ ସେ ଭାଙ୍ଗି ପଡ଼ିନଥିଲେ। ନିଜର ପାଠପଢ଼ା ଓ ପରିଶ୍ରମ ଉପରେ ତାଙ୍କର ଭରସା ଥିଲା। ଶେଷରେ ତାଙ୍କର ଅଧ୍ୟବସାୟ ସଫଳ ହୋଇଛି। ଗତ ଜୁନ୍‌ରେ ଅନୁଷ୍ଠିତ ନିଟ୍ ୟୁଜି ପରୀକ୍ଷାରେ ଅନୁସୂଚିତ ଜନଜାତି ବର୍ଗରେ ସର୍ବଭାରତୀୟସ୍ତରରେ ୧୮,୨୧୨ ରାଙ୍କ ରଖି ଡାକ୍ତରୀ ପଢ଼ିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ହେଲେ, ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ୍ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ମାଳ ଅଞ୍ଚଳ ନୀଳାଦ୍ରିପ୍ରସାଦ ପଞ୍ଚାୟତର ମୁଦୁଲିଡିହ ଗ୍ରାମର ଶୁଭମ୍ ଶବର(୧୯)। ଏବେ ସେ ବ୍ରହ୍ମପୁର ଏମ୍‌କେସିଜି ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ନାମ ଲେଖାଇଛନ୍ତି। ତେବେ ତାଙ୍କ ପାଠପଢ଼ାରେ ଅର୍ଥ ବାଧକ ସାଜିଛି। ପରିବାରର ଆର୍ଥିକ ଅବସ୍ଥା ଭଲ ନଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ସରକାରଙ୍କୁ ନିବେଦନ କରିଛନ୍ତି।



ପୁଅ ଡାକ୍ତର ହେବ ବୋଲି ଜାଣି ବାପା ସହଦେବ ଓ ମାଆ ରଙ୍ଗି ବହୁ ଖୁସି ଅଛନ୍ତି। ମାତ୍ର ତାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ପୁଅର ପାଠପଢ଼ା ଖର୍ଚ୍ଚ କେଉଁଠୁ ଆଣିବେ, ସେନେଇ ଚିନ୍ତାରେ ପଡ଼ିଛନ୍ତି। ଏପରିସ୍ଥଳେ ପୁଅର ୫ବର୍ଷର ଡାକ୍ତରୀ ପାଠ୍ୟକ୍ରମ ସମାପ୍ତ କରିବାରେ ସମସ୍ତ ଖର୍ଚ୍ଚ ଲାଗି ସରକାରୀ ସହାୟତା ଯୋଗାଇଦେବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି। ଶୁଭମ୍ ଦଶମ ଶ୍ରେଣୀରେ ୮୪% ମାର୍କ ରଖିଥିବା ବେଳେ ଦ୍ୱାଦଶ ଶ୍ରେଣୀରେ ଟ୍ୟୁସନ କରି ମାତ୍ର ୬୪% ମାର୍କ ରଖି ପାରିଥିଲେ। ହେଲେ ସେଥିରେ ଭାଙ୍ଗି ନ ପଡ଼ି ଶୁଭମ୍ ଡାକ୍ତରୀ ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ କରି ଡାକ୍ତର ହେବାକୁ ମନସ୍ଥ କରି ନିଟ୍ ପ୍ରବେଶିକା ପରୀକ୍ଷା ଲାଗି ବ୍ରହ୍ମପୁରରେ କୋଚିଂ ନେଇଥିଲେ। ବର୍ତ୍ତମାନ ପରିଶ୍ରମର ଫଳ ପାଇ ସେ ଏବେ ଡାକ୍ତରୀ ପାଠପଢ଼ି ଆଗକୁ ଡାକ୍ତର ହେବାକୁ ଯାଉଛନ୍ତି।

**ପାର୍ବଣରେ ସଙ୍ଗୀନ ଶବ୍ଦ ପ୍ରଦୂଷଣ**

# ବଡ଼ ସହରରେ କଟକଣା; ବାକି ସବୁଠି ଢିଲା

କଟକ, ୧।୯ (ସମିସ): ଗଣେଶ ପୂଜାଠାରୁ ପାର୍ବଣର ବିଗୁଲ୍ ବାଜିସାରିଛି। ଏବେ ଗଣେଶ ଓ ଖୁଦରକୁଣି ପୂଜା ଶେଷ ହୋଇ ସବୁଠି ଚାଲିଛି ଭସାଣି ଶୋଭାଯାତ୍ରା। ଉଚ୍ଚ ଶବ୍ଦ ଉତ୍ପନ୍ନକାରୀ ଡିଜେ ସାଉଣ୍ଡ ବ୍ୟବହାର ଉପରେ କଟକଣା ଥିଲେ ମଧ୍ୟ ସବୁଠି ଏହାର ଉଲ୍ଲଂଘନ ହେଉଛି। ବିଶେଷକରି, କଟକ-ଭୁବନେଶ୍ୱର ସମେତ ଆଉ କିଛି ବଡ଼ ସହରକୁ ବାଦ୍ ଦେଲେ ସବୁଠି ଡିଜେ କଟକଣା ଢିଲା ଛାଡ଼ି ଦିଆଯାଇଛି। ସହରାଞ୍ଚଳରେ ପୁଲିସର ଏନ୍‌ଫୋର୍ସମେଣ୍ଟ ଭଳି ଗ୍ରାମାଞ୍ଚଳ ପୁଲିସ କରୁନାହିଁ। ଏଣୁ ଶବ୍ଦ ପ୍ରଦୂଷଣ ପାଇଁ ଥିବା କଟକଣା ନାମକୁ ମାତ୍ର ରହିଯାଇଛି। ଆଉ ସବୁ ଦେଖି ଶୁଣି ପୁଲିସ୍ ଚେଇଁ ଶୋଇଥିବା ଅଭିଯୋଗ ହେଉଛି। ଗାଁ ଗହଳି ସମେତ କେତେକ ଅର୍ଦ୍ଧସହରାଞ୍ଚଳରେ ଶବ୍ଦ ପ୍ରଦୂଷଣ କଟକଣା ଅଘୋଷିତ ଭାବେ କୋହଳ ହୋଇଥିବା କାରଣରୁ ଏବେ ଡିଜେଗୁଡ଼ିକ ଗ୍ରାମାଞ୍ଚଳମୁହାଁ ହୋଇପଡ଼ିଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଶବ୍ଦ ପ୍ରଦୂଷଣ ପ୍ରସଙ୍ଗରେ ଉଚ୍ଚ ନ୍ୟାୟାଳୟଙ୍କ ରହିଥିବା ନିର୍ଦ୍ଦେଶନାମାକୁ ସଠିକ ଢଙ୍ଗରେ ପାଳନ କରାଯାଉନାହିଁ। ଏହା ପୁଲିସର ଉତ୍ତରଦାୟିତ୍ୱ ହୋଇଥିଲେ ସୁଦ୍ଧା ଅଭିଯୋଗ ନ ପାଇଲେ ଡିଜେ ସାଉଣ୍ଡକୁ ବନ୍ଦ କରାଯାଉନଥିବା ପରିଲକ୍ଷିତ ହୋଇଛି।

୬୫ ଡେସିବେଲରୁ ଉଚ୍ଚ ଶବ୍ଦ ଉତ୍ପନ୍ନ ଉପରେ ରୋକ୍ ଲଗାଯାଇଛି। ଏପରିକି, ଶବ୍ଦ ପ୍ରଦୂଷଣ ରୋକିବା

## ଗାଁ' ଭସାଣିରେ କମ୍ପୁଛି ଡିଜେ

ପାଇଁ ଥିବା ପୁଲିସଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ କ୍ଷମତା ମଧ୍ୟ ରହିଛି। ଭସାଣି ଶୋଭାଯାତ୍ରାରେ ଯାଉଥିବା ଡିଜେ ଅବା ମ୍ୟୁଜିକ୍ ସିଷ୍ଟମ୍‌ର ସାଉଣ୍ଡ ଲିମିଟର (ଶବ୍ଦ ନିୟନ୍ତ୍ରକ ଯନ୍ତ୍ର) ସଠିକ ଭାବେ ଆମ୍ପ୍ଲିଫାୟାର ସହ ସଂଯୋଗ ହୋଇଛି କି ନାହିଁ, ତାହା ଯାଞ୍ଚ କରିବା କଥା। ନାମକୁ ମାତ୍ର ସାଉଣ୍ଡ ଲିମିଟର୍ ଥିବା ଦେଖାଇ ଧାର୍ଯ୍ୟ ଡେସିବେଲରୁ ଅଧିକ ଶବ୍ଦ ଉତ୍ପନ୍ନ ହେଉଥିବା ଜଣାପଡ଼ିଛି।

ସେହିପରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାତି ୧୦ଟା ପରେ ଡାକବାଜି ଯନ୍ତ୍ର ବ୍ୟବହାର କରି ହେଉଥିବା ଶୋଭାଯାତ୍ରା ଉପରେ କଟକଣା ରହିଛି। ହାଇକୋର୍ଟ ମଧ୍ୟ ଗତ ୨୦୦୮ ମାର୍ଚ୍ଚ ୨୭ରେ ଶବ୍ଦ ପ୍ରଦୂଷଣ ଉପରେ ଲଗାମ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଅତୀତରେ ଗୃହ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ଏସପିମାନଙ୍କୁ ମଧ୍ୟ ଚିଠି କରାଯାଇଥିଲା । ବିଶେଷକରି ସାଉଣ୍ଡଲିମିଟର ରଖିଥିଲେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ବ୍ୟାଣ୍ଡପାର୍ଟି ପଞ୍ଜିକୃତ ହେବା କଥା। ଶୋଭାଯାତ୍ରା ପାଇଁ ଅନୁମତି ମିଳିବା ବ୍ୟବସ୍ଥା ରହିଥିଲା। ହେଲେ ଏସବୁ ଏବେ ପ୍ରହସନ ପାଲଟୁଥିବା ଦେଖିବାକୁ ମିଳିଛି। ଶବ୍ଦର ମାତ୍ରା ବା ପରିମାଣ ମାପିବା ପାଇଁ ଶବ୍ଦ ମାପକ ଯନ୍ତ୍ର ମଧ୍ୟ ଅନେକ ଥାନାମାନଙ୍କରେ ନାହିଁ। ସେହିଭଳି ଅନେକ ଥାନାରେ ଏହି ଯନ୍ତ୍ର ଅଚଳ ଅବସ୍ଥାରେ ପଡ଼ି ରହିଛି। ଏପରିକି, ଡିଜେ ଶବ୍ଦ ପାଇଁ କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳରେ ଗତ ଦୁଇ ବର୍ଷ ତଳେ ଜଣେ ଯୁବକଙ୍କ ଅକାଳରେ ଜୀବନ ଚାଲିଯାଇଥିଲା। ଏହିଭଳି ଘଟଣା ରାଜ୍ୟର ଅନ୍ୟ କେତେକ ଜିଲ୍ଲାରେ ଘଟିଥିବା ନେଇ ଅଭିଯୋଗ ମଧ୍ୟ ଆସୁଛି। ଶବ୍ଦ ପ୍ରଦୂଷଣ ନିରବ ଘାତକ ସାଜିଥିବା ନେଇ ଅତୀତରେ ଓଡ଼ିଶା ରାଜ୍ୟ ମାନବାଧିକାର କମିସନ (ଓଏଚ୍‌ଆରସି) ମଧ୍ୟ ଉଦବେଗ ପ୍ରକାଶ କରିଥିବାର ନଜିର ରହିଛି। ଶବ୍ଦ ପ୍ରଦୂଷଣ ପ୍ରସଙ୍ଗରେ ପୁଲିସ ସହ ସମନ୍ୱୟ ରଖି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନି। ଓଡ଼ିଶା ସହରାଞ୍ଚଳ ପୁଲିସ ଆଇନ ୨୦୦୩ର ଧାରା ୩୨ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ପୁଲିସକୁ ଦିଆଯାଇଛି। ସେହିପରି କେନ୍ଦ୍ର ସରକାରଙ୍କ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଓ କଟକଣା ନିୟମ ୨୦୦୦ ଅନୁସାରେ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ତେବେ ଚଳିତ ପାର୍ବଣରେ ଏହାକୁ କେତେଦୂର କାର୍ଯ୍ୟକାରୀ କରାଯାଇପାରୁଛି ତାହା ଦେଖିବାକୁ ବାକି ରହିଛି।

**ଯାତ୍ରା ମଞ୍ଚରେ ପୁଣି ଅଶ୍ଳୀଳତାକୁ ପ୍ରଶ୍ରୟ**

# ମାର୍ଗଦର୍ଶିକା କଥା ଭୁଲିଗଲେ ସରକାର!

ଭୁବନେଶ୍ୱର,୧।୯ (ସମିସ): କିଛି ଦିନ ତଳେ ଜଟଣୀର ଏକ ଯାତ୍ରା ମଞ୍ଚରେ ବିବାଦୀୟ ନୃତ୍ୟଶିଳ୍ପୀ ନିଶା ମହାରଣାଙ୍କୁ ଚେୟାର୍ ମାଡ଼ ହେଲା। ମଞ୍ଚ ଉପରେ ସେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରୁଥିବା ଅଭିଯୋଗ କରି ଦର୍ଶକ ଗ୍ୟାଲେରିରୁ ଜଣେ ଯୁବକ ତାଙ୍କୁ ଚେୟାର୍ ଫିଙ୍ଗିଲେ। ଏହା ଖାଲି ଗୋଟିଏ ଘଟଣା ନୁହେଁ, ପୂର୍ବରୁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରୁ ଏପରି ଅନେକ ଚିତ୍ର ସାମ୍ନାକୁ ଆସିଛି। ଯାତ୍ରା ମଞ୍ଚରେ ବଢୁଥିବା ଅଶ୍ଳୀଳତା ଉପରେ ରୋକ୍ ଲଗାଇବା ପାଇଁ ନୂଆ ବିଜେପି ସରକାର ଗତ ଖଣ୍ଡଗିରି ମେଳା ପୂର୍ବରୁ ଜୋରସୋର୍‌ରେ ଅଣ୍ଟା ଭିଡ଼ିଥିଲେ। ଖୁବ୍‌ଶୀଘ୍ର ଏଥିପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଆସିବ ବୋଲି ବିଧାୟକଙ୍କଠାରୁ ଆରମ୍ଭ କରି ସଂସ୍କୃତି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ କହି ବୁଲିଲେ, ଗଣମାଧ୍ୟମରେ ବିବୃତି ରଖିଲେ। ଏହାକୁ ନେଇ ବିଧାନସଭାରେ ବି ପ୍ରଶ୍ନ ଉଠିଲା, ଚର୍ଚ୍ଚା-ଆଲୋଚନା ହେଲା। କିନ୍ତୁ ମାସ ପରେ ମାସ ବିତିଗଲା ସିନା, ମାର୍ଗଦର୍ଶିକା ଆସିପାରିଲା ନାହିଁ। ଏବେ ତା'ର ସୋରଶବ୍ଦ ବି ନାହିଁ। ସତେଯେମିତି ସରକାର ଏହାକୁ ପାସୋରି ଯାଇଛନ୍ତି। ଏବେ ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ଯାତ୍ରା ପଡ଼ିବ। ତେଣୁ, ସେଠାରେ ଜଟଣୀ ଭଳି ଯେ ଅପ୍ରୀତିକର ସ୍ଥିତି ସୃଷ୍ଟି ନ ହେବ, ତାହାକୁ ଏଡ଼ାଇ ଦିଆନଯାଇପାରେ ବୋଲି ଓଡ଼ିଶା ଯାତ୍ରା ସୁରକ୍ଷା ମଞ୍ଚ କହିଛି।

ସୂଚନାନୁଯାୟୀ, ଖଣ୍ଡଗିରି ଯାତ୍ରା ସମୟରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତତ୍ପରତା ପ୍ରକାଶ କରିଥିଲେ। ଯାତ୍ରା ମଞ୍ଚରେ ଆଉ ଅଶ୍ଳୀଳ ନୃତ୍ୟ ପରିବେଷଣ ହେବନି। ଦ୍ୱି-ଅର୍ଥବୋଧକ ଶବ୍ଦର ବ୍ୟବହାର ଉପରେ ମଧ୍ୟ କଟକଣା ଲାଗିବ। ଯାତ୍ରାର ମାନଦଣ୍ଡ ସ୍ଥିର କରାଯିବା ସହ ଯେଉଁମାନେ ଯାତ୍ରା ମାଧ୍ୟମରେ ଓଡ଼ିଶାର କଳା ଓ ସଂସ୍କୃତିକୁ ଅପଭ୍ରଂଶ କରିବାକୁ ଚେଷ୍ଟା କରିବେ, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏପରିକି, ରାଜ୍ୟ ସରକାର ଏହାକୁ ନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ଆଣିବେ ବୋଲି ମତ ରଖିଥିଲେ। ସେହିପରି ବିଧାନସଭାରେ ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଯାତ୍ରା ପାର୍ଟିରେ ଅଶ୍ଳୀଳ ନୃତ୍ୟ ପରିବେଷଣ ଉପରେ ରୋକ୍ ଲଗାଇବାକୁ ରାଜ୍ୟ ସରକାର କ'ଣ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରଶ୍ନ କରିଥିଲେ। ମଞ୍ଚରେ ଯେଉଁଭଳି ଅଶ୍ଳୀଳତା ପ୍ରଦର୍ଶନ ହେଉଛି, ତାହା ଉପରେ ରୋକ୍ ଲଗାଇବା ପାଇଁ ତୁରନ୍ତ ଆଇନ ଆଣିବାକୁ ଦାବି କରିଥିଲେ। ବିଧାୟକ ଅକାଶ ଦାସନାୟକ ମଧ୍ୟ ଏନେଇ ମୁହଁ ଖୋଲିଥିଲେ। ଯାତ୍ରାକୁ ଯେଉଁ କିଛି ଜଣ କଳୁଷିତ କରୁଛନ୍ତି, ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଉଚିତ ବୋଲି କହିଥିଲେ। ଖାଲି ସେତିକି ନୁହେଁ, ଯାତ୍ରା କମିଟି ମହାସଂଘ ମଧ୍ୟ ଆଗକୁ ଆସିଥିଲା। ଯାତ୍ରା ଅନୁଷ୍ଠାନ ଲାଗି ସ୍ୱତନ୍ତ୍ର ନିୟମ ଆଣିବା ଦାବିରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ଆଲୋଚନା କରିଥିଲା। ସେତେବେଳେ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ଯେ ଯାତ୍ରାରେ କୌଣସି ପ୍ରକାର ଅପସଂସ୍କୃତିକୁ ପ୍ରଶ୍ରୟ ନ ଦେବା ସହ ସଂସ୍କୃତିର ସୁରକ୍ଷା ଦିଗରେ ଖୁବ୍‌ଶୀଘ୍ର ଏକ ନିର୍ଦ୍ଦେଶାବଳୀ ଜାରି କରାଯିବ। କିନ୍ତୁ ଏହା କେବଳ ପ୍ରତିଶ୍ରୁତିରେ ରହିଯାଇଥିବା କୁହାଯାଉଛି।

ଅପରପକ୍ଷେ, ଅଶ୍ଳୀଳତାକୁ ବିରୋଧ କରି ଓଡ଼ିଶା ଯାତ୍ରା ସୁରକ୍ଷା ମଞ୍ଚ ପକ୍ଷରୁ ଯାତ୍ରା ମାଲିକ ସଂଘ ସହ ମଧ୍ୟ ଏନେଇ ଆଲୋଚନା ହୋଇଥିଲା। ପୁନର୍ବାର ମଞ୍ଚରେ ଅଶ୍ଳୀତାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ମାଲିକ ସଂଘ ମଧ୍ୟ ସ୍ୱୀକାର କରିଥିଲା। କିନ୍ତୁ ଏସବୁ ପରେ ନିକଟ ଅତୀତରେ ଜଟଣୀ ଯାତ୍ରା ମଞ୍ଚରେ ଯାହା ଘଟିଲା, ତାହା ଚିନ୍ତାଜନକ ବୋଲି ଓଡ଼ିଶା ଯାତ୍ରା ସୁରକ୍ଷା ମଞ୍ଚ କହିଛି। ମଞ୍ଚ ଏହାର ବିରୋଧ କରିବା ସହ ଆଗାମୀ ବୈଠକରେ ଏ ବିଷୟରେ ମାଲିକ ସଂଘର ସଭାପତିଙ୍କ ସହ ଆଲୋଚନା କରିବ ବୋଲି କହିଛି। ମଞ୍ଚରେ ଅଶ୍ଳୀଳତା କାହିଁକି ପ୍ରଶ୍ରୟ ଦିଆଗଲା ବୋଲି ପ୍ରଶ୍ନ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

# ଆରମ୍ଭ ହେଲା କଂଗ୍ରେସର 'ସଂଗଠନ ସୃଜନ' ଅଭିଯାନ

**■ ୧୪ ସୁଦ୍ଧା ଏଆଇସିସିକୁ ଦିଆଯିବ ଜିଲ୍ଲା ସଭାପତି ତାଲିକା**
**■ ଆଜି ଓଡ଼ିଶା ଆସୁଛନ୍ତି ଏଆଇସିସିର ୭ଜଣ ପର୍ଯ୍ୟବେକ୍ଷକ**

ଭୁବନେଶ୍ୱର,୧।୯ (ସମିସ): ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ନିର୍ଦ୍ଦେଶ କ୍ରମେ ଓଡ଼ିଶାରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ରାଜ୍ୟର ସମସ୍ତ ୩୫ ଟି କଂଗ୍ରେସ ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଚୟନ କରାଯିବ। ଏଥିପାଇଁ ଏଆଇସିସି ପକ୍ଷରୁ ନିଯୁକ୍ତ ହୋଇଥିବା ୩୫ ଜଣ ପର୍ଯ୍ୟବେକ୍ଷକଙ୍କ ଗସ୍ତ ଆରମ୍ଭ ହୋଇଯାଇଛି। ରବିବାର ରାତିରେ ବାଲେଶ୍ୱର ଓ କେନ୍ଦ୍ରାପଡ଼ା ପାଇଁ ଏଆଇସିସି ପର୍ଯ୍ୟବେକ୍ଷକ ଭାବେ ଯଥାକ୍ରମେ ସାଂସଦ ଶ୍ରେୟାସ ଏମ୍ ପଟେଲ ଓ ଏଆଇସିସି ସମ୍ପାଦକ ଗୋପୀନାଥ ପାଲାନିୟାପନ୍ ଭୁବନେଶ୍ୱରରେ ପହଞ୍ଚି ସମ୍ପୃକ୍ତ ଜିଲ୍ଲା ଗସ୍ତ କରିଥିବା ବେଳେ ସୋମବାର ଦେବଗଡ଼, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ (ପୂର୍ବ), ନବରଙ୍ଗପୁର, ନୟାଗଡ଼ ଓ ନୂଆପଡ଼ା ପାଇଁ ନଯୁକ୍ତ ପର୍ଯ୍ୟବେକ୍ଷକମାନେ ଓଡ଼ିଶାରେ ପହଞ୍ଚିଛନ୍ତି।

ପର୍ଯ୍ୟବେକ୍ଷକମାନେ ସେମାନଙ୍କ ଆବଣ୍ଟିତ ଜିଲ୍ଲା ଗସ୍ତ କରିଥିବା ବେଳେ ସେଠାରେ ସ୍ଥାନୀୟ କଂଗ୍ରେସ ନେତୃବୃନ୍ଦ ଓ କର୍ମୀଙ୍କ ସହ ଆଲୋଚନା ମଧ୍ୟ ଆରମ୍ଭ କରିଛନ୍ତି। ଏଆଇସିସି ପର୍ଯ୍ୟବେକ୍ଷକମାନଙ୍କ ସହିତ ୩ ଜଣିଆ ପିସିସି ପର୍ଯ୍ୟବେକ୍ଷକମାନେ ମଧ୍ୟ ସେମାନଙ୍କ ସହ ଜିଲ୍ଲା ଗସ୍ତ କରିଛନ୍ତି। ଏହି କମିଟି ଗସ୍ତ ଓ ସଂଗଠନ ସୃଜନ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ପର୍ଯ୍ୟବେକ୍ଷକମାନେ ନିଜ ନିଜ ନିର୍ଦ୍ଧାରିତ ଜିଲ୍ଲାରେ ଅନ୍ୟୁନ ୭ ଦିନ ବିଭିନ୍ନ ବ୍ଲକ୍ ଗସ୍ତରେ ଯାଇ ସେଠାକାର କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କ ସହ ଆଲୋଚନା କରିବେ। ଏହି ସମୟ ମଧ୍ୟରେ ସେମାନେ ୬ ଜଣିଆ ପ୍ରାରମ୍ଭିକ ତାଲିକା ପ୍ରସ୍ତୁତ କରିବେ। ଉକ୍ତ ତାଲିକାରେ ଅନୁସୂଚିତ ଜାତି, ଜନଜାତି, ମହିଳା, ଓବିସି ଓ ସଂଖ୍ୟାଲଘୁ ଆଦି ବର୍ଗର ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଆଯିବ। ଉକ୍ତ ତାଲିକାରୁ ଏଆଇସିସି ଜଣଙ୍କ ନାମ ସଭାପତି ଭାବେ ଘୋଷଣା କରିବ। ଏହି ପ୍ରକ୍ରିୟାକୁ ଯଥାସମ୍ଭବ ସ୍ୱଚ୍ଛ ଓ ନିରପେକ୍ଷ କରିବାକୁ ଏଆଇସିସି ତରଫରୁ ପରାମର୍ଶ ଦିଆଯାଇଛି। ଫଳରେ ପ୍ରତି ଜିଲ୍ଲାରେ ଜଣେ ଲେଖାଏଁ ଯୋଗ୍ୟ ତଥା ଦକ୍ଷ ବ୍ୟକ୍ତି ଦଳର ସାଂଗଠନିକ ନେତୃତ୍ୱ ନେବେ ବୋଲି ଶ୍ରୀ ଦାସ ଆଶା ପ୍ରକାଶ କରିଛନ୍ତି। ଏହି ପ୍ରକ୍ରିୟା ଆସନ୍ତା ୧୪ ତାରିଖରେ ସରିବ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ମଙ୍ଗଳବାର ମଧ୍ୟ ୭ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଓଡ଼ିଶା ଆସିବେ ବୋଲି କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି।



## ଆଜିର ରାଶିଫଳ

**ମେଷ:** ଅଟକି ଥିବା କାର୍ଯ୍ୟ ପୂରଣ କରିବେ। ଆପଣଙ୍କ ପାଇଁ ସମୟ ବହୁତ ଭଲ। ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହେବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଦାନଧର୍ମରେ ସମୟ ଅତିବାହିତ ହେବ।

**ବୃଷ:** କାର୍ଯ୍ୟକ୍ଷେତ୍ରରେ ଉଚ୍ଚପଦସ୍ଥଙ୍କଠାରୁ ପ୍ରଶଂସିତ ହେବେ। ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ଉଧାର ଟଙ୍କା ଫେରି ପାଇବେ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଆର୍ଥିକ ମାମଲାରେ ସାବଧାନ ରହିବେ। କଥା କହିବା ସମୟରେ ସଂଯମତା ରକ୍ଷା କରନ୍ତୁ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ସାହିତ୍ୟ ସମାବେଶରେ ପ୍ରଶଂସିତ ହୋଇପାରନ୍ତି। ସମୟର ସଦୁପଯୋଗ କରନ୍ତୁ। ପାରିବାରିକ କଳହ ଦେଖା ଦେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ସିଂହ:** ଆୟ ବ୍ୟୟ ସମାନ ହେବ। ଅକସ୍ମାତ୍ ଧନ ଲାଭ ଯୋଗ ରହିଛି। ନିର୍ଦ୍ଧାରିତ ଯୋଜନା ମୁତାବକ କାମ ହେବ। ବିଦ୍ୟାର୍ଥୀମାନେ ପଢ଼ାମନସ୍କ ହେବେ। ନିବେଶରୁ ଲାଭ ମିଳିବ।

**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ନିଜ ଟାର୍ଗେଟ୍‌କୁ ପୂରା କରନ୍ତୁ। ନୂତନ ଯାନବାହନ କ୍ରୟ କରିପାରନ୍ତି। ଅଯଥାରେ କାହା ସହିତ ଯୁକ୍ତିତର୍କ କରନ୍ତୁନି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ତୁଳା:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଉତ୍ତମ ବୁଦ୍ଧିରେ କାର୍ଯ୍ୟ ପୂରା କରିବେ। ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ପଡ଼ନ୍ତୁନି। ସକାରାତ୍ମକ ଚିନ୍ତାଧାରାରେ ଆଗକୁ ବଢ଼ନ୍ତୁ।

**ବିଛା:** ଅଟକି ଥିବା ଦିଗରୁ ଧନ ମିଳିପାରେ। ଆୟ ଅନୁସାରେ ବ୍ୟୟ ଅଧିକ ହେବ। ପରିବାରର ଚାପ ଆପଣଙ୍କ ଉପରେ ଅଧିକ ରହିବ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ଧନୁ:** ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କଠିନ ପରିଶ୍ରମ କରିବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ପାଇପାରନ୍ତି। ଦୂରସ୍ଥାନ ଯାତ୍ରା କରିପାରନ୍ତି। ରାଜନେତାଙ୍କ ପାଇଁ ଦିନଟି ଭଲ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜିର ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ା ପ୍ରତି ଅଧିକ ଧ୍ୟାନ ଦେବେ। ଦିନଟି ବେଶ୍ ହସଖୁସିରେ ବିତିବ।

**କୁମ୍ଭ:** ଅଚାନକ ଆପଣଙ୍କ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଅନ୍ୟକୁ ଉଧାର ଦେଇ ଠକି ପାରନ୍ତି। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ପାରିବାରିକ ମତଭେଦ ଦେଖା ଦେଇପାରେ । ଅନ୍ୟକୁ ଅଧିକ ବିଶ୍ୱାସ କରନ୍ତୁ ନାହିଁ। ମହିଳାମାନେ ଅଯଥା ଖର୍ଚ୍ଚ କରିବେ। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

## ଆଜିର ଇତିହାସ

- ୧୯୧୯ - ଇଟାଲୀରେ ସର୍ବସାଧାରଣଙ୍କୁ ମତଦାନ ଅଧିକାର ଦିଆଗଲା।
- ୧୯୪୫- ଭିଏତନାମ ସ୍ୱାଧୀନ ହୋଇଥିଲା।
- ୧୯୬୯ - ବିଶ୍ୱର ପ୍ରଥମ ଏଟିଏମ୍ ନ୍ୟୁୟର୍କରୁ ଆରମ୍ଭ ହେଲ।
- ୧୯୯୮ - ସ୍ୱିସ୍ ଏୟାର୍ ବିମାନ ଦୁର୍ଘଟଣାରେ ୨୨୯ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା ।
- ୨୦୦୯ - ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ୱାଇ. ଏସ୍. ରାଜଶେଖର ରେଡ୍ଡୀଙ୍କୁ ନେଇ ଯାଉଥିବା ବିମାନ ଦୁର୍ଘଟଣାଗ୍ରସ୍ତ।

# ପୁଣି ଫେରିବ ରଣବୀର-ଆଦିତ୍ୟ ଯୋଡ଼ି

ବଲିଉଡ୍ ଅଭିନେତା ରଣବୀର ସିଂହ ଏବେ ଆଦିତ୍ୟ ଧରଙ୍କ ଫିଲ୍ମ 'ଧୁରନ୍ଧର'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଇତିମଧ୍ୟରେ ଆଦିତ୍ୟ ରଣବୀରଙ୍କୁ ନେଇ ଆଉ ଏକ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି ବୋଲି ଜଣାପଡ଼ିଛି। ଏହି ଯୋଡ଼ି ପୌରାଣିକ ବିଷୟବସ୍ତୁ ଉପରେ ଏକ ଫିଲ୍ମ ନିର୍ମାଣ କରୁଛନ୍ତି। ତେବେ ଏହି ଫିଲ୍ମର ଟାଇଟଲ୍ 'ଦ ଇମୋର୍ଟାଲ ଅଶ୍ୱଥାମା' ହେବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। 'ଉରି: ଦ ସର୍ଜିକାଲ୍ ଷ୍ଟ୍ରାଇକ୍'ପରେ ଆଦିତ୍ୟ ଭିକି କୌଶଳଙ୍କୁ ନେଇ 'ଦ ଇମୋର୍ଟାଲ ଅଶ୍ୱଥାମା' ଫିଲ୍ମ ନିର୍ମାଣ କରିଥାନ୍ତେ। କିନ୍ତୁ ମହାମାରୀ ପରେ ବକ୍ସ ଅଫିସ୍ ସ୍ଥିତିକୁ ଦେଖି ଆଦିତ୍ୟ ଏହି ଫିଲ୍ମକୁ ବନ୍ଦ କରି ଦେଇଥିଲେ। ତେବେ ପୁଣିଥରେ ଆଦିତ୍ୟ ରଣବୀରଙ୍କୁ ନେଇ ସେହି ଫିଲ୍ମ ନିର୍ମାଣ କରିବେ ଏହାର ଆଶା ଖୁବ୍ କମ୍ ଲାଗୁଛି। 'ଧୁରନ୍ଧର' ଫିଲ୍ମ ସମୟରେ ଆଦିତ୍ୟ ଓ ରଣବୀରଙ୍କ ମଧ୍ୟରେ ଏକ ଭଲ ବଣ୍ଡିଂ ଦେଖିବାକୁ ମିଳିଥିଲା। ତେବେ ଆସନ୍ତା ବର୍ଷ ଆରମ୍ଭରେ ଆଦିତ୍ୟ ତାଙ୍କର ଏହି ନୂଆ ଫିଲ୍ମର କାହାଣୀ ଉପରେ କାମ ଆରମ୍ଭ କରିଦେବେ। ଏହାର କାହାଣୀ ଲେଖା ସରୁ ସରୁ ରଣବୀର 'ଡନ୍-୩'ର ସୁଟିଂ ସାରି ଦେଇଥିବେ। ୨୦୨୭ ଆରମ୍ଭରୁ ଏହାର ସୁଟିଂ ଆରମ୍ଭ ହୋଇପାରେ। 'ଧୁରନ୍ଧର' ଫିଲ୍ମର ଆଉ ୩୫-୪୦ ଦିନର ସୁଟିଂ ବାକି ଅଛି। ଫିଲ୍ମ ନିର୍ମାତା ଏହାକୁ ଡିସେମ୍ବର ୫ରେ ରିଲିଜ୍ କରିବା ପାଇଁ ଯୋଜନା ରଖିଛନ୍ତି। ଏଥିରେ ରଣବୀରଙ୍କ ସହ ଆର୍. ମାଧବନ୍, ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଅର୍ଜୁନ୍ ରାମପାଳ, ସାରା ଅର୍ଜୁନ୍ ପ୍ରମୁଖ ନଜର ଆସିବେ।





# ଶ୍ରୀଫଳ ପାଇଁ ଦିନଟିଏ

ବିଶ୍ୱର ସର୍ବାଧିକ ଉପାଦେୟ ବୃକ୍ଷ ହେଉଛି ନାରିକେଳ ବା ନଡ଼ିଆ । ସ୍ୱାସ୍ଥ୍ୟ ଓ ସଂସ୍କୃତି ପ୍ରତି ଏହାର ଅବଦାନ ଅତୁଳନୀୟ । ଏହାର ଉପାଦେୟତା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ସେପ୍ଟେମ୍ବର ୨ ତାରିଖରେ ବିଶ୍ୱ ନାରିକେଳ ବା ନଡ଼ିଆ ଦିବସ ପାଳନ କରାଯାଏ । ୨୦୦୯ ସେପ୍ଟେମ୍ବର ୨ ତାରିଖରେ 'ଏସିଆ ପ୍ୟାସିଫିକ୍ କୋକୋନଟ୍ କମ୍ୟୁନିଟି' ଗଠନ କରାଯାଇଥିଲା। ଏହାର ପ୍ରତିଷ୍ଠା ଦିବସ ଉପଲକ୍ଷେ 'ବିଶ୍ୱ ନାରିକେଳ ଦିବସ' ପାଳନ କରାଯାଏ। ନଡ଼ିଆ ଚାଷ ଓ ତା'ର ଉତ୍ପାଦନ କିପରି ବୃଦ୍ଧି କରାଯାଇ ପାରିବ, ତାହା ଉପରେ ଗୁରୁତ୍ୱ ପ୍ରଦାନ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଏହାସହ ସ୍ୱାସ୍ଥ୍ୟ ପାଇଁ ନଡ଼ିଆର ଆବଶ୍ୟକତା ବିଷୟରେ ବି ସଚେତନତା ସୃଷ୍ଟି କରାଯାଇଥାଏ। ଭାରତରେ ଏହି ଦିବସକୁ କୋକୋନଟ୍ ଡେଭଲପ୍‌ମେଣ୍ଟ ବୋର୍ଡ ଦ୍ୱାରା ନଡ଼ିଆ ଚାଷ କରାଯାଉଥିବା ଅଞ୍ଚଳଗୁଡ଼ିକରେ ପାଳନ କରାଯାଉଛି। ଭାରତୀୟ ସଂସ୍କୃତିରେ ନଡ଼ିଆ ବା ଶ୍ରୀଫଳର ଗୁରୁତ୍ୱ ଯଥେଷ୍ଟ ଅଧିକ। 'ଶ୍ରୀ' ଶବ୍ଦର ଅର୍ଥ ହେଉଛି 'ଶ୍ରେଷ୍ଠ'। ଫଳମାନଙ୍କ ଭିତରେ ନଡ଼ିଆ ଶ୍ରେଷ୍ଠ ହୋଇଥିବାରୁ ଏହାର ନାମ ଶ୍ରୀଫଳ। ଈଶ୍ୱରଙ୍କୁ ସର୍ବଦା ଭଲ ବା ଶ୍ରେଷ୍ଠ ଦ୍ରବ୍ୟ ହିଁ ଅର୍ପଣ କରାଯିବାର ବିଧି ରହିଛି। ତେଣୁ ପ୍ରତ୍ୟେକ ପୂଜା ପାଠରେ ନଡ଼ିଆର ବ୍ୟବହାର ହୋଇଥାଏ। ସେହିଭଳି ସବୁ ଦେବଦେବୀଙ୍କୁ ଆବାହନ କରିବାବେଳେ ନଡ଼ିଆର ଆବଶ୍ୟକତା ପଡ଼ିଥାଏ। ଭାରତରେ ମନ୍ଦିରରେ ପ୍ରମୁଖ ଦାନ ଭାବରେ ନଡ଼ିଆକୁ ଗ୍ରହଣ କରାଯାଏ । ବିବାହ, ବ୍ରତୋପନୟନ, ପର୍ବପର୍ବାଣି, ନୂତନ ଯାନବାହନ କ୍ରୟବେଳେ ମଧ୍ୟ ଭଗବାନଙ୍କ ପାଖରେ ଶ୍ରୀଫଳ ସମର୍ପଣ କରାଯାଏ। ଶୁଭ କଳସ ସ୍ଥାପନା ହେଉ କି ଭୋଗ କିମ୍ବା ପ୍ରସାଦରେ ନାସିଲଗା ନଡ଼ିଆ ବ୍ୟବହାର ତ ନିଶ୍ଚୟ ହୋଇଥାଏ । ସେହିଭଳି ନଡ଼ିଆ ଗଛର ସମସ୍ତ ଅଙ୍ଗ ଆମ କାମରେ ଲାଗେ । ନଡ଼ିଆ ରସରୁ ତେଲ, ନଡ଼ିଆକତାରୁ ବିଭିନ୍ନ ପ୍ରକାର ସାମଗ୍ରୀ ଓ ସାଜସରଞ୍ଜାମ ପ୍ରସ୍ତୁତ ହୋଇଥାଏ। ନଡ଼ିଆ ଗଛର ଗଣ୍ଡିକୁ ଖୁଣ୍ଟ ରୂପରେ ଏବଂ ବାହୁଙ୍ଗାକୁ ଛପର ରୂପରେ ବ୍ୟବହାର କରାଯାଏ । ଦକ୍ଷିଣ ଭାରତରେ ନଡ଼ିଆର ଉପଯୋଗ ବହୁ ଅଧିକ ସେଥିପାଇଁ ସେଠାରେ ଏହାକୁ 'ସବୁଜ ସୁନା' ବୋଲି କୁହାଯାଏ । ସମୁଦ୍ରକୂଳିଆ ଲୁଣିଆ ଅଞ୍ଚଳ ନଡ଼ିଆ ଚାଷ ପାଇଁ ଭଲ ହୋଇଥାଏ । ନଡ଼ିଆ ଯୋଗୁଁ ସମୃଦ୍ଧ ହୋଇଥିବା ଅଞ୍ଚଳରେ ଦକ୍ଷିଣ ପୂର୍ବ ଏସିଆ, ଇଣ୍ଡୋନେସିଆ, ଭାରତ, ଅଷ୍ଟ୍ରେଲିଆ ପ୍ରଶାନ୍ତ ମହାସାଗର ଦ୍ୱୀପପୁଞ୍ଜ, ଦକ୍ଷିଣ ଆମେରିକା, ଆଫ୍ରିକା ଆଦି ରହିଛି। ଆମ ଦେଶରେ ତାମିଲନାଡୁ, କେରଳ ଏବଂ କର୍ଣ୍ଣାଟକ ଅଧିକ ପରିମାଣରେ ନଡ଼ିଆ ଉତ୍ପାଦନ କରାଯାଏ। ଆମ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରଚୁର ନଡ଼ିଆଗଛ ଦେଖିବାକୁ ମିଳେ। ପୁରୀ ଜିଲ୍ଲାର ସାକ୍ଷୀଗୋପାଳରେ ଏଥିପାଇଁ ସ୍ୱତନ୍ତ୍ର ବଜାର ରହିଛି। ମହାଦେବଙ୍କ ତ୍ରିନୟନ ପରି ଶ୍ରୀଫଳର ମଧ୍ୟ ତିନୋଟି ଆଖି ଥାଏ। କିନ୍ତୁ ଏକ ଆଖି ନଡ଼ିଆ ଅତି ଶୁଭ ବୋଲି ବିଶ୍ୱାସ ରହିଛି। ଏହାକୁ ଠାକୁର ଘରେ ରଖି ପୂଜା କଲେ ଧନ ରତ୍ନର ବୃଦ୍ଧି ପାଏ ବୋଲି ବିଶ୍ୱାସ ରହିଛି।

# ମାନବ ଶୃଙ୍ଖଳରେ ଶ୍ରୀଗଣେଶ ପ୍ରତିକୃତି

ଗଣେଶ ପୂଜା ଲାଗି ଉତ୍ସବମୁଖର ପୁରଠୁ ପଲ୍ଲୀ। ଇତିମଧ୍ୟରେ ଅନେକ ସ୍ଥାନରେ ଭସାଣ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ଏବେବି ଅନେକ ପୂଜାମଣ୍ଡପରେ ବିଘ୍ନ ବିନାଶକ ପୂଜା ପାଉଛନ୍ତି। ତେବେ ଗଣେଶ ପୂଜା ଅବସରରେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର୍ କରାଯାଇଛି। ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। କିଛି କଲେଜ ପିଲା ଏକତ୍ର ହୋଇ ଭଗବାନ ଗଣେଶଙ୍କର ଏକ ଆକର୍ଷଣୀୟ ରୂପ ତିଆରି କରିବାକୁ ଚେଷ୍ଟା କରିଛନ୍ତି। ଏହି ଯୁବକମାନେ ଏକ ବିଶାଳ ହ୍ୟୁମାନ ଚେନ୍ ବା ମାନବ ଶୃଙ୍ଖଳ ତିଆରି କରିଛନ୍ତି। ତେବେ ଗଣେଶଙ୍କର ଏକ ଆକର୍ଷଣୀୟ ଆକୃତି ତିଆରି କରିବା ଲାଗି ସେମାନେ ଏକତ୍ର ହୋଇଛନ୍ତି। ସେମାନେ ଏହି ପ୍ରତିକୃତିଟିକୁ ତିଆରି କରିବା ପାଇଁ ରଙ୍ଗୀନ ପୋଷାକ ମଧ୍ୟ ପିନ୍ଧିଛନ୍ତି। ଏହା ସେମାନଙ୍କର ଭକ୍ତି, ଏକତା ଏବଂ ସୃଜନାତ୍ମକ ଜ୍ଞାନ କୌଶଳକୁ ପ୍ରତିଫଳିତ କରିଛି। ଏହିପରି ଭାବେ ସେମାନେ ମନ୍ତ୍ରମୁଗ୍ଧ କଲା ଭଳି ଗଣେଶଙ୍କର ଏକ ସୁନ୍ଦର ପ୍ରତିମୂର୍ତ୍ତି କରିଛନ୍ତି। ଇନଷ୍ଟାଗ୍ରାମରେ ଏହାର ଭିଡିଓକୁ କେଶବ ଆର୍ ପେଟେ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି। ଅନେକ ଏହାକୁ 'ଦିବ୍ୟ ଦୃଶ୍ୟ' ବୋଲି କହିଛନ୍ତି। ଅନ୍ୟପଟେ ଆଉ କେହି କେହି ଯୁବକମାନଙ୍କର ଏଭଳି ପ୍ରୟାସକୁ ପ୍ରଶଂସା କରିଛନ୍ତି।





# ସୁବର୍ଣ୍ଣା

# ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବ ଗୋମିନି



ଭାରତ ଏକ କୃଷି ପ୍ରଧାନ ଦେଶ। ଏଠାରେ ଲୋକମାନେ ଚାଷ କାର୍ଯ୍ୟ ସହିତ ଗାଈ, ଛେଳି, କୁକୁଡ଼ା ଆଦି ପାଳନ କରି ଜୀବିକା ନିର୍ବାହ କରନ୍ତି। ହେଲେ ବର୍ତ୍ତମାନ ଗୋପାଳନ କରିବା କଷ୍ଟକର କାମ ଭାବି ଅନେକ ଏଥିରୁ ମୁହଁ ଫେରାଇ ନେଉଛନ୍ତି। ଆଉ କିଛି ଦେଶୀ ଗାଈ ବଦଳରେ ଜର୍ସି ଗାଈ ପାଳନରୁ ରୋଜଗାର କରୁଛନ୍ତି। ତେଣୁ ଆଧୁନିକ କୌଶଳରେ ଦେଶୀ ଗାଈ ସଂରକ୍ଷଣ ଦିଗରେ ସଚେତନ କରିବା,ସେମାନଙ୍କ ଦେଖାରଖା ତଥା ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ 'ଗୋମିନି' ନାମକ ପ୍ଲାଟ୍‌ଫର୍ମ ଶୁଭାରମ୍ଭ ହୋଇଛି। ଗୋମିନିର ସଂସ୍ଥାପକ ତଥା ସିଇଓ ହେଉଛନ୍ତି ଅର୍ଜୁନ ଶର୍ମା। ସେ ଗୌରୀ ଶଙ୍କରଙ୍କ ସହିତ ମିଳିତ ଭାବେ ଏହି ମଡେଲ କରିଛନ୍ତି। ଏହା ଜରିଆରେ ସହରାଞ୍ଚଳବାସୀ ଗାଈ ସହିତ ଯୋଡ଼ି ହୋଇ ଶୁଦ୍ଧ ଏ୨ କ୍ଷୀର ଏବଂ ପଞ୍ଚଗବ୍ୟ ଉତ୍ପାଦ ପାଇପାରିବେ। ଅବଶ୍ୟ ଗୋମିନି ଏକ ସ୍ୱତନ୍ତ୍ର ମଡେଲ ଆପଣାଇଛି। ଯାହାକି ସହରୀ ପରିବାର ଗାଈର ମାଲିକ ହେଲେ ବି ଗାଈଙ୍କ ଦେଖାରଖା ଗ୍ରାମୀଣ ମହିଳା ଏବଂ ଚାଷୀମାନେ କରିବେ। ମହିଳାଙ୍କୁ ଏଥିପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ମଧ୍ୟ ଦିଆଯିବ। ଗାଈଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆର୍‌ଏଫ୍‌ଆଇଡି ଟ୍ୟାଗ୍ ଏବଂ ବ୍ଲକ୍‌ଚେନ୍ ଆଧାରିତ ଏନ୍‌ଏଫ୍‌ଟି ସହିତ ଯୋଡା ଯାଇଛି। ଗାଈମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଜାଣିବାକୁ ଆଇଓଟି ଉପକରଣ ଲଗାଯାଇଛି। ଏହା ସେମାନଙ୍କର ଖାଦ୍ୟପେୟ ଏବଂ ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖିବ। ଏଆଇ ଜରିଆରେ ମୋବାଇଲ୍ କିମ୍ବା କମ୍ପ୍ୟୁଟର ଯୋଗେ ଗାଈ ଅସୁସ୍ଥତା ଅନୁଭବକୁ ଦେଖି ମାଲିକ ପ୍ରାଥମିକ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେଇ ପାରିବେ। ଭବିଷ୍ୟତରେ 'ଗୋମିନି' ଲୋକଙ୍କୁ ସଶକ୍ତ କରିବା ସହ ଜୈବିକ ଚାଷକୁ ଅଧିକ ପ୍ରାଧାନ୍ୟ ଦେବ।

# ଏ ମାସର ଚାଷ

**ଆମ ରାଜ୍ୟର ଅଧିକାଂଶ ଲୋକମାନେ ଚାଷ କାର୍ଯ୍ୟ କରି ଜୀବିକା ନିର୍ବାହ କରନ୍ତି। ତେବେ ସେପ୍ଟେମ୍ବର ମାସଟି ସବୁଜ ପନିପରିବା ଚାଷ ପାଇଁ ସବୁଠୁ ଉପଯୁକ୍ତ ସମୟ। ଏହି ମାସରେ କେଉଁ କେଉଁ ମୁଖ୍ୟ ଚାଷ କରାଯାଇପାରିବ ଜାଣିବା...**

ଧାନର ପିଲ ଦେବା, ଥୋଡ଼ ହେବା, ଫୁଲ ବାହାରିବା ଓ କ୍ଷୀର ଢୋକିବା ଅବସ୍ଥା ସଙ୍କଟକାଳୀନ ଅବସ୍ଥା। ଏହି ସମୟରେ ପାଣି ରହିବା ଏକାନ୍ତ ଆବଶ୍ୟକ।

ମକା ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଜରୁରି। ଏମାସରେ ଡାଲିଜାତୀୟ ଫସଲରେ ପତ୍ରଛଦା ଓ ସଁବାଳୁଆ ପୋକ ନିୟନ୍ତ୍ରଣ କରିବା ମୁଖ୍ୟକାର୍ଯ୍ୟ। ଅଳସୀ ବୁଣା ଶୀଘ୍ର ଶେଷ କରନ୍ତୁ।

କପା ଫସଲରେ ବକରା ନ ଝଡ଼ିବା ପାଇଁ ପ୍ରତି ୪ରୁ ୫ ଲିଟର ପାଣିରେ ୧ ମିଲି ଏନ୍‌ଏଏ (ହରମୋନ୍) ମିଶାଇ ସିଞ୍ଚନ କରନ୍ତୁ। ଆଖୁ ଫସଲରେ ରୋଗପୋକ ପର୍ଯ୍ୟବେକ୍ଷଣ କରନ୍ତୁ। ଅନୁମୋଦିତ ନିୟନ୍ତ୍ରଣ ପ୍ରଣାଳୀ ଗ୍ରହଣ କରନ୍ତୁ। ରବି ଚାଷ ପାଇଁ ଫସଲ ଖସଡ଼ା ପ୍ରସ୍ତୁତ କରନ୍ତୁ। ମାଟିର ବତର ଦେଖି ଏ ମାସର ଶେଷ ସପ୍ତାହ ବେଳକୁ ଅଣଜଳସେଚିତ ସୋରିଷ ବୁଣିପାରିବେ।

ଏହି ସମୟରେ ତାପମାତ୍ରା ମୁଖ୍ୟତଃ ୨୫ ଡିଗ୍ରୀ ସେଲ୍‌ସିୟସରୁ ୩୦ ଡିଗ୍ରୀ ମଧ୍ୟରେ ରହିଥାଏ। ତେଣୁ ଶୀତଦିନିଆ ପନିପରିବା ଚାଷ ପାଇଁ ଯଥା- ପତ୍ରକୋବି, ଫୁଲକୋବି, ସିମଳା ଲଙ୍କା, ବାଇଗଣ, ଲାଉ ଆଦି ପାଇଁ ତଳି ପକାନ୍ତୁ। ନର୍ସରୀ ପ୍ରସ୍ତୁତ କରିବାକୁ ମାଟିକୁ ଅତି କମ୍‌ରେ ଛଅ ଇଞ୍ଚ ଉଚ୍ଚରେ ଶଯ୍ୟା କରନ୍ତୁ। ବିହନ ବୁଣିବା ପରେ ଏହା ଉପରେ ବାଉଁଶର ସଂରଚନା କରି ପଲିଥିନ୍ ଢାଙ୍କି ଦେବା ଜରୁରି। ଏହା ଦ୍ୱାରା ଅଚାନକ ବର୍ଷା, ଅଧିକ ଆର୍ଦ୍ରତା, ରୋଗପୋକ ପ୍ରକୋପରୁ ଚାରାକୁ ସୁରକ୍ଷା ମିଳିଥାଏ।



# ମାଟିର ଉର୍ବରତା ବଢ଼ାଏ ଲେମ୍ବୁ ଚୋପା

**ଚାଷ ପାଇଁ ଜଳ ଓ ଉର୍ବର ମାଟି ଅପରିହାର୍ଯ୍ୟ। ଏହା ଦ୍ୱାରା ଫସଲ ବୃଦ୍ଧି ଭଲ ହୁଏ। ହେଲେ ଗଛ ଲଗାଇବା ପୂର୍ବରୁ ମାଟି ପରିଚାଳନା ନ କଲେ ଫସଲରେ ରୋଗ ପୋକ ଲାଗିଥାଏ। ଏହା ଦ୍ୱାରା ଫସଲ ବୃଦ୍ଧିରେ ବାଧା ଉପୁଜିଥାଏ। ତେଣୁ ଫସଲକୁ ରୋଗପୋକ ଆକ୍ରମଣରୁ ରକ୍ଷା କରିବା ପାଇଁ ଅଳ୍ପ ଖର୍ଚ୍ଚରେ ଜୈବିକ ଉପାୟରେ ମାଟିର ଉର୍ବରକୁ ବଢ଼ାଇ ପାରିବେ। ଏଥିପାଇଁ ଲେମ୍ବୁ ଚୋପାର ବିଶେଷ ଭୂମିକା ରହିଛି। ଏହା ମଧ୍ୟ ପରିବେଶ ଅନୁକୂଳ।**

- ଦୈନନ୍ଦିନ ବ୍ୟବହୃତ ଲେମ୍ବୁ ଚୋପା ବର୍ଜ୍ୟ ନୁହେଁ। ଏଥିରେ ନାଇଟ୍ରୋଜେନ୍, ଫସ୍‌ଫରସ୍, ପଟାସିୟମ ଆଦି ପୋଷକତତ୍ତ୍ୱ ରହିଥାଏ। ତେଣୁ ଲେମ୍ବୁ ଚୋପାକୁ ଶୁଖାଇ ତାକୁ ଗୁଣ୍ଡ କରି ମାଟିରେ ମିଶାଇବା ଦ୍ୱାରା ଗଛର ବିକାଶ ହୁଏ। ସେହିପରି ଲେମ୍ବୁ ଚୋପାର ସୁଗନ୍ଧରେ ପିମ୍ପୁଡି, ମାଛି ତଥା ଅନ୍ୟାନ୍ୟ କୀଟ ଦୂର ହୋଇଥାନ୍ତି।
- ଲେମ୍ବୁ ଚୋପା ପକାଇବା ଦ୍ୱାରା ଖତ ଶୀଘ୍ର ସଢ଼ିବା ସହ ଏହାର ଗୁଣବତ୍ତା ଭଲ ରୁହେ। ତେଣୁ ଖତରେ ଲେମ୍ବୁ ଚୋପାକୁ ଛୋଟ ଛୋଟ ଖଣ୍ଡ କରି ପକାଇ ପାରିବେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଲେମ୍ବୁ ଖୋଳରେ ଅଳ୍ପ ମାଟି ଭର୍ତ୍ତି କରି ସେଥିର ବିହନ ରଖିବା ଦ୍ୱାରା ଚାରା ଅଙ୍କୁରିତ ହୋଇଥାଏ। ଏହା ପରେ ପୁରା ଲେମ୍ବୁ ଚୋପାକୁ ମାଟିରେ ପୋତି ପାରିବେ। ଟମାଟୋ, ଗୋଲାପ, ବ୍ଲୁବେରୀ, ଆଦି ଗଛ ଲଗାଇବାକୁ ଚାହୁଁଥିଲେ ମାଟିରେ ଲେମ୍ବୁ ଚୋପାର ଗୁଣ୍ଡ ମିଶାଇ ପାରିବେ। ଏହା ପ୍ରାକୃତିକ ରୂପେ ଅମ୍ଳକ୍ଷାରସ୍ତରକୁ ନିୟନ୍ତ୍ରଣ କରିଥାଏ।
- କେବଳ ସେତିକି ନୁହେଁ, ଲେମ୍ବୁ ଚୋପାରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଫଙ୍ଗାଲ ଗୁଣ ଥାଏ। ତେଣୁ ଚୋପାକୁ ଗୁଣ୍ଡ କରି ମାଟିରେ ମିଶାଇଲେ ଏହା ଚେରକୁ ସଢ଼ିବାକୁ ଦିଏ ନାହିଁ। ଫିମ୍ପିଜନିତ ସମସ୍ୟା ଦୂର କରିଥାଏ।



## କୃଷି ପରାମର୍ଶ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ ନ କରିଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରିଦିଅନ୍ତୁ। ବର୍ଷାର ସମ୍ଭାବନା ଥିବାରୁ ଫସଲରେ ସାର ଓ କୀଟନାଶକ ପ୍ରୟୋଗ ସାମୁହିକ ସ୍ଥଗିତ ରଖନ୍ତୁ। ଶସ୍ୟଜାତୀୟ ଫସଲ, ମକା, ଚିନାବାଦାମ ଏବଂ ପନିପରିବା ଆଦି ଚାଷ ଜମିରୁ ବଳକା ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ବର୍ଷା ଯୋଗୁଁ ଫସଲରେ ପତ୍ର ପୋଡ଼ା, ଝାଉଁଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି। ତେଣୁ ବର୍ଷା ଛାଡ଼ିଗଲା ପରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ + ମାଙ୍କୋଜେବ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ।
- ଶୁଖିଲା ପାଗ ଦେଖି ଆଖୁ ଫସଲରେ ନାଲି ଶଢ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି କାର୍ବେଣ୍ଡାଜିମ୍ ୧୨% +ମାଙ୍କୋଜେବ ୬୩% ଡବ୍ଲ୍ୟୁ ପି, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ମାଛ ପୋଖରୀରୁ ଅଧିକ ଜଳ ନିଷ୍କାସନ କରନ୍ତୁ। ମାଛ ଯେପରି ବାହାରକୁ ନ ଆସିବେ ତାର ଯତ୍ନ ନିଅନ୍ତୁ। ଶିକାରୀ ଓ ଅଦରକାରୀ ମାଛ ନିରାକରଣ ପାଇଁ ହେକ୍ଟର ପ୍ରତି ୧.୫ କେଜି ମହୁଆ କେକ ୧ ମିଟର ଗଭୀର ପାଣିରେ ପ୍ରୟୋଗ କରନ୍ତୁ।



**ଏସିଆ କପ୍ ହକି**

# ଲିଗ୍ ଶୀର୍ଷରେ ଭାରତ, ମାଲେସିଆ

ରାଜଗିର,୧।୯ (ଏଜେନ୍ସି)




ବିହାର ୟୁନିଭର୍ସିଟି ସ୍ପୋର୍ଟ କମ୍ପ୍ଲେକ୍ସଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ଆଜି ଖେଳାଯାଇଥିବା ପୁଲ୍-ଏ'ର ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ୧୫-୦ ଗୋଲ ବ୍ୟବଧାନରେ କାଜାଖସ୍ଥାନକୁ ପରାସ୍ତ କରି ଶୀର୍ଷସ୍ଥାନ ହାସଲ କରିଛି। ପୂର୍ବରୁ ଜାପାନକୁ ଗୋଲ ବ୍ୟବଧାନରେ ପଛରେ ପକାଇ ଚୀନ୍ ଦ୍ୱିତୀୟସ୍ଥାନ ଅଧିକାର କରିଥିଲା। ଗ୍ରୁପ-ଏ'ର ମୁକାବିଲା ପୂର୍ବରୁ ଗ୍ରୁପ୍-ବି'ର ସମସ୍ତ ଲିଗ୍ ମ୍ୟାଚ୍ ଶେଷ ହୋଇଥିଲା। ଏଥିରେ ମାଲେସିଆ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ପ୍ରଥମ ଓ ଦକ୍ଷିଣ କୋରିଆ ୨ଟି ମ୍ୟାଚ୍ ଜିତି ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହା ଫଳରେ ବୁଧବାରଠାରୁ ଆରମ୍ଭ ହେଉଥିବା ସୁପର-୪ ମୁକାବିଲା ଲାଗି ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ଯଥାକ୍ରମେ ଗ୍ରୁପ୍-ଏ'ରୁ ଭାରତ ଓ ଚୀନ୍, ଗ୍ରୁପ୍-ବି'ରୁ ମାଲେସିଆ ଓ ଦକ୍ଷିଣ କୋରିଆ ସୁପର-୪ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

### ● ଘରୋଇ ଦଳର ହ୍ୟାଟ୍ରିକ୍ ବିଜୟ

ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଥିବା ଭାରତ ଗ୍ରୁପ୍-ଏ'ରେ ୩ଟି ଯାକ ମ୍ୟାଚ୍ ଜିତି ହ୍ୟାଟ୍ରିକ୍ ବିଜୟ ହାସଲ କରିଛି। ଆଜି ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚ୍‌ରେ ଦଳ କାଜାଖସ୍ତାନକୁ ୧୫-୦ ବିରାଟ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ଏହି ମୁକାବିଲାରେ ଭାରତ ପକ୍ଷରୁ ଅଭିଷେକ ୪ଟି, ଜୁଗରାଜ ସିଂହ ଓ ସୁଖଜିତ ସିଂହ ୩ଟି ଲେଖାଏଁ ଗୋଲ ଦେଇଥିଲେ। ଭାରତ ପ୍ରଥମ ମ୍ୟାଚ୍‌ରେ ଚୀନ୍‌କୁ ୪-୩, ଜାପାନକୁ ୩-୨ ଗୋଲରେ ପରାସ୍ତ କରି କଷ୍ଟସାଧ୍ୟ ବିଜୟ ହାସଲ କରିଥିଲା। ଏହି ଦୁଇଟି ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ହରମନପ୍ରୀତ୍ ସିଂହ ପ୍ରଥମରେ ୩ଟି ଓ ଦ୍ୱିତୀୟରେ ୨ଟି ଗୋଲ ସ୍କୋର କରିଥିଲେ। ଶେଷ ମ୍ୟାଚ୍‌ରେ କାଜାଖସ୍ଥାନକୁ ପରାସ୍ତ କରି ଭାରତ ହ୍ୟାଟ୍ରିକ୍ ବିଜୟ ସହ ପ୍ରଥମ ସ୍ଥାନରେ ରହି ସୁପର-୪କୁ ଉନ୍ନିତ ହୋଇଛି। ସେହିପରି ଚୀନ୍ ପ୍ରଥମ ମ୍ୟାଚ୍‌ରେ ଭାରତଠାରୁ ହାରିଯିବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ୧୩-୧ ଗୋଲ ବ୍ୟବଧାନରେ କାଜାକସ୍ତାନକୁ ପରାସ୍ତ କରିଥିଲା। ଶେଷରେ ଶକ୍ତିଶାଳୀ ଜାପାନ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖି ଚୀନ୍ ଗ୍ରୁପ୍-ଏ' ପଏଣ୍ଟ ତାଲିକାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଉଭୟ ଚୀନ ଓ ଜାପାନ ଦଳର ପଏଣ୍ଟ ସଂଖ୍ୟା ସମାନ ହୋଇଥିଲେ ମଧ୍ୟ ଗୋଲ ବ୍ୟବଧାନରେ ଚୀନ୍ ବହୁ ଆଗରେ ରହିଥିଲା। ଚୀନ୍ ୧୮ଟି ଗୋଲ ଦେଇ ୭ଟି ଗୋଲ ବରଣ କରିଥିଲାବେଳେ ଜାପାନ ୧୧ଟି ଗୋଲ ଦେଇ ୫ଟି ଗୋଲ ବରଣ କରିଥିଲା। ଏଣୁ ଚୀନ୍‌ର ଗୋଲ ବ୍ୟବଧାନ +୧୧ ଓ ଜାପାନର +୬ ହୋଇଥିଲା।

### ● ମାଲେସିଆ-୧, କୋରିଆ-୨

ଗ୍ରୁପ୍-ବି'ରେ ମାଲେସିଆ ତାହାର ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇଛି। ଏହି ଦଳ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବାଂଲାଦେଶ ଓ ଦକ୍ଷିଣ କୋରିଆକୁ ୪-୧ ଗୋଲ ବ୍ୟବଧାନରେ ପରାସ୍ତ କରିଥିଲା। ଆଜି ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚ୍‌ରେ ମାଲେସିଆ ୧୫-୦ ଗୋଲରେ ଚାଇନିଜ୍ ତାଇପେକୁ ପରାସ୍ତ କରି ହ୍ୟାଟ୍ରିକ୍ ବିଜୟ ସହ ଗ୍ରୁପ୍-ବି'ରେ ପ୍ରଥମସ୍ଥାନ ଅଧିକାର କରିଥିଲା। ସେହିପରି ଦକ୍ଷିଣ କୋରିଆ ଆଜି ୫-୧ରେ ବାଂଲାଦେଶକୁ ଓ ୭-୦ରେ ଚାଇନିଜ୍ ତାଇପେକୁ ପରାସ୍ତ କରି ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ବୁଧବାରଠାରୁ ସୁପର-୪ ମୁକାବିଲା ହେବ। ଏଥିରେ ପ୍ରତ୍ୟେକ ଦଳ ଅନ୍ୟ ସହ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଥରେ ଲେଖାଏଁ ମ୍ୟାଚ୍ ଖେଳିବେ। ସୁପର-୪'ରେ ପ୍ରଥମ ୨ଟି ସ୍ଥାନ ଅଧିକାର କରିଥିବା ଦଳ ମଧ୍ୟରେ ଫାଇନାଲ ମୁକାବିଲା ସେପ୍ଟେମ୍ବର ୭ରେ ଖେଳାଯିବ।

**● ଆଇସିସି ମହିଳା ଦିନିକିଆ ବିଶ୍ୱକପ୍**

## ଚାମ୍ପିଅନ ଦଳ ପାଇବ ୩୯.୪ କୋଟି



ଦୁବାଇ, ୧।୯ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆରମ୍ଭ ହେବ। ତେବେ ଏହି ମେଗା ଇଭେଣ୍ଟ ଆରମ୍ଭ ହେବା ପୂର୍ବରୁ ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଆଇସିସି ଏକ ବଡ଼ ନିଷ୍ପତ୍ତି ନେଇଛି। ଆଇସିସି ଏଥର ମହିଳା ବିଶ୍ୱକପ୍‌ର ପୁରସ୍କାର ରାଶିରେ ଆଶାତୀତ ବୃଦ୍ଧି କରିଛି। ଏଥର ରେକର୍ଡ ମୋଟ୍ ୧୨୨ କୋଟି ୪୧ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ମହିଳା ବିଶ୍ୱକପ୍ ଇତିହାସରେ ଏହା ସର୍ବକାଳୀନ ପୁରସ୍କାର ରାଶି ଭାବେ ଲିପିବଦ୍ଧ ହୋଇଛି। ସେହିଭଳି ଗତ ସଂସ୍କରଣ ତୁଳନାରେ ଏଥର ପୁରସ୍କାର ରାଶି ପାଖାପାଖି ୪ ଗୁଣା ବୃଦ୍ଧି ହୋଇଛି। ୨୦୨୨ରେ ନ୍ୟୁଜିଲାଣ୍ଡରେ ଆୟୋଜିତ ପୂର୍ବ ସଂସ୍କରଣରେ ମୋଟ୍ ୩୦ କୋଟି ୮୬ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଏଥର ଯେଉଁ ଦଳ ବିଶ୍ୱକପ୍ ବିଜୟୀ ହେବ ଟ୍ରଫି ସହ ୩୯.୫୦ କୋଟି ଟଙ୍କା ପାଇବ। ରନର୍ସଅପ୍ ହୋଇଥିବା ଦଳ ୧୯.୭୫ କୋଟି ଟଙ୍କା ସାଙ୍ଗରେ ନେବ। ସେହିଭଳି ସେମିଫାଇନାଲରେ ଦୁଇ ପରାଜିତ ଦଳକୁ ୯.୮୭ କୋଟି ଟଙ୍କା ମିଳିବ। ୨୦୨୨ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିବା ଅଷ୍ଟ୍ରେଲିଆ ମହିଳା ଦଳ ୧୧.୬୯ କୋଟି ଟଙ୍କା ପାଇଥିଲା। ମହିଳା କ୍ରିକେଟକୁ ପୁରୁଷଙ୍କ ସହ ସମାନ ମାନ୍ୟତା ଦେବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଛି। ଏହା ମହିଳା କ୍ରିକେଟ୍‌କୁ ଏକ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ଆଇସିସି ଅଧ୍ୟକ୍ଷ ଜୟ ଶାହା କହିଛନ୍ତି।

## ମନ୍ତ୍ରୀ ହେବେ ଆଝାରୁଦ୍ଦିନ !

ହାଇଦରାବାଦ, ୧।୯ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ତେଲଙ୍ଗାନା ସରକାରଙ୍କ କ୍ୟାବିନେଟରେ ସାମିଲ ହୋଇପାରନ୍ତି। ରାଜ୍ୟପାଳ କୋଟା ଅନୁଯାୟୀ ୬୨ ବର୍ଷୀୟ ଆଝାରୁଦ୍ଦିନଙ୍କୁ ବିଧାନ ପରିଷଦକୁ ମନୋନୀତ କରାଯାଇଛି। ଯାହାକୁ ନେଇ ଏହି ମହାନ କ୍ରିକେଟର୍ ତେଲଙ୍ଗାନା ସରକାରରେ ମନ୍ତ୍ରୀ ପଦ ପାଇବେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ନିକଟରେ ଜୁବଲି ହିଲ୍ସ ବିଧାନସଭା କ୍ଷେତ୍ର ଲାଗି ହେବାକୁ ଥିବା ଉପନିର୍ବାଚନ ପାଇଁ ଆଝାରୁଦ୍ଦିନ ନିଜକୁ କଂଗ୍ରେସ ଆଶାୟୀ ପ୍ରାର୍ଥୀ ଭାବେ ଘୋଷଣା କରିଥିଲେ। ପ୍ରକାଶଯୋଗ୍ୟ, ବର୍ତ୍ତମାନ ତେଲଙ୍ଗାନା ସରକାରରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କୁ ମିଶାଇ ୧୪ଜଣ ମନ୍ତ୍ରୀ ରହିଛନ୍ତି। ୩ଟି ମନ୍ତ୍ରୀ ପଦ ଖାଲି ପଡ଼ିଛି। ତେଣୁ ୬୨ ବର୍ଷୀୟ ଆଝାରୁଦ୍ଦିନଙ୍କୁ ମନ୍ତ୍ରୀ ପଦ ମିଳିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଭାରତ ପାଇଁ ୯୯ ଟେଷ୍ଟ ଓ ୩୩୪ ଦିନିକିଆ ମ୍ୟାଚ୍ ଖେଳିଥିବା ଆଝାରୁଦ୍ଦିନ ୨୦୦୯ରେ କଂଗ୍ରେସ ଟିକଟ୍‌ରେ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ।

## ବ୍ରୋଙ୍କୋ ଟେଷ୍ଟରେ ରୋହିତ ପାସ୍

ନୂଆଦିଲ୍ଲୀ,୧।୯ (ଏଜେନ୍ସି): ଖେଳାଳିଙ୍କ ଫିଟ୍‌ନେସ ଲାଗି ଗ୍ରହଣ କରାଯାଇଥିବା ଅତ୍ୟାଧୁନିକ ବ୍ରୋଙ୍କୋ ଟେଷ୍ଟରେ ଷ୍ଟାର କ୍ରିକେଟର ରୋହିତ ଶର୍ମା ପାସ୍ କରିଛନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏହି କଠିନ୍ ଟେଷ୍ଟରେ ତାଙ୍କୁ ଫସାଇ ଦିଆଯିବ ବୋଲି ସମର୍ଥକମାନେ ଆଶଙ୍କା ପ୍ରକାଶ କରିଥିଲେ। ଏବେ କିନ୍ତୁ ସମସ୍ତ କଳ୍ପନା ଜଳ୍ପନାକୁ ପ୍ରତିହତ କରି ରୋହିତ ଏହି ଟେଷ୍ଟରେ ପାସ୍ ହେବା ପରେ ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଖେଳିବା ନେଇ ସ୍ପଷ୍ଟ ହୋଇଛି। ରୋହିତ କେବଳ ଭାରତ ପକ୍ଷରୁ ଦିନିକିଆ କ୍ରିକେଟ ଖେଳୁଛନ୍ତି।

## ନୂଆଦିଲ୍ଲୀରେ ୨୦୨୬ ୱାର୍ଲ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍


ନୂଆଦିଲ୍ଲୀ,୧।୯ (ଏଜେନ୍ସି): ନୂଆଦିଲ୍ଲୀରେ ୨୦୨୬ ୱାର୍ଲ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଆସନ୍ତା ଅଗଷ୍ଟ ମାସରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ଭାରତରେ ଦ୍ୱିତୀୟଥର ଖେଳାଯିବ। ପୂର୍ବରୁ ହାଇଦ୍ରାବାଦ୍‌ରେ ୨୦୦୯ରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯାଇଥିଲା।

## କାଇଟ୍ ସର୍ଫିଙ୍ଗରେ ଓଡ଼ିଶାକୁ ୩ ପଦକ

ଭୁବନେଶ୍ୱର, ୧।୯ (ସମିସ): ତାମିଲନାଡୁରେ ଅନୁଷ୍ଠିତ କାଇଟ୍ ସର୍ଫି ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ୩ ପଦକ ମିଳିଛି। ଯେଉଁଥିରେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ରହିଛି। ଓଡ଼ିଶା ୟାଟିଂ ଆସୋସିଏସନରୁ ପ୍ରତିନିଧିତ୍ୱ କରି ସୌମ୍ୟଜିତ୍ ରୟ ଓ ଲୀନାରାଣୀ ଗଙ୍ଗଦେବ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଉଭୟ ୧୬ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ଭାଗନେଇଥିଲେ। ସେହିଭଳି ସିନିଅର ବର୍ଗରେ ନରେଶ ମଙ୍ଗରାଜ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲେ।

**ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ୍**

## ଜୋକୋଭିଚ୍-ଫ୍ରିଜ୍, ଆଲ୍‌କାରାଜ୍-ଲେହେକା କ୍ୱାର୍ଟର ମୁକାବିଲା






ନ୍ୟୁୟର୍କ,୧।୯ (ଏଜେନ୍ସି): ଏଠାରେ ଚାଲିଥିବା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ପ୍ରତିଯୋଗିତାର ପ୍ରଥମ ଦୁଇଟି କ୍ୱାର୍ଟର ଫାଇନାଲରେ କିଏ କାହା ସହ ମୁକାବିଲା କରିବେ ତାହା ସ୍ଥିର ହୋଇଯାଇଛି। ମଙ୍ଗଳବାର ରାତିରେ ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ସ୍ପେନ୍‌ର କାର୍ଲୋସ୍ ଆଲକାରାଜ ଓ ଚେକ ରିପବ୍ଲିକ୍‌ର ଜିରି ଲେହେକାଙ୍କ ମଧ୍ୟରେ ଖେଳାଯିବ। ସେହିପରି ଦ୍ୱିତୀୟ କ୍ୱାର୍ଟରଫାଇନାଲରେ ଚତୁର୍ଥ ସିଡ ଆମେରିକାର ଟେଲର ଫ୍ରିଜ୍‌ଙ୍କ ସହ ୨୫ତମ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଦୌଡ଼ରେ ଥିବା ୭ମ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ମୁକାବିଲା ହେବ। ଆଜି ରାତିରେ ଅବଶିଷ୍ଟ ୪ଟି ଚତୁର୍ଥ ରାଉଣ୍ଡ ମୁକାବିଲା ପରେ କ୍ୱାର୍ଟର ଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହେବ। ଏହା ମଧ୍ୟରୁ ପ୍ରଥମ ମୁକାବିଲାରେ ୮ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କ ସହ ଅଣସିଡେଡ ଖେଳାଳି ସ୍ୱିଜରଲାଣ୍ଡର ଲିଆଣ୍ଡ୍ରୋ ରିଏଡିଙ୍କର ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ୧୦ମ ସିଡ ଇଟାଲୀର ଲୋରେଞ୍ଜୋ ମୁସେଟୀଙ୍କ ସହ ସ୍ପେନ୍‌ର ଅଣସିଡେଡ ଖେଳାଳି ସ୍ପେନ୍‌ର ଜୁଆମ ମୁନାରଙ୍କ ମଧ୍ୟରେ ଖେଳାଯିବ। ଟପ୍ ସିଡ୍ ଜାନିକ ସିନ୍ନର ଓ ଆନ୍ଦ୍ରେ ରୁବ୍‌ଲେଭ ପରବର୍ତ୍ତୀ ଦୁଇଟି ମ୍ୟାଚ୍‌ରେ ବିଳମ୍ବିତ ରାତ୍ରିରେ ଲଢ଼େଇ କରିବେ।

### କ୍ୱାର୍ଟରରେ ସାବାଲେଙ୍କା, ପେଗୁଲା

ମହିଳା ବିଭାଗରେ ଟପ୍ ସିଡ ଆରିନା ସାବାଲେଙ୍କା ଓ ଚତୁର୍ଥ ସିଡ ଜେସିକା ପେଗୁଲା ଏକକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ରାତିରେ ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ବେଲାରୁଷର ସାବାଲେଙ୍କା ସହ ୨୬ ବର୍ଷିୟା ଚେକ୍ ରିପବ୍ଲିକ୍‌ର ମାର୍କେଟା ଭୋଣ୍ଡ୍ରୋଉସୋଭାଙ୍କାର ଓ ଆମେରିକାର ପେଗୁଲାଙ୍କ ସହ ଚେକ୍ ରିପବ୍ଲିକ୍‌ର ବାର୍ବୋରୋ କ୍ରେଜିକୋଭାଙ୍କର ମୁକାବିଲା ହେବ। ଅନ୍ୟ ଦୁଇଟି ଚତୁର୍ଥ ରାଉଣ୍ଡ ମୁକାବିଲା ଆଜି ରାତିରେ ଖେଳାଯାଉଛି। ଏଥିରେ ୧୧ତମ ସିଡ୍ କାରୋଲିନା ମୁଚୋଭାଙ୍କ ସହ ୨୭ ନମ୍ବର ସିଡ ମାର୍ତ୍ତା କୋସ୍ଟ୍ୟୁକଙ୍କର ଏବଂ ଶେଷ ମ୍ୟାଚ୍‌ରେ ୮ମ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କ ସହ ୧୮ତମ ସିଡ୍ ବ୍ରାଜିଲ୍‌ର ବିଏଟ୍ରିଜ୍ ହାଦାଦ ମାଇଆଙ୍କର ମୁକାବିଲା ହେବ।

## ରାଜ୍ୟ ବନ୍ଧୁକଚାଳନା ଉଦ୍‌ଘାଟିତ



ଭୁବନେଶ୍ୱର, ୧।୯ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ସୁଟିଂ ରେଞ୍ଜରେ ୧୪ତମ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୨୦୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ସୁଟର୍ ଅଂଶଗ୍ରହଣ କରିଛନ୍ତି। କଳିଙ୍ଗ ଷ୍ଟାଡିମୟରେ ୫୦ ମିଟର ରାଇଫଲ୍ ପ୍ରୋନ, ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନ, ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ, ୨୫ ମିଟର ସ୍ପୋର୍ଟ ପିସ୍ତଲ ଓ ୨୫ ମିଟର ସେନଟର୍ ପିସ୍ତଲ ପ୍ରତିଯୋଗିତା ୨ ଦିନ ଧରି ଚାଲିବ। ସେହିଭଳି ଉତ୍କଳ କରାଟେ ସ୍କୁଲଠାରେ ୧୦ ମିଟର ଏୟାର ରାଇଫଲ୍ ଓ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟ ସେପ୍ଟେମ୍ବର ୩ ଓ ୪ ଦୁଇଦିନ ଧରି ଆୟୋଜିତ ହେବ ବୋଲି ଜଣାପଡ଼ିଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଇଫଲ୍ ସଂଘର ସଭାପତି ସୁଶ୍ରୀ ଗୌରୀ ମହାନ୍ତି, ଉପସଭାପତି ଇଂ ଚିତ୍ତରଞ୍ଜନ ଓ ରୋମିକାନ୍ତ ନନ୍ଦ, ଯୁଗ୍ମ ସମ୍ପାଦକ ଆଶିଷ ନାୟକ, କୋଷାଧ୍ୟକ୍ଷ ବଳଭଦ୍ର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସୁଟର୍ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ।

**ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ଖେଳାଳି ସଂଘ**

## ନବରଞ୍ଜନ ସଭାପତି; ପ୍ରଫୁଲ୍ଲ ସମ୍ପାଦକ




ଭୁବନେଶ୍ୱର, ୧।୯ (ସମିସ): ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟର୍ସ ଆସୋସିଏସନର ୩ୟ ସାଧାରଣ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଚଳିତ ବର୍ଷ ନିମନ୍ତେ ନବରଞ୍ଜନ ପଟ୍ଟନାୟକ ସଭାପତି, ପ୍ରଫୁଲ୍ଲ କୁମାର ମିଶ୍ର ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିଭଳି ଉପସଭାପତି ଭାବେ ବିରଞ୍ଚି ନାରାୟଣ ମହାନ୍ତି, ବିବେକାନନ୍ଦ ଦାସ, ସୁକାନ୍ତ ଆଚାର୍ଯ୍ୟ, ପ୍ରଦୀପ କୁମାର ବଳିୟାରସିଂ ଓ ପ୍ରଦୀପ କୁମାର ଦଣ୍ଡପାଟଙ୍କୁ ମନୋନୀତ କରାଯାଇଛି। ଚିନ୍ମୟ କୁମାର ଦାଶ ଓ ପ୍ରଶାନ୍ତ କୁମାର ପ୍ରଧାନ ସହ-ସମ୍ପାଦକ, ଶ୍ରୀମନ୍ତ କୁମାର ମହାନ୍ତି କୋଷାଧ୍ୟକ୍ଷ ଏବଂ ଶ୍ରୀକାନ୍ତ ସାହୁ, ବିଳାସ ଚନ୍ଦ୍ର ବେହେରା, ଅଶୋକ କୁମାର ରାଉତରାୟ, ମଧୁସୂଦନ ଦାସ, ପ୍ରଦୀପ କୁମାର ଦାସ, ଦେବାଶିଷ ନାୟକ, ପ୍ରସନ୍ନ ଦାସ, ମହେଶ୍ୱର ସିଂ ଓ ବିଜୟ ବେହେରା କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହି ଅଧିବେଶରେ ୫୦ରୁ ଊର୍ଦ୍ଧ୍ୱ ସଂଖ୍ୟାରେ ପୁରାତନ ଖେଳାଳି ଉପସ୍ଥିତ ରହିଥିଲେ।

**ବିଶ୍ୱ ଚ୍ୟାଲେଞ୍ଜ କପ୍**

## ଓଡ଼ିଶା ଏଚ୍‌ପିସିରୁ ଭାଗନେବେ ୪ ଜିମ୍ନାଷ୍ଟ




ଭୁବନେଶ୍ୱର, ୧।୯ (ସମିସ)

ଫ୍ରାନ୍ସ ଓ ହଙ୍ଗେରୀରେ ଏଆଇଜି ୱାର୍ଲ୍ଡ ଚ୍ୟାଲେଞ୍ଜ କପ୍ ଜିମ୍ନାଷ୍ଟିକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ଲାଗି ୧୧ ଜଣିଆ ଭାରତୀୟ ଦଳ ଫ୍ରାନ୍ସ ଯାତ୍ରା କରିଛି। ଏହି ଦଳରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ଏଚ୍‌ପିସିର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ତପନ ମହାନ୍ତି, ପ୍ରଣତୀ ନାୟକ, ତପେଶ୍ୱରନାଥ ଦାସ ଓ ତନୁ। ଜୁଲାଇ ୨୨ରୁ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ଓଡ଼ିଶା ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ୍ସ ଏଚ୍‌ପିସିରେ ଜାତୀୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଭାବୀ ପ୍ରଦର୍ଶନ କରି ଏହି ୪ଜଣ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ତପନ ଓ ତପେଶ୍ୱର ସେପ୍ଟେମ୍ବର ୧୩ରୁ ପ୍ୟାରିସରେ ହେବାକୁ ଥିବା ବିଶ୍ୱ ଚ୍ୟାଲେଞ୍ଜ କପ୍‌ର ପୁରୁଷ ଜିମ୍ନାଷ୍ଟିକ୍ସରେ ଭାଗନେବେ। ଏହାପରେ ଉଭୟ ସେପ୍ଟେମ୍ବର ୨୬ରୁ ହଙ୍ଗେରୀରେ ହେବାକୁ ଥିବା ଇଭେଣ୍ଟରେ ମଧ୍ୟ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ସେହିଭଳି ପ୍ରଣତୀ ଓ ତନୁ ହଙ୍ଗେରୀର ଚ୍ୟାଲେଞ୍ଜ କପ୍‌ର ମହିଳା ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏଚ୍‌ପିସିର ମୁଖ୍ୟ ପ୍ରଶିକ୍ଷକ ଅଶୋକ କୁମାର ମିଶ୍ର ପ୍ୟାରିସରେ ହେବାକୁ ଥିବା ଫରେନ ଏକ୍ସପୋଜର କ୍ୟାମ୍ପ ପାଇଁ ମନୋନୀତ ହୋଇଛନ୍ତି।

## ଜାତୀୟ ବାହୁକୁସ୍ତିରେ ଚନ୍ଦନ 'ଚାମ୍ପିଅନ ଅଫ୍ ଚାମ୍ପିଅନ'



ଭୁବନେଶ୍ୱର, ୧।୯ (ସମିସ): ପଞ୍ଜାବର ଲୁଧିଆନାରେ ଜାତୀୟ ବାହୁକୁସ୍ତି ପ୍ରତିଯୋଗିତାର ୪୭ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଟକର ଚନ୍ଦନ ମହାପାତ୍ର ଉଭୟ ୟୁଥ୍ ଓ ସିନିଅରବର୍ଗରେ 'ଚାମ୍ପିଅନ ଅଫ୍ ଚାମ୍ପିଅନ' ହୋଇଛନ୍ତି। ଚନ୍ଦନ ୧୦୦ କିଗ୍ରା ଡାହାଣ ହସ୍ତ ୟୁଥ୍ ଓ ସିନିଅରରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ଅଫଜଲ ଅଲି, ଫୈଜାନ ଅହମ୍ମଦ, ଆଲୋକ ମହାପାତ୍ର, ପ୍ରବୀର ଷଡ଼ଙ୍ଗୀ କାଂସ୍ୟ ପଦକ ହାସଲ କରିଥିଲେ। ମାଷ୍ଟର୍ସ ବର୍ଗରେ ନିର୍ମଳ ସାହୁ ସ୍ୱର୍ଣ୍ଣ, ସାଗର ନାୟକ ରୌପ୍ୟ, ସନତ ମାହାର କାଂସ୍ୟ ଓ ଭିନ୍ନକ୍ଷମ ବର୍ଗରେ ଶୁଭଜିତ୍ ପାଢ଼ୀ ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ସ୍ୱା/- ମାନବ ସମ୍ବଳ ବିଭାଗ

ଯୋଗାଯୋଗ: ୯୪୩୭୦୧୬୪୯୯

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS